ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ୩ ଜିଲ୍ଲାର ୯୧୦ ଶ୍ରଦ୍ଧାଳୁ



ପୁରୀ, ୨୬/୯ (ପ୍ରସନ୍ନ କୁମାର ଲେଙ୍କା) : ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ୩ ଟି ଜିଲ୍ଲାର ୯୧୦ ଶ୍ରଦ୍ଧାଳୁ ଓ ସହାୟକଙ୍କ ସହ ମୋଟ ୧୦୩୦ ଜଣ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାରୁ ଏହି ଶ୍ରଦ୍ଧାଳୁମାନେ ଆସିଥିଲେ। ପର୍ଯ୍ୟଟନ ବିଭାଗ ସହାୟତା ଓ ପୁରୀ ଜିଲ୍ଲା ପ୍ରଶାସନର ସହଯୋଗରେ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ଆସିଥିବା ଶ୍ରଦ୍ଧାଳୁମାନେ ବୃନ୍ଦାବତୀ ନିବାସଠାରେ ପହଞ୍ଚି ଥିଲେ। ସେଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସମସ୍ତଙ୍କୁ ସ୍ୱାଗତ କରିବା ସହ ଶ୍ରଦ୍ଧାଳୁମାନଙ୍କ ସହ ଆଲୋଚନା କରିଥିଲେ। ଶ୍ରଦ୍ଧାଳୁମାନଙ୍କର ସମସ୍ତ ସୁବିଧା ସହ ରହିବା, ଖାଇବା, ଦର୍ଶନ କରିବାରେ କୌଣସି ସମସ୍ୟା ନ ରୁହେ ସେଥି ପ୍ରତି ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

ଶ୍ରଦ୍ଧାଳୁମାନେ ପୁରୀରେ ପହଞ୍ଚିବା ପରେ ଜଳଖିଆ ଖାଇ ମନ୍ଦିର ଦର୍ଶନ କରି ମଧ୍ୟାହ୍ନରେ ମଧ୍ୟାହ୍ନ ଭୋଜନ ଖାଇ ବିଶ୍ରାମ ନେଇଥିଲେ। ପୁନଶ୍ଚ ଅପରାହ୍ନରେ ଚା, ବିସ୍କୁଟ ଇତ୍ୟାଦି ଜଳଖିଆ ଖାଇ ସଂଧ୍ୟାରେ ମହାପ୍ରସାଦ ସେବନ କରି ନିଜ ନିଜ ଅଞ୍ଚଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସମସ୍ତ ବ୍ୟବସ୍ଥା ସୁନ୍ଦର ଓ ଶୃଙ୍ଖଳିତ ହୋଇ ଥିବାରୁ ସେମାନେ ଜିଲ୍ଲାପାଳ ଓ ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା,କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଓଏସଆରଟିସିର ମ୍ୟାନେଜର ତପସ୍ୱିନୀ ଭଞ୍ଜ, ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଦେବସ୍ମିତା ମହାନ୍ତି, ରୂପେଶ ରାଉତ ପ୍ରମୁଖ ବୃନ୍ଦାବତୀ ନିବାସରେ ଉପସ୍ଥିତ ରହି ଶ୍ରଦ୍ଧାଳୁମାନଙ୍କୁ ସ୍ୱାଗତ କରିବା ସହ ମହାପ୍ରଭୁଙ୍କ ଦର୍ଶନର ବ୍ୟବସ୍ଥା କରାଇଥିଲେ। ଏହି ପର୍ଯ୍ୟାୟରେ ୧୩ଟି ଜିଲ୍ଲାର ୧୦୫୩୫ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନର କାର୍ଯ୍ୟକ୍ରମ ରହିଛି।

# ଓଡ଼ିଶା ଉପକୂଳରେ ମେଗା ଗ୍ୟାସ୍ ଭଣ୍ଡାର

ଭୁବନେଶ୍ୱର/କୋଣାର୍କ, ୨୬/୦୯ (ଜେଏନ୍ଏସ୍): ଓଡ଼ିଶା ଉପକୂଳରେ ଭାରତୀୟ ଶକ୍ତି ସେକ୍ଟର ପାଇଁ ଏକ ଐତିହାସିକ ସଫଳତା ମିଳିଛି। କେନ୍ଦ୍ର ସରକାରଙ୍କ ରାଷ୍ଟ୍ରାୟତ୍ତ ସଂସ୍ଥା ଓଏନଜିସି ଓଡ଼ିଶାର ମହାନଦୀ ଅଫ୍‌ସୋର୍ ବେସିନ୍ ର ଗଭୀର ସମୁଦ୍ର ମଧ୍ୟରେ ଏକ ବିପୁଳ ପ୍ରାକୃତିକ ଗ୍ୟାସ୍ ର ଭଣ୍ଡାର ଠାବ କରିଛି । ଓଡ଼ିଶାର ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଉପକୂଳରୁ ମାତ୍ର ୪୩ କିଲୋମିଟର (ପ୍ରାୟ ୨୩ ନଟିକାଲ୍ ମାଇଲ୍) ଦୂର ବଙ୍ଗୋପସାଗର ଭିତରେ ଏହି ଆବିଷ୍କାର କରାଯାଇଛି। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ ଏହାକୁ ଦେଶର ଔଦ୍ୟୋଗିକ ଏବଂ ଶକ୍ତି ସୁରକ୍ଷା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ

**ମହାନଦୀ ବେସିନରୁ ପ୍ରାକୃତିକ ଗ୍ୟାସ ଠାବ କଲା ଓଏନ୍‌ଜିସି, ଭାରତର ଶକ୍ତି ସୁରକ୍ଷାରେ ନୂଆ ଅଧ୍ୟାୟ**

ମାଇଲଖୁଣ୍ଟ ବୋଲି ଅଭିହିତ କରିଛନ୍ତି। ଓଏନଜିସିର ସ୍ୱତନ୍ତ୍ର 'ସମୁଦ୍ର ମନ୍ଥନ' ଗଭୀର ସମୁଦ୍ର ଅଭିଯାନ ଅଧୀନରେ ମହାନଦୀ ବେସିନରେ ଏହା ପ୍ରଥମ ସଫଳ କୂପ ଖନନ ଅଟେ। 'ପ୍ଲାଟିନମ୍ ଏକ୍ସପ୍ଲୋରର' ନାମକ ଅତ୍ୟାଧୁନିକ ଡ୍ରିଲ୍‌ସିପ୍ ସାହାଯ୍ୟରେ ଗତ ଜୁଲାଇ ୨୫ ତାରିଖରୁ ଏହି ଖନନ କାର୍ଯ୍ୟ ଆରମ୍ଭ ହୋଇଥିଲା। ସମୁଦ୍ର ପତ୍ତନଠାରୁ ପ୍ରାୟ ୭୭୦ ମିଟର ଗଭୀର ଜଳରାଶି ମଧ୍ୟରେ ୧,୬୨୩ ମିଟର ପର୍ଯ୍ୟନ୍ତ ମାଟି ଖୋଳାଯାଇଥିଲା। ଏହି କ୍ରମରେ ଭୂପୃଷ୍ଠର ପ୍ରାୟ ୧,୪୪୧ ରୁ ୧,୪୫୨ ମିଟର ଗଭୀରତାରେ ଏହି ଗ୍ୟାସ୍ ସ୍ତରର ସନ୍ଧାନ ମିଳିଛି। ଓଏନଜିସି କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ଗତ ୩ ଦିନ ଧରି ଏହି ସନ୍ଧାନିତ କୂପରୁ




ଅତି ଉତ୍ସାହଜନକ ବେଗ ଏବଂ ସ୍ଥିର ଚାପ ସହିତ ପ୍ରାକୃତିକ ଗ୍ୟାସ ପ୍ରବାହିତ ହେଉଛି। ବର୍ତ୍ତମାନର ବିଶ୍ୱ ଭୂ-ରାଜନୀତିରେ ତେଲ ଏବଂ ପ୍ରାକୃତିକ ଗ୍ୟାସକୁ ନେଇ ଚାଲିଥିବା ବିବାଦ ମଧ୍ୟରେ ଭାରତ ନିଜର ଘରୋଇ ଉତ୍ପାଦନ ବୃଦ୍ଧି ପାଇଁ କ୍ରମାଗତ ଚେଷ୍ଟା କରୁଛି। ମହାନଦୀ ବେସିନର ଏହି ଗ୍ୟାସ ଭଣ୍ଡାର ଓଡ଼ିଶା ଉପକୂଳର ଅତି ନିକଟରେ ଥିବାରୁ ଏହାର ବାଣିଜ୍ୟିକ ବ୍ୟବହାର ଓ ପରିବହନ ଅତି ସହଜରେ ଏବଂ କମ୍ ଖର୍ଚ୍ଚରେ କରାଯାଇପାରିବ। ଏହା ଆଗାମୀ ଦିନରେ ଓଡ଼ିଶାରେ ନୂତନ ଶିଳ୍ପ ପ୍ରତିଷ୍ଠା ଏବଂ ବିଦେଶୀ ଗ୍ୟାସ ଆମଦାନୀ ଉପରେ ଦେଶର ନିର୍ଭରଶୀଳତା କମାଇବାରେ ଏକ ଗେମ୍-ଚେଞ୍ଜର ସାବ୍ୟସ୍ତ ହେବ। ବର୍ତ୍ତମାନ ଏହି ଗ୍ୟାସ ଭଣ୍ଡାରର ପ୍ରକୃତ ଆକାର ଏବଂ ଏହାର ବାଣିଜ୍ୟିକ ଲାଭଦାୟକତା ନିର୍ଣ୍ଣୟ କରିବା ପାଇଁ ଓଏନଜିସି ପକ୍ଷରୁ ଅଧିକ ସମୀକ୍ଷା ଓ ବୈଷୟିକ ମୂଲ୍ୟାଙ୍କନ ପ୍ରକ୍ରିୟା ଜାରି ରହିଛି।

# ବାଲେଶ୍ୱର ଜିଲ୍ଲାରେ ଏସ୍ଆଇଆର୍-୨୦୨୬ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ

ବାଲେଶ୍ୱର, ୨୬/୦୯ (ଜେଏନ୍ଏସ୍) : ସ୍ୱତନ୍ତ୍ର ସଘନ ସଂଶୋଧନ (ଝଓଜ)-୨୦୨୬ ପ୍ରକ୍ରିୟା ସମାପ୍ତ ପରେ ବାଲେଶ୍ୱର ଜିଲ୍ଲାର ୮ଟି ବିଧାନସଭା ନିର୍ବାଚନମଣ୍ଡଳୀର ଚୂଡ଼ାନ୍ତ ଭୋଟର ତାଲିକା ଆଜି ସନ୍ଧ୍ୟା ୫.୦୦ ଘଟିକା ସମୟରେ ପ୍ରକାଶ ପାଇଛି। ଚୂଡ଼ାନ୍ତ ତାଲିକା ଅନୁସାରେ ବାଲେଶ୍ୱର ଜିଲ୍ଲାରେ ୧୮,୧୧,୫୧୭ ଜଣ ଭୋଟର ଅଛନ୍ତି। ସେଥିରୁ ପୁରୁଷ ୯,୨୯,୪୬୬, ମହିଳା ୮,୮୧,୯୯୦ ଓ ତୃତୀୟ ଲିଙ୍ଗର ୬୧ ଜଣ ଅଛନ୍ତି। ଡ୍ରାଫ୍ଟ ତାଲିକା ତୁଳନାରେ ଚୂଡ଼ାନ୍ତ ତାଲିକାରେ ୭,୮୮୯ ଜଣ ଭୋଟର ବୃଦ୍ଧି ପାଇଛନ୍ତି।

ଜିଲ୍ଲାର ୨୪୧୫ଟି ମତଦାନ କେନ୍ଦ୍ରରେ ୨୪୧୫ ଜଣ ବୁଥସ୍ତରୀୟ ଅଧିକାରୀ, ୨୪୨ ଜଣ ଇଖଡଂ ସୁପରଭାଇଜର ଓ ଇଖଡଂମାନଙ୍କ ଉପସ୍ଥିତିରେ ଏହି ପ୍ରକ୍ରିୟା ସୁଚାରୁ ଭାବେ ସମ୍ପନ୍ନ ହୋଇଛି। ଏହି ସଂଶୋଧନ ପ୍ରକ୍ରିୟାରେ ଜିଲ୍ଲାର ୮ଟି ବିଧାନସଭା ନିର୍ବାଚନମଣ୍ଡଳୀର ୮ ଜଣ ରଜଡଂ, ୩୪ ଜଣ ଇରଜଡଂ ଓ ସମ୍ପୃକ୍ତ କର୍ମଚାରୀମାନେ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ କାର୍ଯ୍ୟ ସମ୍ପାଦନ କରିଛନ୍ତି।




ପ୍ରି-ଡ୍ରାଫ୍ଟ ପର୍ଯ୍ୟାୟରେ ଜିଲ୍ଲାର ମୋଟ ୧୮,୯୭,୨୭୭ ଜଣ ଭୋଟରଙ୍କ ମଧ୍ୟରୁ ୧୮,୨୮,୬୭୪ ଜଣଙ୍କୁ ମ୍ୟାପିଂ କରାଯାଇଥିବାବେଳେ ୬୮,୬୦୩ ଜଣଙ୍କର ମ୍ୟାପିଂ ହୋଇନଥିଲା। ଦାବି ଓ ଆପତ୍ତି ଅବଧିରେ ମୋଟ ୨,୭୨,୬୬୧ଟି ଶୁଣାଣି ଅନୁଷ୍ଠିତ ହୋଇଥିଲା। ଏସ୍ଆଇଆର୍ ସମୟରେ ଫର୍ମ-୬ ମାଧ୍ୟମରେ ୧୩,୪୮୯ଟି ନାମ ଅନ୍ତର୍ଭୁକ୍ତି ଓ ଫର୍ମ-୭ ମାଧ୍ୟମରେ ୨୬,୫୫୫ଟି ନାମ ବିଲୋପ ପାଇଁ ପ୍ରକ୍ରିୟା କରାଯାଇଥିଲା। ନିର୍ଦ୍ଧାରିତ ଆଇନଗତ ପ୍ରକ୍ରିୟା ପରେ ମୃତ, ସ୍ଥାନାନ୍ତରିତ, ଅନୁପସ୍ଥିତ/ଅନୁସନ୍ଧାନଯୋଗ୍ୟ ନଥିବା ଏବଂ ଡୁପ୍ଲିକେଟ୍ ଏଣ୍ଟ୍ରି ଯାଞ୍ଚ କରାଯାଇଛି। ଯୁବ ଓ ପ୍ରଥମ ଥର ଭୋଟରଙ୍କ ପଞ୍ଜୀକରଣ ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଛି। ଡ୍ରାଫ୍ଟ ତାଲିକାରେ ୧୦,୬୨୬ ଜଣ ଯୁବ ଭୋଟର ଥିବାବେଳେ ଚୂଡ଼ାନ୍ତ ତାଲିକାରେ ଏହା ୧୫,୬୫୭କୁ ବୃଦ୍ଧି ପାଇଛି। ସମସ୍ତ ଭୋଟରଙ୍କୁ ନିଜ ନାମ ଓ ବିବରଣୀ ଚୂଡ଼ାନ୍ତ ତାଲିକାରେ ଯାଞ୍ଚ କରିବାକୁ ଅନୁରୋଧ କରାଯାଇଛି। ଭୋଟରମାନେ ଝକ୍ଟଗ୍ରରକ୍ସଗ୍ଳ.ରମସ.ଶକ୍ଟଙ୍କ. ସଭ ୱେବସାଇଟ୍ କିମ୍ବା ନିଜ ମତଦାନ କେନ୍ଦ୍ର ମାଧ୍ୟମରେ ତଥ୍ୟ ଯାଞ୍ଚ କରିପାରିବେ। ସହାୟତା ପାଇଁ ୧୯୫୦ ଟୋଲ୍-ଫ୍ରି ନମ୍ବରରେ ଯୋଗାଯୋଗ କରିପାରିବେ।

ରଜଡଂଙ୍କ ଆଦେଶରେ ଅସନ୍ତୁଷ୍ଟ ବ୍ୟକ୍ତି ଆଇନ ଅନୁଯାୟୀ ପ୍ରଥମ ଓ ଦ୍ୱିତୀୟ ଅପିଲ୍ କରିପାରିବେ। ପ୍ରଥମ ଅପିଲ୍ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଏବଂ ଦ୍ୱିତୀୟ ଅପିଲ୍ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରାଯାଇପାରିବ।

# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ୩୮ ଅଭିଯୋଗର ଶୁଣାଣି




ପୁରୀ, ୨୬/୯ (ଜେଏନ୍ଏସ୍) : ପିପିଲି ବ୍ଲକ ସଭାଗୃହଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସୁଶାନ୍ତ କୁମାର ପତି ଅଧ୍ୟକ୍ଷତା କରିଥିଲେ। ଏହି ଶୁଣାଣିରେ ମୋଟ ୩୮ ଗୋଟି ଅଭିଯୋଗ ପତ୍ର ମିଳିଥିଲା। ସେଥିରୁ ବ୍ୟକ୍ତିଗତ ୩୦ ଗୋଟି, ସାମୁହିକ ୮ ଗୋଟି ଆବେଦନ ପତ୍ର ମିଳିଥିଲା। ଅଭିଯୋଗ ପତ୍ରଗୁଡ଼ିକୁ ଆଇନ ଅନୁସାରେ ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପଠାଯାଇଥିଲା। ଏହି ଶୁଣାଣି ଶିବିରରେ ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ପିପିଲି ଏସଡିପିଓ ଦେବାଶିଷ ମିଶ୍ର, ପିପିଲି ବିଡିଓ ସରୋଜ କୁମାର ରାଉତ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଆସନ୍ତା ୨୮ ତାରିଖ ଡେଲାଙ୍ଗ ବ୍ଲକ ସମ୍ମିଳନୀ ଗୃହରେ ଦିବା ୧୦ ଘଟିକାଠାରୁ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ବିବେକାନନ୍ଦ ସାହୁ ସୂଚନା ଦେଇଛନ୍ତି।

# ବାତ୍ୟା ମୁକାବିଲା ପାଇଁ ମନ୍ତ୍ରୀ ଓ ଜିଲ୍ଲାପାଳଙ୍କ ସମୀକ୍ଷା ବୈଠକ

ଭବାନୀପାଟଣା, ୨୬/୦୯ (ଜେଏନ୍ଏସ୍) : ପୂର୍ବ-କେନ୍ଦ୍ରୀୟ ଏବଂ ତତ୍ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ସୃଷ୍ଟ ଲଘୁଚାପ ଏବଂ ଗତକାଲି ଠାରୁ ଆରମ୍ଭ ପ୍ରତିକୂଳ ପାଣିପାଗ ଓ ଗଭୀର ଅବପାତକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଆଭାସୀ ମାଧ୍ୟମରେ ଜିଲ୍ଲାର ପ୍ରସ୍ତୁତି ସମ୍ପର୍କରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲଦାର ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କ ନେଇ ଗତକାଲି ୨୨.୯.୨୦୨୬ ରିଖ ସମୀକ୍ଷା କରିଛନ୍ତି। ଏହି ଅବସରରେ ଆଜି ତା ୨୩.୯.୨୦୨୬ ରିଖ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଦକ୍ଷିଣ ଓଡ଼ିଶା ସମସ୍ତ ଜିଲ୍ଲାପାଳଙ୍କୁ ନେଇ ଆଭାସୀ ମାଧ୍ୟମରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।ଏଥିରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଏବଂ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବୈତୁରା ଦୀପ ଙ୍କ ସହ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ଆଇଏମଡିର ଆକଳନ ଅନୁଯାୟୀ, ଆସନ୍ତା କାଲି ୨୪ ରେଡ୍ ୱାର୍ଣ୍ଣ ଓ ୨୫ ସେପ୍ଟେମ୍ବର ୨୦୨୬ ପାଇଁ 'ଅରେଞ୍ଜ ୱର୍ଣ୍ଣ' ଜାରି କରାଯାଇଛି। ସମ୍ଭାବ୍ୟ ପ୍ରତିକୂଳ ପାଣିପାଗକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ କ୍ଷେତ୍ରସ୍ତରରେ ଗ୍ରହଣ କରାଯାଇଥିବା ପ୍ରସ୍ତୁତିମୂଳକ ପଦକ୍ଷେପର ସମୀକ୍ଷା କରିବା ସହ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲଦାର ଓ ବିଡିଓମାନଙ୍କର ଛୁଟି ବାତିଲ କରାଯାଇଛି। ସେମାନଙ୍କୁ ନିଜ ନିଜ ମୁଖ୍ୟାଳୟରେ ସଜାଗ ଓ ଉପସ୍ଥିତ ରହିବା ସହ ଉଚ୍ଚ କର୍ତ୍ତୃପକ୍ଷଙ୍କ ପୂର୍ବାନୁମତି ବିନା ମୁଖ୍ୟାଳୟ ବାହାରକୁ ନଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ପଞ୍ଚାୟତ ଏବଂ ବ୍ଲକସ୍ତରରେ ଚୂଡ଼ା, ଚାଉଳ ଭଳି ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ମହଜୁଦ ସ୍ଥିତି ସମୀକ୍ଷା କରିବା ସହ ଜରୁରୀକାଳୀନ ପରିସ୍ଥିତିରେ ଆବଶ୍ୟକ ସାମଗ୍ରୀର ଅଭାବ ନହେବା ପାଇଁ ପର୍ଯ୍ୟାପ୍ତ ପରିମାଣରେ ଅତ୍ୟାବଶ୍ୟକ ସାମଗ୍ରୀ ଉପଲବ୍ଧତା ସୁନିଶ୍ଚିତ କରିବାକୁ ସିଏସଓ ଏବଂ ସମସ୍ତ ବିଡିଓମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ବର୍ଷାଜଳର ସୁଗମ ନିଷ୍କାସନ ସୁନିଶ୍ଚିତ କରିବା ତଥା ଜଳବନ୍ଦୀ ପରିସ୍ଥିତି କିମ୍ବା ଆକସ୍ମିକ ବନ୍ୟାର ଆଶଙ୍କା ହ୍ରାସ କରିବା ପାଇଁ ସମସ୍ତ ପୌରାଞ୍ଚଳର ଡ୍ରେନ୍ ଗୁଡିକୁ ଡି-ସିଲ୍ଟିଂ (ପଙ୍କ ନିଷ୍କାସନ) ପାଇଁ ସମସ୍ତ




କାର୍ଯ୍ୟନିର୍ବାହୀ ଅଧିକାରୀ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗଛ ପଡ଼ିବା କିମ୍ବା ମାତ୍ରାଧିକ ବର୍ଷା ଯୋଗୁଁ ରାସ୍ତା ଅବରୋଧ ଭଳି ଘଟଣାରେ ତୁରନ୍ତ ପଦକ୍ଷେପ ନେଇ ଯଥାଶୀଘ୍ର ଯାତାୟାତ ସ୍ୱାଭାବିକ କରିବା ପାଇଁ ଅଗ୍ନିଶମ ସେବା କର୍ମଚାରୀଙ୍କୁ ସଜାଗ ରହିବା ସହ ବିଦ୍ୟୁତ୍ ସରବରାହରେ ବାଧା ଉପୁଜିଲେ ତୁରନ୍ତ ପୁନଃସ୍ଥାପନ ପାଇଁ ପର୍ଯ୍ୟାପ୍ତ ମାନବ ସମ୍ବଳ ଓ ଆବଶ୍ୟକ ସାଧନ ପ୍ରସ୍ତୁତ ରଖିବାକୁ ଟାଟା ପାୱାରର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଏହା ସହିତ, ମତ୍ସ୍ୟଜୀବୀଙ୍କ ସମେତ ସ୍ଥାନୀୟ ଲୋକଙ୍କୁ ବର୍ତ୍ତମାନର ପାଣିପାଗ ଓ ବଜ୍ରପାତ ପରିସ୍ଥିତିରେ ନଦୀ ମଧ୍ୟକୁ ମାଛ ଧରିବା କିମ୍ବା ଅନ୍ୟ କୌଣସି କାର୍ଯ୍ୟ ପାଇଁ ଦେଶୀ ଡଙ୍ଗା ଯୋଗେ ଯାତାୟାତ ନକରିବାକୁ ସ୍ଥାନୀୟ ବିଡିଓ ଏବଂ ତହସିଲଦାରଙ୍କ ତତ୍ତ୍ୱାବଧାନରେ ମାଇକିଂ ଦ୍ୱାରା ବ୍ୟାପକ ସଚେତନତା କାର୍ଯ୍ୟ ଚାଲୁ ରହିଛି। ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆଜି ୨୩ ଓ ଆସନ୍ତା କାଲି ୨୪ ସେପ୍ଟେମ୍ବର ଦୁଇଦିନ ଜିଲର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ବ୍ଲକର ବିଦ୍ୟାଳୟ ମାନଙ୍କରେ ୨୮ ଟି ସାମୟିକ ଆଶ୍ରୟ ସ୍ଥଳ, ଅଗ୍ନିଶମ ବିଭାଗର ପ୍ରସ୍ତୁତି,ଥୁଆମୂଳ ରାମପୁର,ଏମରାମପୁର,କୋକସରା ଏବଂ ଲାଞ୍ଜିଗଡ ବ୍ଲକ ର ଭୂସ୍ଖଳନ ଚିହ୍ନଟ ଓ ସତର୍କତା,ଗର୍ଭବତୀ ମହିଳାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର,ଅତି ଆବଶ୍ୟକ ଔଷଧ ସହ ୧୩ ଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ପ୍ରସ୍ତୁତ,କୃଷି ବିଭାଗ କର୍ମଚାରୀଙ୍କ ଦ୍ୱାରା ସମ୍ଭାବ୍ୟ ଫସଲ ନଷ୍ଟ ଉପରେ ସତର୍କତା, ସମସ୍ତ ତହସିଲ ରେ ୮୦୦୦ ପଲିଥିନ ବ୍ୟବହାର ପାଇଁ ମହଜୁଦ୍, ସମସ୍ତ ବ୍ଲକ ଓ ତହସିଲ ଠାରେ କଣ୍ଟ୍ରୋଲ ରୁମ ସହ ସହାୟତା ଓ ସୁଚନା ପାଇଁ ଜିଲ୍ଲା ଜରୁରୀ କଣ୍ଟ୍ରୋଲ ରୁମ ନମ୍ବର ୦୬୬୭୦ ୨୩୦୪୫୭ ଏବଂ ୦୬୬୭୦ ୨୩୦୪୫୫ ବ୍ୟବସ୍ଥା କରାଯାଇଛି। ଜରୁରୀକାଳୀନ ପରିସ୍ଥିତିରେ ଜନସାଧାରଣଙ୍କ ଠାରୁ ସୂଚନା ଗ୍ରହଣ, ଅବିଳମ୍ବେ ପଦକ୍ଷେପ ଗ୍ରହଣ ଏବଂ ଆବଶ୍ୟକ ସହାୟତା ପ୍ରଦାନ ପାଇଁ ଜିଲ୍ଲା ଓ ବ୍ଲକସ୍ତରୀୟ ନିୟନ୍ତ୍ରଣ କକ୍ଷ ୨୪ ଘଣ୍ଟା କାର୍ଯ୍ୟକ୍ଷମ ରହିବ। ତେଣୁ ସମସ୍ତ ଜନସାଧାରଣ ସଜାଗ ରହି ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ଜାରି କରାଯାଉଥିବା ସରକାରୀ ସୂଚନା ଓ ପରାମର୍ଶ ପାଳନ କରିବା ସହ ଏହି ସମୟରେ ଜିଲ୍ଲା ପ୍ରଶାସନକୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାହାନଗା, ୨୬/୦୯ (ଜେଏନ୍ଏସ୍) : ଆଜି ପୂର୍ବାହ୍ନ ଘ: ୧୦.୦୦ ଟିକା ସମୟରେ ବାଲେଶ୍ୱର ଜିଲ୍ଲାର ବାହାନଗା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବାହାନଗା ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୧୫୦ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୧୩୪ ଗୋଟି ବ୍ୟକ୍ତିଗତ ଓ ୩ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୧୩ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି



ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୧୭ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ, ଉପ ଜିଲ୍ଲାପାଳ, ବାଲେଶ୍ୱର ଶ୍ରୀଯୁକ୍ତ ଶିବ ମାଲବ୍ୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ଼ା. ଦିଲ୍ଲୀପ କୁମାର ଜେନା, ଭାରପ୍ରାପ୍ତ ବିଡିଓ, ବାହାନଗା ବ୍ଲକ ଶ୍ରୀଯୁକ୍ତ ବିକ୍ରମ କେଶରୀ ପରିଡ଼ା ଓ ବାହାନଗା ତହସିଲଦାର ଶ୍ରୀମତୀ ଅମ୍ବିକା ଭୂୟାଁଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# କଟକ କଲେଜରୁ ରେଭେନ୍ସା ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ

ପ୍ରସିଦ୍ଧ ଲେଖିକା ଓ ଚିତ୍ରଶିଳ୍ପୀ ମେରୀ ଆନ ରାଡମାଚର କହନ୍ତି " ସାହସ ସବୁବେଳେ ଗରଜେ ନାହିଁ। ଏହାର ସ୍ୱର କ୍ଷୀଣ ଓ ଶାନ୍ତ ବି ହୋଇପାରେ ।" ତାଙ୍କୁ ଯେତେବେଳେ ଇଷ୍ଟ ହଷ୍ଟେଲରୁ କାଢ଼ି ଦିଆଗଲା ଓ ଇଷ୍ଟ ହଷ୍ଟେଲକୁ ହୋଟେଲ ମ୍ୟାନେଜମେଣ୍ଟ ପାଠ୍ୟକ୍ରମରେ ନାମ ଲେଖାଇଥିବା ଧନୀକ ପିଲାମାନଙ୍କ ରହିବା ପାଇଁ ପ୍ରସ୍ତୁତ କରାଗଲା, ସେମାନେ ଆମରଣ ଅନଶନରେ ବସିଗଲେ - ସୌଭାଗ୍ୟ, ପ୍ରତାପ, ସମ୍ବିତ, ଗଣେଶ, ବିଷ୍ଣୁପଦ ଓ ବିକ୍ରମ। ବିଶ୍ୱବିଦ୍ୟାଳୟ ପ୍ରଶାସନ, ତତ୍କାଳୀନ ରାଜ୍ୟସରକାରଙ୍କ କ୍ଷମତା କେନ୍ଦ୍ରଙ୍କ ଦମନଲୀଳା ଆମେ ସମସ୍ତେ ଦେଖିଛେ । ବର୍ଷାଧିକ ସମୟ ଏହି ନିରବ ପ୍ରତିବାଦ ·ଲୁ ରହିଲା ଓ ସର୍ବଶେଷରେ ଓଡିଶା ହାଇକୋର୍ଟର ତତ୍କାଳୀନ ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ଡ଼ଃ ଭି.ଗୋପାଳଗୌଡାଙ୍କ ଦୁଇଜଣିଆ ଖଣ୍ଡପୀଠ ଏହି ପିଲାମାନଙ୍କୁ ନ୍ୟାୟ ପ୍ରଦାନ କଲେ, ସେମାନେ ଇଷ୍ଟ ହଷ୍ଟେଲରେ ପୁଣି ତାଲା ଖୋଲି ରହିଲେ । ସେଇ ଦିନଠୁଁ ଏବେ ଯାଏଁ ଗରୀବ, ମେଧାବୀ ରେଭେନ୍ସୀୟ ଛାତ୍ରମାନେ ପୁଣି ଇଷ୍ଟ ହଷ୍ଟେଲରେ ରହୁଛନ୍ତି । ଏଇ କିଛିଦିନ ତଳେ ତାଙ୍କ ଡେପୁଟି ୱାର୍ଡେନ୍ ଦୁଇଟି ରୁମ୍ ପୁଣି ତାଲା ପକାଇ ଦେଇ ଅନ୍ତେବାସୀଙ୍କୁ ରୁମରୁ ବାହାର କରିଦେବାକୁ ନେଇ ଅନ୍ତେବାସୀମାନଙ୍କ ସାମୁହିକ ପ୍ରତିବାଦରୁ ଆରମ୍ଭ ଘଟଣା ଗଣମାଧ୍ୟମ ଗୁଡିକରରୋଚକ ଶିରୋନାମା ସାଜିଥିଲା।

ଏଇ ଗଲା ଦୁଇମାସ ତଳେ ମଧ ଇଷ୍ଟ ହଷ୍ଟେଲ୍ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟ ଖବରକାଗଜର ଶିରୋନାମା ସାଜିଥିଲା। ଓଡ଼ିଶାର ଅପହଁଚ ଅଞ୍ଚଳରେ ଅବସ୍ଥିତ ଟୋଲଙ୍କପଡା ଗାଁର ଜଣେ ଚଷା ପୁଅ ଶ୍ରୀମାନ ବୁବୁନ ସାହୁ ଓଡିଶା ପ୍ରଶାସନିକ ସେବା, ଓ.ଏ.ଏସ ପରୀକ୍ଷାରେ ଟପ୍ପର ହେଲେ । ସେ ଦିନ ଇଷ୍ଟ ହଷ୍ଟେଲ୍‌ରେ,ତାଙ୍କ ପୂର୍ବ ଅନ୍ତେବାସୀ ବୁବୁନ୍‌ଙ୍କ ସମ୍ମାନାର୍ଥେ ଯେଉଁ ଉତ୍ସବର ବାତାବରଣ ସୃଷ୍ଟି ହୋଇଥିଲା, ତାହା ସେମାନଙ୍କ ଫେସ୍‌ବୁକ୍ ପେଜ୍‌ରୁ ଏବେ ବି ଦେଖିପାରିବେ। ସବୁଜ ସାହିତ୍ୟର ଏନ୍ତୁଡ଼ିଶାଳ ଇଷ୍ଟ ହଷ୍ଟେଲ୍‌ରେ, ନବ୍ୟ ସବୁଜର ଅନାବରଣ ପାଇଁ ଦୀର୍ଘ ଛ' ବର୍ଷ ହେଲା ଆଉ ଜଣେ କନିଷ୍ଠ ରାଜ୍ୟ ପ୍ରଶାସନିକ ସେବା ଅଧିକାରୀ ଓ ରେଭେନ୍ସା ସାଇନ୍ସ ସୋସାଇଟୀର ପ୍ରାକ୍ତନ ଜନପ୍ରିୟ ସମ୍ପାଦକଙ୍କ ନେତୃତ୍ୱରେ ନିରବ ସାଧନା ·ଲିଥିବା କଥା ଆପଣ ଛାତ୍ରାବାସର ସାହିତ୍ୟ ପ୍ରେମୀ ଅନ୍ତେବାସୀମାନଙ୍କ ସହ କଥା ହେଲେ ଯାଇ ଜାଣିପାରିବେ।

କାର୍ଯ୍ୟରତ ସର୍ବଭାରତୀୟ ପ୍ରଶାସନିକ ସେବା ଅଧିକାରୀଙ୍କ ମଧ୍ୟରୁ ଯେତିକି ଓଡ଼ିଆ ଆଇ.ଏ.ଏସ୍ ଅଫିସର ଓଡିଶାର ବିଭିନ୍ନ ଜିଲ୍ଲାର କଲେକ୍ଟର ପଦରେ ଆସୀନ, ତନ୍ମଧ୍ୟରୁ ପାଖାପାଖି ଅଧା ଅଫିସର ରେଭେନ୍ସାର ପୂର୍ବ ଛାତ୍ର ଓ ଏହାର ଏକ ତୃତୀୟାଂଶ ଇଷ୍ଟ ହଷ୍ଟେଲର ପ୍ରାକ୍ତନ ଅନ୍ତେବାସୀ । ରେଭେନ୍ସାରେ ପାଠ ପଢି ବିଦେଶରେ ପି.ଏଚ.ଡି.- ପର ଗବେଷଣା ·ଲୁରଖିଥିବା ମେଧାବୀ ଛାତ୍ରଛାତ୍ରୀମାନଙ୍କ ସଫଳତାର କାହାଣୀ ଶୁଣିଲେ ଆପଣ ଆଶ୍ଚର୍ଯ୍ୟାନ୍ୱିତ ହେବେ। ଏହି ପରି ଜଣେ ଯୁବ ଗବେଷକ, ଯିଏ କି ରେଭେନ୍ସାରେ ସ୍ନାତକ ଶ୍ରେଣୀରେ ପଢୁଥିବାବେଳେ କେନ୍ଦ୍ରସରକାରଙ୍କଠାରୁ ବୃତ୍ତିପାଇ ମୋ' ସହ ଗବେଷଣା କରିବା ପୂର୍ବକ ସେତେବେଳେ ଏ.ଆଇ.ପିର ଜର୍ଣ୍ଣାଲରେଏକ ରିସର୍ଚ୍ଚ ପେପର ପ୍ରକାଶିତ କରିଥିଲା, ଆଜି ବିଦେଶରେ ଗବେଷଣାରତ ଓ ତାଙ୍କର ସାଇଟେସନ୍ ପାଖାପାଖି ସଂଇତିରିଶ ହଜାର (୩୭,୦୦୦) । ଓଡିଶାର ବିଶ୍ୱବିଦ୍ୟାଳୟଗୁଡିକରେ ଅଧ୍ୟାପକଭାବେ କାର୍ଯ୍ୟ କରୁଥିବା କୌଣସି ଅଧ୍ୟାପକଙ୍କ ଏତିକି ସାଇଟେସନ ଥିବ କି ନାହିଁ ସନ୍ଦେହ ! ଏହି ପରି ସଦ୍ୟ ରେଭେନ୍ସା ଛାଡିଥିବା ଛାତ୍ରଛାତ୍ରୀମାନଙ୍କ ସଫଳତାର କାହାଣୀ ଅତୀବ ରୋମାଞ୍ଚକର ଗପଠାରୁ କିଛି କମ୍ ନୁହେଁ ! କଟକ କଲେଜରୁ ରେଭେନ୍ସା ବିଶ୍ୱବିଦ୍ୟାଳୟର ଯାତ୍ରା ଆଧୁନିକ ଭାରତ ଇତିହାସର ଏକ ସ୍ୱର୍ଦ୍ଧିତ ଅଧ୍ୟାୟ। ରେଭେନ୍ସାରେ ଶିକ୍ଷାଦାନ କରୁଥିବା ଅଧ୍ୟାପକମାନଙ୍କ ବିଷୟରେ ଇତିହାସର ପୃଷ୍ଠାଗୁଡିକ ଯେତିକି ମୁଖର, ରେଭେନ୍ସାର ଛାତ୍ରଛାତ୍ରୀମାନେ ଉତ୍ତର ଜୀବନରେ ଦେଶ ଓ ବିଶ୍ୱରେ ଯେଉଁ କୀର୍ତ୍ତୀମାନ ସ୍ଥାପନ କରି ଯାଇଛନ୍ତି, ସେ ସବୁର କଥା ଓ କାହାଣୀ ଓଡିଶା ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲେଖା ଅନବଦ୍ୟ ଅଧ୍ୟାୟ କହିଲେ ଅତ୍ୟୁକ୍ତି ହେବନାହିଁ। ରେଭେନ୍ସାରେ ପଢ଼ିଥିବା ଛାତ୍ରଛାତ୍ରୀମାନଙ୍କ ସଫଳତା ପାଇଁ ଏହାର ଶିକ୍ଷାଦାନକୁ ଶ୍ରେୟ ଦେବା କି ନାହିଁ ଭାବିଲାବେଳକୁ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଜନପ୍ରିୟ ସାହିତିକ ଓ ରେଭେନ୍ସୀୟ ପୂର୍ବଛାତ୍ର ସ୍ୱର୍ଗତ ବସନ୍ତ କୁମାର ଶତପଥିଙ୍କ ଆତ୍ମଜୀବନୀ, ""ମନେପଡେ" ଆଖି ଆଗରେ ଭାସି ଆସେ, ""ପ୍ରଥମେ କଳାମିଚିମିଚି ଲୋମଶ କ୍ଷୁଦ୍ରକାୟ କୁକୁରଟି ପଶି ଆସେ । ପ୍ରଫେସର ୱିଲିୟମ ଭିକ୍ଟର ଡ୍ୟୁକ୍ ପାଠ ପଢ଼ାଇବା ଆରମ୍ଭ କରନ୍ତି। ସେ ଏମିତି ଭୋ ଭୋ କରି ଉଚ୍ଚାରଣ କରୁଥିଲେ ଯେ, ତାଙ୍କ କଥାରୁ ଆମେ ଗୋଟିଏ ବି ଶବ୍ଦ ବୁଝିପାରୁନଥିଲୁ । ବହୁଦିନ ପରେ ଥରେ କାନ ଡେରି ଶୁଣିବାବେଳେ ମୋ କାନକୁ, ""ସେଭେନ୍ ୱାଇଭ୍‌ସ୍ ଶୁଭିଲା। ସେ ଦିନ ଆମେ ଜାଣିଲୁ ସେ ରାଜା ଅଷ୍ଟମ ହେନେରୀଙ୍କ ବିଷୟରେ ପଢ଼ାଉଛନ୍ତି। ଇଂଲଣ୍ଡ ଇତିହାସ ପଢ଼ାଉଛନ୍ତି!" କଟକର ସେ କଲେଜରେ ଡ୍ୟୁକ୍ ସାହେବଙ୍କ ପରି ଅଧ୍ୟାପକଙ୍କ ସହ ପ୍ରଫେସର ଆର୍ତ୍ତବଲ୍ଲଭଙ୍କ ପରି ସହୃଦୟ ଓ ଛାତ୍ରବତ୍ସଳ ଅଧ୍ୟାପକମାନେ ବି ଥିଲେ । ଡ୍ୟୁକ ସାହେବ, ଜଣେ ପିଅନକୁ ପଂଶ ଟଙ୍କା ଜୋରିମାନା କରିବା ବେଳେ, ଆର୍ତ୍ତବଲ୍ଲଭ ସାର୍ ପ୍ରଥମେ ନିଜେ ଓ ପରେ ଆଉ ·ରି ଜଣ ଅଧ୍ୟାପକଙ୍କୁ ଡାକି ନେଇ ଡ୍ୟୁକ୍ ସାହେବଙ୍କୁ ଏପରି ବାରମ୍ବାର ସବିନୟ ଅନୁରୋଧ କଲେ ଯେ, ସାହେବ ବିରକ୍ତ ହୋଇ ଅର୍ଡରଟା ଚିରିଦେଲେ। ଧୋତି, ପୁରାହାତ ଧଳାସାର୍ଟ, ଧଳା ଉତ୍ତରୀୟ କାନ୍ଧରେ ପକାଇ ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତି ଉତ୍ତର ରାମଚରିତ, ସ୍ୱପ୍ନ ବାସବଦତ୍ତମ୍, କିରାତାର୍ଜୁନୀୟମ୍ ପ୍ରଭୃତି ପାଠ ପଢ଼ାଇବାବେଳେ ସତେ ଯେମିତି ତନ୍ମୟ ହୋଇଯାଉଥିଲେ। ତାଙ୍କ, ""ଶଶିସେଣା" କାବ୍ୟ ଉଚ୍ଚାରଣବେଳେ ପିଲାମାନଙ୍କ ଦେହର ଲୋମ ଟାଙ୍କୁରି ଉଠୁଥିଲା-," ଭ୍ରୂଲତା କି କାମ କମାଣ ଶର ଲୋଚନ ବେନି/ପାଟକଶାଣେ ବସାଇଛ ବିନ୍ଧେ ଅପାଙ୍ଗ ଘେନି/ ମଳୟ ସମୀର ମନ୍ଦିର ନାସା ଅଟଇ ତାର/ବସନ୍ତ ଆସେ ବିଙ୍ଘସିତ ହୁଏ କି ଶୁକଧର" । (ଶଶି ସେଣା)

ସୁତରାଂ କଟକ କଲେଜ, ରେଭେନ୍ସା କଲେକ, ରେଭେନ୍ସା ବିଶ୍ୱବିଦ୍ୟାଳୟ, ଏ ପରିବର୍ତ୍ତନର ପ୍ରତିଟି ପୃଷ୍ଠାରେ ଯେଉଁ ଅଧ୍ୟାପକ, ପ୍ରଫେସରମାନଙ୍କ ନାଁ ପଢିବାକୁ ମିଳିବ, ସେମାନଙ୍କ ମଧ୍ୟରେ ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ପରି ଅଳ୍ପ କିଛି ଶିକ୍ଷକ ଓ ଡ୍ୟୁକ୍ ସାହେବଙ୍କ ପରି ଅଧିକାଂଶ ଶିକ୍ଷକ ମିଳିବା ଅସମ୍ଭବ ନୁହେଁ! ତେବେ ସାମଗ୍ରିକ ଭାବେ ରେଭେନ୍ସା ଛାତ୍ରଛାତ୍ରୀମାନଙ୍କ ବିକାଶ ପାଇଁ ଏକ ଉର୍ବର କ୍ଷେତ ରହିଆସିଛି। ଆଭିଜାତ୍ୟ ସଂପନ୍ନ ବଡ ବଡ ଶ୍ରେଣୀଗୃହ, ଅତ୍ୟାଧୁନିକ ଲାବୋରାଟୋରୀ, ଐତିହ୍ୟ ସଂପନ୍ନ କନିକା ପାଠାଗାର, ସେଣ୍ଟେନାରୀ ଲାଇବ୍ରେରୀ , ପ୍ରତ୍ୟେକ ହଷ୍ଟେଲ୍‌ର ସ୍ୱୀୟ ପାଠାଗାର, ପ୍ରାର୍ଥନା ଘର, ସିକ୍ ରୁମ୍, ମେସ୍, ·ରି ·ରିଟା ଟେନିସ କୋର୍ଟ, ଫୁଟ୍‌ବଲ୍, ଭଲି, ବାସ୍କେଟବଲ ଖେଳିବା ପାଇଁ ସରଞ୍ଜାମ ଓ ବ୍ୟାପକ ଖେଳପଡିଆ, ଘାସ ବଗି· ଓ ସୁନ୍ଦର ଉଦ୍ୟାନ ସବୁ, ତାଳଦଣ୍ଡା କେନାଲ୍‌ରେ କଲେଜର ବୋଟ୍ କ୍ଲବ, ସୂର୍ଯ୍ୟସ୍ନାନ-ରେଭେନ୍ସାଭିଆନ୍ -ଜାଗରଣ- ଉର୍ମି-ପୂର୍ବାଶା ପରି ଆଧୁନିକ ଓଡିଆ ସାହିତ୍ୟର ଏନ୍ତୁଡିଶାଳ ଥିଲା ରେଭେନ୍ସା ନାମକ ଶିକ୍ଷାନୁଷ୍ଠାନ ।

ରେଭେନ୍ସା ଆଜି ଯାହା ଚିନ୍ତା କରେ, କାଲି ଓଡିଶା ସେଇ ବାଟରେ ଯା। ଏ ବୋଲି ଯେଉଁ ଲୋକ କଥାଟି ଅଛି, ତାହା କେବଳ ଏକ ବୌଦ୍ଧିକ ଅବଧାରଣା କିମ୍ବା ସୁନ୍ଦର ସ୍ଲୋଗାନଟିଏ ନୁହଁ । ଓଡିଶାର ନେତୃତ୍ୱ ନେଇଥିବା ଦୁଇ ତୃତୀୟାଂଶରୁ ଅଧିକ ମାନ୍ୟବର ମୁଖ୍ୟମନ୍ତ୍ରୀ, ଅର୍ଦ୍ଧାଧିକ ମୁଖ୍ୟ ଶାସନ ସଚିବ, ପ୍ରାୟ ସମସ୍ତ ପ୍ରଥିତଯଶା ବୈଜ୍ଞାନିକ , ସାହିତିକ ଓ ଅର୍ଥନୀତିଜ୍ଞ ରେଭେନ୍ସୀୟ, - ଏହା ଏକ ଐତିହାସିକ ସତ୍ୟ। ବିଜ୍ଞାନ, ସାହିତ୍ୟ, ପ୍ରଶାସନରେ ରେଭେନ୍ସୀୟମାନେ ସଂପ୍ରତି କିପରି ଛାଇ ହୋଇ ରହିଛନ୍ତି ତାହା ସ୍ପଷ୍ଟ ଦୃଶ୍ୟମାନ। ଏହି ମସ୍ତିଷ୍କଗୁଡିକୁ ରେଭେନ୍ସାର କେଉଁ ଗୋଟିଏ ଘଟକ ବିକଶିତ କରି ନାହିଁ, ରେଭେନ୍ସାର ପରିବେଶ ସାମଗ୍ରିକ ଭାବେ ଏହି ବିକାଶର ଦ୍ୟୋତକ କହିଲେ ଅତ୍ୟୁକ୍ତି ହେବ ନାହିଁ । ଯୁଗେ ଯୁଗେ ଚଉକିର କରାମତି ଓ କାରସାଦି ବିର୍ତକର ବଳୟରେ ରହି ଆସିଛି। ରେଭେନ୍ସା ନାମକ ରାଜସିଂହାସନ ଆଖିକୁ ଦିଶୁଥିବା କୌଣସି କାରୁକାର୍ଯ୍ୟପୂର୍ଣ୍ଣ ଚଉକି ନୁହେଁ, ବରଂ ରେଭେନ୍ସାର ଛାତ୍ର ଓ ପୂର୍ବ ଛାତ୍ରମାନଙ୍କୁ ନେଇ ଗଠିତ ଢାଞ୍ଚା ତେଣୁ ଛାତ୍ର ଛାତ୍ରୀ ବିଷୟକ ମାମଲାରେ ସମ୍ବେଦନଶୀଳତା ଓ ସର୍ତକତା ସର୍ବାଦୌ ଗ୍ରହଣୀୟ । ବୁଢ଼ୀ ପରା କହେ ଆଲୋ ସଖି ଆପଣା ମହତ ଆପେ ରଖି।

ଡଃ ଗୌରୀଶଙ୍କର ସାହୁ
କାମାକ୍ଷାନଗର, ଢେଙ୍କାନାଳ
ମୋ- ୭୯୭୮୪୨୧୮୩୫



ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ଜ୍ଞାନେଶ କୁମାରଙ୍କ ବିରୋଧରେ କଂଗ୍ରେସର ଦେଶବ୍ୟାପୀ ପ୍ରତିବାଦ

ନୂଆଦିଲ୍ଲୀ/ଭୁବନେଶ୍ୱର,୨୬/୦୬ : ଦେଶର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ବଡ଼ ଧରଣର ଅନିୟମିତତା ହୋଇଥିବା ଅଭିଯୋଗ କରି କଂଗ୍ରେସ ପକ୍ଷରୁ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ଏକ ବୃହତ ଦେଶବ୍ୟାପୀ ପ୍ରତିବାଦ ପ୍ରଦର୍ଶନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ କର୍ମୀମାନେ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସମ୍ପ୍ରତି ପ୍ରକାଶିତ ଏକ ରିପୋର୍ଟ ଅନୁସାରେ, ନିର୍ବାଚନ କମିଶନଙ୍କ ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ସମୟରେ ପ୍ରାୟ ୧୩ କୋଟି (୧୩୦ ମିଲିୟନ) ଭୋଟରଙ୍କ ନାମ ତାଲିକାରୁ ବାଦ୍ ପଡ଼ିଥିବା କଂଗ୍ରେସ ଅଭିଯୋଗ କରିଛି। ବିରୋଧୀ ଦଳଗୁଡ଼ିକର କହିବା କଥା ଯେ, ବିରୋଧୀ ଦଳଗୁଡ଼ିକର ଗଡ଼ ଭାବେ ଜଣାଶୁଣା ଅଞ୍ଚଳରୁ ଯୋଜନାବଦ୍ଧ ଭାବେ ଭୋଟରଙ୍କ ନାମ କାଟି ଦିଆଯାଇଛି, ଯାହା ଶାସକ ଦଳକୁ ଫାଇଦା ପହଞ୍ଚାଇବ। ଏହା ସହିତ ନିର୍ବାଚନ କମିଶନଙ୍କ ଭିତରୁ ହିଁ ବିବାଦ ସାମ୍ନାକୁ ଆସିଛି, ଯେଉଁଠି ଅନ୍ୟ ଦୁଇଜଣ ନିର୍ବାଚନ କମିଶନର (ସୁଖବୀର ସିଂ ସାନ୍ଧୁ ଏବଂ ବିବେକ ଜୋଶୀ) ଗତ ୧୦ ମାସ ମଧ୍ୟରେ କେତେକ ନିଷ୍ପତ୍ତିକୁ ନେଇ ୧୪ ଥର ଆନୁଷ୍ଠାନିକ ଭାବେ ଆପତ୍ତି ଉଠାଇଥିଲେ । ମୁଖ୍ୟ କମିଶନର ଅନ୍ୟ ସଦସ୍ୟଙ୍କ ଅଗୋଚରରେ ଅନେକ ବେଆଇନ ନିଷ୍ପତ୍ତି ନେଇଥିବା ଅଭିଯୋଗ ହୋଇଛି ।




**ଗିରଫଦାରୀ ଓ ଇସ୍ତଫା ଦାବି କରି ରାଜ୍ୟ ନିର୍ବାଚନ କାର୍ଯ୍ୟାଳୟ ଘେରିଲା କଂଗ୍ରେସ**

ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏହାକୁ 'ଭୋଟ୍ ଚୋରି' ଏବଂ ଦେଶ ପ୍ରତି 'ଦେଶଦ୍ରୋହ' ବୋଲି ଆଖ୍ୟା ଦେଇଛନ୍ତି. ସେ ଟ୍ୱିଟର ମାଧ୍ୟମରେ କହିଛନ୍ତି ଯେ ଭୋଟ୍ ଚୋରି କରିବା ଭାରତୀୟ ସମ୍ବିଧାନ ଉପରେ ଏକ ସିଧାସଳଖ ଆକ୍ରମଣ. କଂଗ୍ରେସ ନେତାମାନେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ତୁରନ୍ତ ଇସ୍ତଫା ଏବଂ ତାଙ୍କ ବିରୋଧରେ ମାମଲା ରୁଜୁ କରି ଗିରଫ କରିବାକୁ ଦାବି କରିଛନ୍ତି. କଂଗ୍ରେସ ସହ ଅନ୍ୟାନ୍ୟ ବିରୋଧୀ ଦଳ ମଧ୍ୟ ସଂସଦରେ ସିଇସିଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବା ପାଇଁ ରଣନୀତି ପ୍ରସ୍ତୁତ କରୁଛନ୍ତି । ଅପରପକ୍ଷେ, ଭାରତୀୟ ନିର୍ବାଚନ କମିଶନ ଏବଂ ବିଜେପି ପକ୍ଷରୁ ଏହି ସମସ୍ତ ଅଭିଯୋଗକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରାଯାଇଛି। କମିଶନ ସ୍ପଷ୍ଟ କରିଛନ୍ତି ଯେ ସଂସ୍ଥା ମଧ୍ୟରେ ମତଭେଦ ରହିବା ଏକ ସ୍ୱାଭାବିକ ଗଣତାନ୍ତ୍ରିକ ପ୍ରକ୍ରିୟା ଏବଂ ସମସ୍ତ ନିଷ୍ପତ୍ତି ସର୍ବସମ୍ମତି କ୍ରମେ ଆଇନ ଅନୁଯାୟୀ ନିଆଯାଇଛି ।

# ହ୍ୱାଇଟ୍ ହାଉସରେ ଐତିହାସିକ ଟ୍ରମ୍ପ-ଜିନପିଙ୍ଗ୍ ଭେଟ

ୱାଶିଂଟନ,୨୬/୦୯ : ଆମେରିକା ଏବଂ ଚୀନ ମଧ୍ୟରେ ଲାଗି ରହିଥିବା ରଣନୈତିକ ତିକ୍ତତା ମଧ୍ୟରେ ଗୁରୁବାର ହ୍ୱାଇଟ୍ ହାଉସରେ ଏକ ସ୍ମରଣୀୟ ରାଜନୈତିକ ଦୃଶ୍ୟ ଦେଖିବାକୁ ମିଳିଛି. ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଏକ ଦଶନ୍ଧି ପରେ ୱାଶିଂଟନ ଗସ୍ତରେ ଥିବା ଚୀନ ରାଷ୍ଟ୍ରପତି ଶି ଜିନପିଙ୍ଗଙ୍କ ମଧ୍ୟରେ ଏକ ଦ୍ୱିପାକ୍ଷିକ ଶିଖର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି. ଉଭୟ ନେତା ନିଜର ବ୍ୟକ୍ତିଗତ ବନ୍ଧୁତା ବିଷୟରେ ଆଲୋଚନା କରିବା ସହ ଦୁଇ ମହାଶକ୍ତିଙ୍କ ମଧ୍ୟରେ ସ୍ଥିରତା ଓ ସହଯୋଗ ବୃଦ୍ଧି ଉପରେ ଜୋର ଦେଇଛନ୍ତି ।

ଏହି ସମିଟ୍‌ର ସବୁଠାରୁ ବଡ଼ ସଫଳତା ହେଉଛି ଉଭୟ ଦେଶ ମଧ୍ୟରେ ଚାଲିଥିବା ଟାରିଫ୍ ବା ଶୁଳ୍କ ଯୁଦ୍ଧ ଉପରେ ସାମୟିକ ରୋକ୍. ପୂର୍ବରୁ ହୋଇଥିବା ବାଣିଜ୍ୟ ବିରତି ଚୁକ୍ତିକୁ ଆଉ ଦୁଇ ମାସ ପାଇଁ ଅର୍ଥାତ୍ ଆସନ୍ତା ଜାନୁଆରୀ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଦୁଇ ନେତା ସହମତ



ହୋଇଛନ୍ତି. ଚୀନ ଏହି ଅବଧିକୁ ଅତିକମରେ ଦୁଇ ବର୍ଷ ବଢ଼ାଇବାକୁ ଆଶା ରଖିଥିଲେ ମଧ୍ୟ ଏହି ସ୍ୱଳ୍ପକାଳୀନ ଆଶ୍ୱସ୍ତି ବିଶ୍ୱ ବଜାରକୁ କିଛି ମାତ୍ରାରେ ସ୍ଥିରତା ପ୍ରଦାନ କରିବ ବୋଲି ଅର୍ଥନୀତିଜ୍ଞମାନେ ମତ ଦେଇଛନ୍ତି ।

ଓଭାଲ୍ ଅଫିସରେ ଅନୁଷ୍ଠିତ ଆଲୋଚନା ସମୟରେ ଟେକ୍ନୋଲୋଜି ଓ ସୁରକ୍ଷା ସମ୍ପର୍କିତ ପ୍ରସଙ୍ଗ ବିଶେଷ ସ୍ଥାନ ପାଇଥିଲା. ଚୀନ ରାଷ୍ଟ୍ରପତି ଜିନପିଙ୍ଗ ଚେତାବନୀ ଦେଇ କହିଛନ୍ତି ଯେ, କୃତ୍ରିମ ବୁଦ୍ଧିମତ୍ତା ବା ଇଓ ସର୍ବଦା ମାନବ ନିୟନ୍ତ୍ରଣରେ ରହିବା ଉଚିତ୍, ଯେପରି ଏହା ମାନବଜାତି ପାଇଁ ବିପଦ ସୃଷ୍ଟି ନକରେ. ଏହା ସହ ତାଇୱାନ ପ୍ରସଙ୍ଗରେ ଚୀନର ସାର୍ବଭୌମତ୍ୱକୁ ସମ୍ମାନ ଦେବା ଏବଂ ଇରାନ ଯୁଦ୍ଧକୁ ବୁଝାମଣା ମାଧ୍ୟମରେ ଶୀଘ୍ର ଶେଷ କରିବାକୁ ଜିନପିଙ୍ଗ ଆମେରିକାକୁ ଅନୁରୋଧ କରିଛନ୍ତି ।

ଦିନସାରା ସାମରିକ ପ୍ୟାରେଡ୍ ଏବଂ ବୈଠକ ପରେ ରାଷ୍ଟ୍ରପତି ଟ୍ରମ୍ପ ଏବଂ ପ୍ରଥମ ମହିଳା ମେଲାନିଆ ଟ୍ରମ୍ପଙ୍କ ପକ୍ଷରୁ ହ୍ୱାଇଟ୍ ହାଉସର ଇଷ୍ଟ ରୁମ୍‌ରେ ଏକ ଭବ୍ୟ ନୈଶଭୋଜିର ଆୟୋଜନ କରାଯାଇଥିଲା. ଏହି ନୈଶଭୋଜିରେ ଟେସଲାର ଏଲନ ମସ୍କ, ଆପଲ୍‌ର ଟିମ୍ କୁକ୍, ଏନଭିଡିଆର ଜେନସେନ ହୁଆଙ୍ଗ ଏବଂ ଓପନ-ଏଆଇର ସାମ୍ ଅଲ୍ଟମ୍ୟାନଙ୍କ ଭଳି ଅନେକ ଆମେରିକୀୟ ଟେକ୍ କମ୍ପାନୀର ମୁଖ୍ୟମାନେ ସାମିଲ ହୋଇଥିଲେ, ଯାହା ବାଣିଜ୍ୟିକ ଆଲୋଚନାର ଗୁରୁତ୍ୱକୁ ଦର୍ଶାଉଛି । ନୈଶଭୋଜି ସମୟରେ ରାଷ୍ଟ୍ରପତି ଟ୍ରମ୍ପ ଚୀନର ରାଷ୍ଟ୍ରପତି ଓ ତାଙ୍କ ପତ୍ନୀଙ୍କୁ ପ୍ରଶଂସା କରିବା ସହ ନିଜେ ଏବଂ ମେଲାନିଆ ମିଶି ପ୍ରସ୍ତୁତ କରିଥିବା ଆମେରିକାର ଜାତୀୟ ପ୍ରତୀକ 'ବାଲ୍ଡ ଇଗଲ୍'ର ଏକ ଆକର୍ଷଣୀୟ ପ୍ରତିମୂର୍ତ୍ତି ଉପହାର ସ୍ୱରୂପ ପ୍ରଦାନ କରିଥିଲେ. ବିଶ୍ଳେଷକଙ୍କ ମତରେ, ଏହି ସମିଟ୍‌ରେ ଅନେକ ଜଟିଳ ପ୍ରସଙ୍ଗର ସମ୍ପୂର୍ଣ୍ଣ ସମାଧାନ ହୋଇନଥିଲେ ମଧ୍ୟ, ଦୁଇ ଦେଶ ମଧ୍ୟରେ ଯୋଗାଯୋଗ ଓ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ବଜାୟ ରଖିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

- ବାଣିଜ୍ୟ ଚୁକ୍ତି ଅବଧି ବୃଦ୍ଧି ଓ ଏଆଇ ନିୟନ୍ତ୍ରଣ ଉପରେ ଗୁରୁତ୍ୱ
- ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ମାନବ ନିୟନ୍ତ୍ରଣରେ ରହିବା ଜରୁରୀ
- ଦୁଇ ମାସ ପାଇଁ ବଢ଼ିଲା 'ବାଣିଜ୍ୟ ଯୁଦ୍ଧ' ବିରତି
- ହ୍ୱାଇଟ୍ ହାଉସରେ ଭବ୍ୟ ରାଷ୍ଟ୍ରୀୟ ନୈଶଭୋଜି

# ଆଫଗାନିସ୍ତାନ ଉପରେ ପାକିସ୍ତାନର ଏୟାରଷ୍ଟ୍ରାଇକ



ଇସଲାମାବାଦ/କାବୁଲ, ୨୬/୦୯ : ମଧ୍ୟପ୍ରାଚ୍ୟରେ ଇରାନକୁ କେନ୍ଦ୍ର କରି ଯୁଦ୍ଧ ପରିସ୍ଥିତି ଘନଉଥିବା ବେଳେ ଏହାର ପଡ଼ୋଶୀ ଅଞ୍ଚଳରେ ଏକ ନୂଆ ଯୁଦ୍ଧ ସମ୍ମୁଖ ସୃଷ୍ଟି ହୋଇଛି । ଆଫଗାନିସ୍ତାନ ସୀମା ଭିତରୁ ପାକିସ୍ତାନ ଉପରକୁ ହେଉଥିବା ଆତଙ୍କବାଦୀ ଆକ୍ରମଣର ଜବାବରେ ପାକିସ୍ତାନ ବାୟୁସେନା ଆଫଗାନିସ୍ତାନର ୧୦ଟି ସ୍ଥାନରେ ପ୍ରଚଣ୍ଡ ଏୟାରଷ୍ଟ୍ରାଇକ (ବିମାନ ଆକ୍ରମଣ) କରିଛି । ଏହି ଆକ୍ରମଣରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି ଏବଂ ସୀମାନ୍ତରେ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହୋଇଛି । ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଗୁରୁବାର ବିଳମ୍ବିତ ରାତିରେ ପାକିସ୍ତାନୀ ବାୟୁସେନାର ଯୁଦ୍ଧବିମାନଗୁଡ଼ିକ ଆଫଗାନିସ୍ତାନ ସୀମା ମଧ୍ୟକୁ ପ୍ରବେଶ କରିଥିଲେ । ପୂର୍ବ ଆଫଗାନିସ୍ତାନର ଖୋସ୍ତ, କୁନାର ଏବଂ ପାକ୍ତିକା ପ୍ରଦେଶର ପ୍ରାୟ ୧୦ଟି ସନ୍ଦିଗ୍ଧ ଆତଙ୍କବାଦୀ ଆସ୍ରାସ୍ଥଳୀ ଓ ତାଲିମ କେନ୍ଦ୍ର ଉପରେ ଏହି ବୋମାବର୍ଷଣ କରାଯାଇଛି । ପାକିସ୍ତାନ ଦାବି କରିଛି ଯେ, ନିଷିଦ୍ଧ ଆତଙ୍କବାଦୀ ସଂଗଠନ 'ତେହରିକ-ଇ-ତାଲିବାନ ପାକିସ୍ତାନ' ର କମାଣ୍ଡରମାନେ ଏହି ଶିବିରଗୁଡ଼ିକରୁ ପାକିସ୍ତାନ ସେନା ଉପରେ ଆକ୍ରମଣ ଯୋଜନା କରୁଥିଲେ, ଯାହାକୁ ଏହି ଏୟାରଷ୍ଟ୍ରାଇକ ଜରିଆରେ ଧ୍ୱଂସ କରାଯାଇଛି । ଆଫଗାନିସ୍ତାନର ଶାସକ ତାଲିବାନ ସରକାର ଏହି ଆକ୍ରମଣକୁ ତୀବ୍ର ନିନ୍ଦା କରିବା ସହ ଏହାକୁ ନିଜର ସାର୍ବଭୌମତ୍ୱ ଉପରେ ଖୋଲାଖୋଲି ଆକ୍ରମଣ ବୋଲି କହିଛି । ତାଲିବାନର ମୁଖପାତ୍ର ଦାବି କରିଛନ୍ତି ଯେ, ପାକିସ୍ତାନର ଏହି ବୋମାମାଡ଼ରେ କୌଣସି ଆତଙ୍କବାଦୀ ନୁହେଁ, ବରଂ ଅତିକମରେ ୧୫ ଜଣ ସାଧାରଣ ନାଗରିକ (ଯେଉଁଥିରେ ମହିଳା ଓ ଶିଶୁ ସାମିଲ ଅଛନ୍ତି) ପ୍ରାଣ ହରାଇଛନ୍ତି ଏବଂ ଅନେକ ଆବାସିକ ଘର ଭାଙ୍ଗିଯାଇଛି । ଏହି ଏୟାରଷ୍ଟ୍ରାଇକ ପରେ ଆଫଗାନ ସେନା ପକ୍ଷରୁ ଡୁରାଣ୍ଡ ଲାଇନ ସୀମାନ୍ତରେ ଥିବା ପାକିସ୍ତାନୀ ସେନା ଚୌକିଗୁଡ଼ିକ ଉପରକୁ ମୋର୍ଟାର ଓ ଭାରୀ ଅସ୍ତ୍ରଶସ୍ତ୍ରରେ ପାଲଟା ଆକ୍ରମଣ କରାଯାଇଛି, ଯାହା ଏବେ ମଧ୍ୟ ଜାରି ରହିଛି । ଏହି ସାମରିକ କାର୍ଯ୍ୟାନୁଷ୍ଠାନ ଏପରି ଏକ ସମୟରେ ହୋଇଛି ଯେତେବେଳେ ଇରାନର ପୂର୍ବ ସୀମାରେ ମଧ୍ୟ ଯୁଦ୍ଧ ପରିସ୍ଥିତି ଉପୁଜିଛି । ଇରାନ, ପାକିସ୍ତାନ ଏବଂ ଆଫଗାନିସ୍ତାନର ସୀମା ପରସ୍ପର ସହ ଜଡ଼ିତ । ଇରାନରେ ଚାଲିଥିବା ସାମରିକ ଗତିବିଧି ମଧ୍ୟରେ ପାକିସ୍ତାନ-ଆଫଗାନିସ୍ତାନ ସୀମାରେ ଏହି ସଂଘର୍ଷ ସମଗ୍ର ଦକ୍ଷିଣ-ଏସିଆ ଓ ମଧ୍ୟପ୍ରାଚ୍ୟ ଅଞ୍ଚଳକୁ ଅଧିକ ଅସ୍ଥିର କରିଦେଇଛି । ଏହି ଦୁଇଟି ସାମ୍ମୁଖ୍ୟରେ ଯୁଦ୍ଧ ସ୍ଥିତି ଯୋଗୁଁ ଲକ୍ଷ ଲକ୍ଷ ଶରଣାର୍ଥୀ ସୀମା ପାର ହୋଇ ଅନ୍ୟ ଦେଶକୁ ପଳାଇବା ଆଶଙ୍କା ପ୍ରକାଶ ପାଇଛି । ଜାତିସଂଘ ଏବଂ ଆଞ୍ଚଳିକ ଶକ୍ତିଗୁଡ଼ିକ ଉଭୟ ପାକିସ୍ତାନ ଓ ଆଫଗାନିସ୍ତାନକୁ ସଂଯମତା ରକ୍ଷା କରିବାକୁ ନିବେଦନ କରିଛନ୍ତି । ବିଶେଷଜ୍ଞଙ୍କ ମତରେ, ଯଦି ଏହି ସୀମାନ୍ତ ଯୁଦ୍ଧ ତୁରନ୍ତ ନଥମେ, ତେବେ ଏହା ଆଗାମୀ ଦିନରେ ଏକ ବଡ଼ ଆଞ୍ଚଳିକ ମହାସଂଗ୍ରାମର ରୂପ ନେଇପାରେ ।

**୧୦ଟି ସ୍ଥାନ ଧ୍ୱଂସ, ଉତ୍ତେଜନା ଚରମ ସୀମାରେ**

## ପାର୍ବଣ ଋତୁ ପୂର୍ବରୁ ଖାଇବା ତେଲ ଉପରୁ ଆମଦାନୀ ଶୁଳ୍କ ହ୍ରାସ କଲେ କେନ୍ଦ୍ର ସରକାର

ନୂଆଦିଲ୍ଲୀ, ୨୬/୦୯ : ଆଗକୁ ଦୁର୍ଗାପୂଜା, କାଳୀପୂଜା ଓ ଦୀପାବଳି ଭଳି ବଡ଼ ଉତ୍ସବ ସମୟ ଆସୁଥିବାରୁ ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି । ଖାଉଟି ବଜାରରେ ରୋଷେଇ ତେଲର ଦାମକୁ ଆୟତ୍ତରେ ରଖିବା ଲାଗି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ବିଭିନ୍ନ ପ୍ରକାର ଖାଇବା ତେଲ ଉପରୁ ପ୍ରାଥମିକ ସୀମା ଶୁଳ୍କକୁ ବହୁ ପରିମାଣରେ ହ୍ରାସ କରିଛନ୍ତି । ସରକାରଙ୍କ ଏହି ନିଷ୍ପତ୍ତି ଫଳରେ ପାର୍ବଣ ଋତୁରେ ସାଧାରଣ ଜନତାଙ୍କ ଉପରୁ ମହଙ୍ଗା ମାଡ଼ର ବୋଝ କିଛି ମାତ୍ରାରେ ହ୍ରାସ ପାଇବ ବୋଲି ଆଶା କରାଯାଉଛି । ସରକାରୀ ବିଜ୍ଞପ୍ତି ଅନୁଯାୟୀ, ଦେଶକୁ ସର୍ବାଧିକ ଆମଦାନୀ ହେଉଥିବା ତିନୋଟି ପ୍ରମୁଖ ତେଲ ଉପରେ ଶୁଳ୍କ ରିହାତି ପ୍ରଦାନ କରାଯାଇଛି । ଏହା ଉପରେ ଥିବା ଆମଦାନୀ ଶୁଳ୍କକୁ ପୂର୍ବରୁ ଥିବା ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଏହି ତେଲ ଉପରେ ମଧ୍ୟ ସୀମା ଶୁଳ୍କକୁ କମାଇ ମାତ୍ର ୫ ପ୍ରତିଶତ ଧାର୍ଯ୍ୟ କରାଯାଇଛି । ବଜାରରେ ସୂର୍ଯ୍ୟମୁଖୀ ତେଲର ଚାହିଦାକୁ ଦେଖି ସରକାର ଏହା ଉପରୁ ଆମଦାନୀ ଶୁଳ୍କକୁ ସମ୍ପୂର୍ଣ୍ଣ ଶୂନ୍ୟ କରିଦେଇଛନ୍ତି । ବିଶ୍ୱ ବଜାରରେ ଖାଇବା ତେଲର ମୂଲ୍ୟରେ ଅସ୍ଥିରତା ଯୋଗୁଁ ଘରୋଇ ବଜାରରେ ଖୁଚୁରା ଦର ବୃଦ୍ଧି ପାଉଥିଲା ।



# ଜାତିସଂଘରେ ନେତନ୍ୟାହୁଙ୍କୁ ପ୍ରବଳ ବିରୋଧ

## ଭାଷଣ ବେଳେ ସଭାଗୃହ ବର୍ଜନ କଲେ କୂଟନୀତିଜ୍ଞ, ବାହାରେ ବିକ୍ଷୋଭ

ନ୍ୟୁୟର୍କ, ୨୬/୦୯ : ଜାତିସଂଘ ସାଧାରଣ ସଭାର ଅଧିବେଶନରେ ଗୁରୁବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି । ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ ଜାତିସଂଘ ମଞ୍ଚରେ ଭାଷଣ ଦେବା ପାଇଁ ପୋଡିୟମ୍‌କୁ ଆସିବା ମାତ୍ରେ ସେଠାରେ ଉପସ୍ଥିତ ଅନେକ ଦେଶର କୂଟନୀତିଜ୍ଞ ଓ ପ୍ରତିନିଧିମାନେ ଏହାକୁ ତୀବ୍ର ବିରୋଧ କରିଥିଲେ । ଗାଜା ଏବଂ ଲେବାନନ୍ ଉପରେ ଇସ୍ରାଏଲର କ୍ରମାଗତ ସାମରିକ ଆକ୍ରମଣ ଓ ମାନବାଧିକାର ଉଲ୍ଲଂଘନ ପ୍ରତିବାଦରେ ଆରବ ଏବଂ ଅନ୍ୟାନ୍ୟ ଦେଶର ପ୍ରତିନିଧିମାନେ ସଭାଗୃହ ବର୍ଜନ କରି ବାହାରକୁ ଚାଲିଯାଇଥିଲେ ।

ସଭାଗୃହରେ ଖାଲି ଚେୟାର ଓ ପ୍ରତିବାଦର ସ୍ୱର ମଧ୍ୟରେ ନେତନ୍ୟାହୁ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି । ସେ କହିଛନ୍ତି ଯେ, "ଇସ୍ରାଏଲ ଶାନ୍ତି ଚାହୁଁଛି, କିନ୍ତୁ ନିଜ ସୁରକ୍ଷା ପାଇଁ ଆମେ କୌଣସି ପରିସ୍ଥିତିରେ ବି ସାଲିସ୍ କରିବୁ ନାହିଁ।" ନେତନ୍ୟାହୁ ସିଧାସଳଖ



ଇରାନକୁ ଚେତାବନୀ ଦେଇ କହିଛନ୍ତି, "ଯଦି ଇରାନ ଆମ ଉପରେ ଆକ୍ରମଣ କରେ, ତେବେ ଆମେ ତା'ର ଜବାବ ଦେବୁ । ଇରାନର ଏମିତି କୌଣସି ସ୍ଥାନ ନାହିଁ, ଯେଉଁଠାରେ ଇସ୍ରାଏଲର ପହଞ୍ଚ ନାହିଁ।" ଏହା ସହ ହମାସ ଏବଂ ହିଜବୁଲ୍ଲା ବିରୋଧରେ ଇସ୍ରାଏଲର ଅଭିଯାନ ସମ୍ପୂର୍ଣ୍ଣ ବିଜୟ ପର୍ଯ୍ୟନ୍ତ ଜାରି ରହିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଜାତିସଂଘ ସଭାଗୃହ ଭିତରେ ବର୍ଜନ ଚାଲିଥିବା ବେଳେ ବାହାରେ ନ୍ୟୁୟର୍କ ସହରର ରାସ୍ତାରେ ହଜାର ହଜାର ପ୍ରଦର୍ଶନକାରୀ ନେତନ୍ୟାହୁଙ୍କ ବିରୋଧରେ ପ୍ରବଳ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ବିକ୍ଷୋଭକାରୀମାନେ ପାଲେଷ୍ଟାଇନ ଏବଂ ଲେବାନନ୍‌ର ପତାକା ଧରି ଯୁଦ୍ଧବିରତି ପାଇଁ ସ୍ଲୋଗାନ ଦେଇଥିଲେ । ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବାରୁ ନ୍ୟୁୟର୍କ ପୋଲିସ ବ୍ୟାପକ ଲାଠିଚାଳନା କରିବା ସହ ଶତାଧିକ ପ୍ରଦର୍ଶନକାରୀଙ୍କୁ ଗିରଫ କରିଛି । ଜାତିସଂଘ ମୁଖ୍ୟାଳୟ ଚାରିପାଖରେ ସୁରକ୍ଷା ବ୍ୟବସ୍ଥାକୁ ଅତି କଡ଼ାକଡ଼ି କରାଯାଇଛି ।

- ଜାତିସଂଘ ମୁଖ୍ୟାଳୟ ବାହାରେ ପ୍ରବଳ ତାଣ୍ଡବ, ଶତାଧିକ ଗିରଫ
- ପ୍ରତିବାଦ ସତ୍ତ୍ୱେ ନେତନ୍ୟାହୁଙ୍କ ହୁଙ୍କାର : ଇରାନକୁ ଚେତାବନୀ

# ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାରେ ବର୍ଷାର ତାଣ୍ଡବ, ବେହାଲ ଜନଜୀବନ

ହାଇଦ୍ରାବାଦ/ଅମରାବତୀ,୨୬/୦୯ : ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଶକ୍ତିଶାଳୀ ବାତ୍ୟା 'ଅର୍ଣ୍ଣବ' ଆନ୍ଧ୍ରପ୍ରଦେଶର କଳିଙ୍ଗପଟ୍ଟନମ୍ ନିକଟରେ ସ୍ଥଳଭାଗ ଛୁଇଁବା ପରେ ଦୁଇ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାରେ ତାଣ୍ଡବଲୀଳା ରଚିଛି ଥସମ୍ବାଧ । ବିଗତ ୪୮ ଘଣ୍ଟା ଧରି ଜାରି ରହିଥିବା ଅବିଶ୍ରାନ୍ତ ବର୍ଷା ଏବଂ ପ୍ରବଳ ପବନ ଯୋଗୁଁ ସମଗ୍ର ଅଞ୍ଚଳ ଜଳାର୍ଣ୍ଣବ ହୋଇପଡ଼ିଛି । ନଦୀଗୁଡ଼ିକ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବା ବେଳେ ବନ୍ୟା, ଭୂସ୍ଖଳନ ଓ ବିଦ୍ୟୁତ ସେବା ବ୍ୟାହତ ଯୋଗୁଁ ସାଧାରଣ ଜନଜୀବନ ସମ୍ପୂର୍ଣ୍ଣ ବେହାଲ ହୋଇଯାଇଛି । ଆନ୍ଧ୍ରପ୍ରଦେଶର ଉପକୂଳ ଓ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ବାତ୍ୟାର ସବୁଠୁ ଅଧିକ ପ୍ରଭାବ ଦେଖିବାକୁ ମିଳିଛି ।

ବିଜୟୱାଡ଼ାର ପ୍ରସିଦ୍ଧ କନକ ଦୁର୍ଗା ମନ୍ଦିର ନିକଟସ୍ଥ ଇନ୍ଦ୍ରକୀଲାଦ୍ରି ଘାଟ୍ ରୋଡ୍‌ରେ ପ୍ରବଳ ବର୍ଷା ଯୋଗୁଁ ବଡ଼ ଧରଣର ଭୂସ୍ଖଳନ ଘଟିଛି । ପାହାଡ଼ରୁ ବିଶାଳ ପଥର ଓ ମାଟି ଅତଡ଼ା ଖସି ରାସ୍ତା ଉପରେ ପଡ଼ିବା ଫଳରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ରହିଛି । ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ସଫା କରାଯାଉଛି । ଉତ୍ତର ଆନ୍ଧ୍ରପ୍ରଦେଶରେ ପ୍ରବାହିତ ନାଗାବଳୀ ଓ ବଂଶଧାରା ନଦୀର ଜଳସ୍ତର ହଠାତ ବୃଦ୍ଧି ପାଇବା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ପ୍ରାଥମିକ ଆକଳନ ଅନୁଯାୟୀ, ଶ୍ରୀକାକୁଲମ୍ ଓ ବିଜୟନଗରମ୍ ଜିଲ୍ଲାରେ ପ୍ରାୟ ୧୦,୦୦୦ ଏକରରୁ ଅଧିକ ଚାଷଜମି ପାଣିରେ ବୁଡ଼ି ରହିଛି, ଯାହାଫଳରେ ଧାନ ଏବଂ ପନିପରିବା ଚାଷୀ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି । ବିଶାଖାପଟ୍ଟନମ୍, କାକିନାଡ଼ା ଏବଂ ମଛଳୀପଟ୍ଟନମ୍ ଉପକୂଳରେ ଉଚ୍ଚ ଜୁଆର ଆସୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନଯିବା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ତେଲଙ୍ଗାନାର ରାଜଧାନୀ ହାଇଦ୍ରାବାଦ ସମେତ ଖମ୍ମମ୍, ୱାରଙ୍ଗଲ୍ ଓ ସୂର୍ଯ୍ୟାପେଟ୍ ଜିଲ୍ଲାରେ ରେକର୍ଡ ପରିମାଣର ବର୍ଷା ହୋଇଛି । ହାଇଦ୍ରାବାଦର ନିମ୍ନମୁଖୀ ଅଞ୍ଚଳଗୁଡ଼ିକରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଛି । ଆଇଟି କରିଡର ସମେତ ପ୍ରମୁଖ ରାସ୍ତାଗୁଡ଼ିକରେ କୃତ୍ରିମ ବନ୍ୟା ଦେଖାଦେଇଥିବାରୁ କିଲୋମିଟର କିଲୋମିଟର ଲମ୍ବାର ଟ୍ରାଫିକ ଜାମ୍ ସୃଷ୍ଟି ହୋଇଛି । ମୁସି ନଦୀର ଜଳସ୍ତର ଦ୍ରୁତ ଗତିରେ ବଢ଼ୁଥିବାରୁ ନଦୀକୂଳିଆ ବସତିଗୁଡ଼ିକୁ ସତର୍କ ସୂଚନା ଜାରି କରାଯାଇଛି । ଉସମାନ ସାଗର ଓ ହିମାୟତ ସାଗର ଜଳଭଣ୍ଡାରର ଗେଟ୍ ଖୋଲିବାକୁ ପ୍ରଶାସନ ପ୍ରସ୍ତୁତି ଚଳାଇଛି । ସ୍ଥିତିକୁ ଦୃଷ୍ଟିରେ ରଖି ଆନ୍ଧ୍ରପ୍ରଦେଶର ଉପକୂଳବର୍ତ୍ତୀ ଜିଲ୍ଲା ଏବଂ ତେଲଙ୍ଗାନାର ଅଧିକାଂଶ ପ୍ରଭାବିତ ଅଞ୍ଚଳରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ୨ ଦିନ ପାଇଁ ଛୁଟି ଘୋଷଣା କରାଯାଇଛି । ପାଣିପାଗ ବିଭାଗ ଆଗାମୀ ୨୪ ଘଣ୍ଟା ପାଇଁ ଦୁଇ ରାଜ୍ୟରେ 'ରେଡ୍ ଆଲର୍ଟ' ଜାରି କରିଛି । ଆହୁରି ଅଧିକ ବର୍ଷା ହେବାର ସମ୍ଭାବନା ଥିବାରୁ ସତର୍କ ରହିବାକୁ କୁହାଯାଇଛି । ଉଭୟ ରାଜ୍ୟ ସରକାର ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ ଏବଂ ଏନ୍‌ଡିଆର୍‌ଏଫ୍ ଟିମକୁ ବିପଦସଙ୍କୁଳ ଅଞ୍ଚଳରେ ମୁତୟନ କରିଛନ୍ତି ।




## 'ମେକ୍ ଇନ୍ ଇଣ୍ଡିଆ' ସଫଳତାର ସହ ପୂରଣ କଲା ଏକ ଯୁଗ



ନୂଆଦିଲ୍ଲୀ, ୨୬/୦୯ : କେନ୍ଦ୍ର ସରକାରଙ୍କ ସବୁଠୁ ମହତ୍ତ୍ୱାକାଂକ୍ଷୀ ତଥା ଫ୍ଲାଗସିପ୍ କାର୍ଯ୍ୟକ୍ରମ 'ମେକ୍ ଇନ୍ ଇଣ୍ଡିଆ' ଆଜି ସଫଳତାର ସହ ୧୨ ବର୍ଷ ପୂରଣ କରିଛି । ୨୦୧୪ ମସିହା ଆଜିର ଦିନରେ ଦେଶକୁ ଉତ୍ପାଦନ କ୍ଷେତ୍ରରେ ବିଶ୍ୱସ୍ତରୀୟ ହବ୍‌ରେ ପରିଣତ କରିବା ଏବଂ ସ୍ୱଦେଶୀ ଶିଳ୍ପକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଏହି ଯୋଜନାର ଶୁଭାରମ୍ଭ କରାଯାଇଥିଲା । ଏହି ଐତିହାସିକ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀ, ଶିଳ୍ପପତି ଏବଂ ଶ୍ରମିକମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋସିଆଲ ମିଡିଆ ମାଧ୍ୟମରେ ଏକ ଭାବପୂର୍ଣ୍ଣ ବାର୍ତ୍ତା ଦେଇ କହିଛନ୍ତି, "ମେକ୍ ଇନ୍ ଇଣ୍ଡିଆ କେବଳ ଏକ ସ୍ଲୋଗାନ ନୁହେଁ, ବରଂ ଏହା ୧୪୦ କୋଟି ଭାରତୀୟଙ୍କ ସଂକଳ୍ପ ଓ ସାମର୍ଥ୍ୟର ପ୍ରତୀକ" । ବିଗତ ୧୨ ବର୍ଷ ମଧ୍ୟରେ ଏହି ଅଭିଯାନ ଭାରତୀୟ ଅର୍ଥନୀତିର ଚେହେରା ବଦଳାଇ ଦେଇଛି । ମୋବାଇଲ୍ ଉତ୍ପାଦନଠାରୁ ଆରମ୍ଭ କରି ପ୍ରତିରକ୍ଷା ସାମଗ୍ରୀ, ମହାକାଶ ବିଜ୍ଞାନ, ସେମିକଣ୍ଡକ୍ଟର ଏବଂ ଅଟୋମୋବାଇଲ୍ କ୍ଷେତ୍ରରେ ଭାରତ ଆଜି ବିଶ୍ୱର ଅଗ୍ରଣୀ ଦେଶମାନଙ୍କ ସହ ସମକକ୍ଷ ହୋଇପାରିଛି । କେବେ ସାମରିକ ଅସ୍ତ୍ରଶସ୍ତ୍ର ଆମଦାନୀରେ ବିଶ୍ୱରେ ଶୀର୍ଷରେ ଥିବା ଭାରତ ଆଜି 'ମେକ୍ ଇନ୍ ଇଣ୍ଡିଆ' ଯୋଗୁଁ ନିଜେ ଯୁଦ୍ଧବିମାନ, ଟ୍ୟାଙ୍କ ଓ ମିସାଇଲ୍ ତିଆରି କରି ବିଦେଶକୁ ରପ୍ତାନି କରୁଛି । ବିଶ୍ୱର ଦ୍ୱିତୀୟ ବୃହତ୍ତମ ମୋବାଇଲ୍ ଫୋନ୍ ଉତ୍ପାଦନକାରୀ ଦେଶ ଭାବେ ଭାରତ ନିଜର ସ୍ଥାନ ପକ୍କା କରିଛି । ଆପଲ୍ ଏବଂ ସାମସଙ୍ଗ ଭଳି ବିଶ୍ୱସ୍ତରୀୟ ବ୍ରାଣ୍ଡ ଗୁଡ଼ିକ ଏବେ 'ମେଡ୍ ଇନ୍ ଇଣ୍ଡିଆ' ଟ୍ୟାଗ୍ ସହ ଭାରତରେ ଫୋନ୍ ତିଆରି କରୁଛନ୍ତି । ଦେଶରେ ଇଲେକ୍ଟ୍ରିକ୍ ଗାଡ଼ି ଏବଂ ସେମିକଣ୍ଡକ୍ଟର ତିଆରି ପାଇଁ ନୂଆ ନୂଆ ମେଗା କାରଖାନା ପ୍ରତିଷ୍ଠା ହେଉଛି, ଯାହା ଭବିଷ୍ୟତର ବଡ଼ ଆବଶ୍ୟକତାକୁ ପୂରଣ କରିବ । ଏହି ଅଭିଯାନ ମାଧ୍ୟମରେ କୋଟି କୋଟି ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି ଏବଂ ଦେଶକୁ ରେକର୍ଡ ପରିମାଣର ବୈଦେଶିକ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ଆସିଛି ।

**ପ୍ରକୃତିର ତାଣ୍ଡବ**

# ସିକିମରେ ଭୟଙ୍କର ଭୂସ୍ଖଳନ, ରିମ୍ବି ଗ୍ରାମରେ ବ୍ୟାପକ କ୍ଷୟକ୍ଷତି

ଗାଙ୍ଗଟକ୍, ୨୬/୦୯ : ଉତ୍ତର-ପୂର୍ବ ଭାରତର ପାର୍ବତ୍ୟ ରାଜ୍ୟ ସିକିମରେ ପ୍ରକୃତିର କରାଳ ରୂପ ଦେଖିବାକୁ ମିଳିଛି । ବିଗତ କିଛି ଦିନ ହେବ ଜାରି ରହିଥିବା ଅବିଶ୍ରାନ୍ତ ପ୍ରବଳ ବର୍ଷା ଯୋଗୁଁ ଗତକାଲି (୨୪ ସେପ୍ଟେମ୍ବର) ବିଳମ୍ବିତ ରାତିରେ ପଶ୍ଚିମ ସିକିମର ୟୁକସୋମ୍-ତାସିଡିଂ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରିମ୍ବି ଗ୍ରାମରେ ଏକ ଭୟଙ୍କର ଭୂସ୍ଖଳନ ଘଟିଛି । ପାହାଡ଼ ଉପରୁ ପ୍ରବଳ ବେଗରେ ଖସି ଆସିଥିବା ବିଶାଳ ପଥର, କାଦୁଅ ଏବଂ ମାଟି ଅତଡ଼ା ଜନବସତି ଅଞ୍ଚଳକୁ ମାଡ଼ି ଆସିବା ଫଳରେ ସେଠାରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ତେବେ ସୌଭାଗ୍ୟବଶତଃ ଏହି ପ୍ରାକୃତିକ ବିପର୍ଯ୍ୟୟରେ ବର୍ତ୍ତମାନ ସୁଦ୍ଧା କୌଣସି ଜୀବନହାନି କିମ୍ବା ଆହତ ହେବାର ସୂଚନା ମିଳିନାହିଁ ।

ସ୍ଥାନୀୟ ପ୍ରଶାସନର ସୂଚନା ଅନୁଯାୟୀ, ବାସଗୃହଗୁଡ଼ିକ ଉପରେ ପଥର ଏବଂ କାଦୁଅର ମୋଟା ସ୍ତର ଜମିଯିବା ଫଳରେ ଗ୍ରାମର ଅନେକ ଆବାସିକ ଘର ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଯାଇଛି । ଏହା ସହିତ



- ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ଓ ଉଦ୍ଧାର କାର୍ଯ୍ୟ
- ରାସ୍ତା ଯୋଗୁଁ ଯୋଗାଯୋଗ ବିଚ୍ଛିନ୍ନ: ହାଇଆଲର୍ଟରେ ପ୍ରଶାସନ
- ଅନେକ ଆବାସିକ ଗୃହ ଓ ସରକାରୀ କ୍ୱାର୍ଟର୍ସ ନଷ୍ଟ

ସେଠାରେ ଥିବା ବିଦ୍ୟୁତ୍ ବିଭାଗର କେତେକ ସରକାରୀ କ୍ୱାର୍ଟର୍ସ ମଧ୍ୟ ଭୂସ୍ଖଳନର ଶିକାର ହୋଇ ଭାଙ୍ଗିଯାଇଛି । ବର୍ଷାର ପ୍ରକୋପ ଅଧିକ ଥିବାରୁ ପାହାଡ଼ର ଢାଲୁ ଅଞ୍ଚଳ ଏବେ ମଧ୍ୟ ଅତି ସମ୍ବେଦନଶୀଳ ଅବସ୍ଥାରେ ରହିଛି, ଯାହା ସ୍ଥାନୀୟ ଲୋକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି କରିଛି ।

ଏହି ବିପର୍ଯ୍ୟୟ ଯୋଗୁଁ ରିମ୍ବି-ଖେଚୁପେରୀ ମୁଖ୍ୟ ରାସ୍ତା ଉପରେ ବଡ଼ ବଡ଼ ପଥର ଜମି ରହିବା ଫଳରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ରୂପେ ଠପ୍ ହୋଇଯାଇଛି । ଏହା ସହିତ ପାନୀୟ ଜଳ ଯୋଗାଉଥିବା ତିନୋଟି ପ୍ରମୁଖ ପାଇପଲାଇନ ଛିନ୍ନଭିନ୍ନ ହୋଇଯାଇଥିବାରୁ ଅଞ୍ଚଳରେ ଜଳ ସଙ୍କଟ ଦେଖାଦେଇଛି । ସ୍ଥିତିକୁ ଗମ୍ଭୀରତାର ସହ ନେଇ ସିକିମ ମୁଖ୍ୟମନ୍ତ୍ରୀ ପ୍ରେମ ସିଂ ତମାଙ୍ଗ ପ୍ରଶାସନକୁ ହାଇଆଲର୍ଟରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ବିପଦପୂର୍ଣ୍ଣ ସ୍ଥାନଗୁଡ଼ିକୁ ସତର୍କତାର ସହ ନିରୀକ୍ଷଣ କରିବାକୁ କହିଛନ୍ତି ।

ସିକିମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀମାନଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି । ବିପଦ ସଙ୍କେତ ଥିବା ୨୮ରୁ ଅଧିକ ସମ୍ବେଦନଶୀଳ ଘରୁ ପ୍ରାୟ ୧୨୮ ଜଣ ବାସିନ୍ଦାଙ୍କୁ ସୁରକ୍ଷିତ ଭାବେ ରିମ୍ବି ଗ୍ରାମ ପଞ୍ଚାୟତ କେନ୍ଦ୍ର ଏବଂ ଅନ୍ୟାନ୍ୟ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି । ପ୍ରଭାବିତ ପରିବାରଗୁଡ଼ିକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଖାଦ୍ୟ ଓ ଜରୁରୀ ସାମଗ୍ରୀ ଯୋଗାଇ ଦିଆଯାଉଛି । ସେପଟେ ରାସ୍ତା ଓ ବ୍ରିଜ୍ ବିଭାଗର ଶ୍ରମିକମାନେ ଯୁଦ୍ଧକାଳୀନ ଭିତ୍ତିରେ ଧାରଣାରୁ ଆବର୍ଜନା ଓ ମାଟି ହଟାଇ ଯୋଗାଯୋଗ ପୁନଃସ୍ଥାପନ କରିବା ପାଇଁ ଚେଷ୍ଟା ଚଳାଇଛନ୍ତି । ପାଣିପାଗ ଅନୁକୂଳ ହେଲେ ସ୍ଥିତି ଶୀଘ୍ର ନିୟନ୍ତ୍ରଣକୁ ଆସିବ ବୋଲି ପ୍ରଶାସନ ଆଶା ପ୍ରକଟ କରିଛି ।

" ଦୟା ଓ କ୍ଷମାକୁ ଭୂଷଣ କରି, ପର ସେବାରେ ମନ ଦିଅ,
ଅହଂକାର ଆଉ କ୍ରୋଧକୁ ପୋଡ଼ି, ପ୍ରେମର ବାର୍ତ୍ତା ନିଅ।
ସମୟ ସାଥେ ଯିଏ ପାଦ ମିଳାଏ, ଜ୍ଞାନର ଆଲୋକ ଜାଳେ,
ହାରିବନି ସେହି ମଣିଷ କେବେ ବି, ବିପଦ ଆସିଲେ କାଳେ। "

ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

## ସମ୍ପାଦକୀୟ...

# ବାରମ୍ବାର ପ୍ରକୃତିର ତାଣ୍ଡବ ଏବଂ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା

ଓଡ଼ିଶା ଏବଂ ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟରେ ଥିବା ସମ୍ପର୍କ ବହୁ ପୁରୁଣା। କିନ୍ତୁ ବିଗତ କିଛି ଦିନ ହେବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଓ ବାତ୍ୟା 'ଅର୍ଣ୍ଣବ' ଏବଂ ତା'ର ପ୍ରଭାବରେ ସାରା ରାଜ୍ୟରେ ଦେଖାଦେଇଥିବା ପ୍ରଳୟଙ୍କରୀ ବନ୍ୟା ପୁଣି ଥରେ ଓଡ଼ିଶାର ଜନଜୀବନକୁ ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ କରିଦେଇଛି। ଦକ୍ଷିଣ ଓଡ଼ିଶାର ମାଲକାନଗିରି, କୋରାପୁଟ, ନବରଙ୍ଗପୁରଠାରୁ ଆରମ୍ଭ କରି ଉତ୍ତର ଓଡ଼ିଶାର ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର ଓ ଭଦ୍ରକ ପର୍ଯ୍ୟନ୍ତ ସବୁଠି ପ୍ରକୃତିର ରୁଦ୍ରରୂପ ଦେଖିବାକୁ ମିଳିଛି। ନଦୀଗୁଡ଼ିକ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବା ବେଳେ ହଜାର ହଜାର ହେକ୍ଟର ଚାଷଜମି ଏବଂ ଶହ ଶହ ଗାଁ ପାଣି ଘେରରେ ରହିଛି। ଏଭଳି ସ୍ଥିତିରେ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଥିଲେ ମଧ୍ୟ ଏହି ବାରମ୍ବାର ଘଟୁଥିବା ବିପର୍ଯ୍ୟୟ ଆମର ଭିତ୍ତିଭୂମି ଏବଂ ଦୀର୍ଘକାଳୀନ ଯୋଜନା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଚଳିତ ବର୍ଷ ବାତ୍ୟା ଓ ଲଗାତାର ବର୍ଷା ଯୋଗୁଁ ଓଡ଼ିଶାର ପ୍ରାୟ ସମସ୍ତ ପ୍ରମୁଖ ନଦୀ ଯେପରିକି ବୁଢ଼ାବଳଙ୍ଗ, ବୈତରଣୀ, ସୁବର୍ଣ୍ଣରେଖା ଏବଂ ଇନ୍ଦ୍ରାବତୀ ଫୁଲିବାରେ ଲାଗିଛନ୍ତି। ଛତିଶଗଡ଼ ପାର୍ଶ୍ୱରୁ ପାଣି ଛଡ଼ାଯିବା ଏବଂ ଓଡ଼ିଶାରେ ହୋଇଥିବା ଅତି ପ୍ରବଳ ବର୍ଷା ବନ୍ୟା ସ୍ଥିତିକୁ ଅଧିକ ଜଟିଳ କରିଦେଇଛି। ମୟୂରଭଞ୍ଜର ୨୦ରୁ ଅଧିକ ବ୍ଲକ୍ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଥିବା ବେଳେ ବାଲେଶ୍ୱରର ଜଳେଶ୍ୱର, ଭୋଗରାଇ ଏବଂ ବସ୍ତା ଅଞ୍ଚଳରେ ଲୋକେ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ରାସ୍ତାଘାଟ ଧୋଇଯାଇଛି, ପୋଲ ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି ଏବଂ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ପ୍ରଶାସନ ପକ୍ଷରୁ ପ୍ରାୟ ୧୦ ହଜାରରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇ ଆଶ୍ରୟସ୍ଥଳୀରେ ରଖାଯାଇଛି। ଓଡ୍ରାଫ ଏବଂ ଅଗ୍ନିଶମ ବାହିନୀ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ତଥାପି, ପ୍ରତିବର୍ଷ ବନ୍ୟା ଆସିବା ଏବଂ ସମାନ ଭାବେ ଲୋକେ ସର୍ବସ୍ୱ ହରାଇବା ଏକ ନିୟମିତ ଘଟଣାରେ ପରିଣତ ହେଲାଣି।

ରାଜ୍ୟ ସରକାର 'ଶୂନ୍ୟ ମୃତ୍ୟୁହାର' ନୀତିକୁ ଆପଣାଇ ଜନସାଧାରଣଙ୍କ ଜୀବନ ରକ୍ଷା କରିବାରେ ବେଶ୍ ସଫଳ ହୋଇଛନ୍ତି, ଯାହା ନିଶ୍ଚିତ ଭାବେ ପ୍ରଶଂସନୀ। ପୂର୍ବପ୍ରସ୍ତୁତି, ଠିକ୍ ସମୟରେ ବାତ୍ୟା ଆଶ୍ରୟସ୍ଥଳୀକୁ ଲୋକଙ୍କୁ ସ୍ଥାନାନ୍ତର କରିବା ଏବଂ ଶୃଙ୍ଖଳା ଖାଦ୍ୟ ବଣ୍ଟନ କ୍ଷେତ୍ରରେ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ମଡେଲ୍ ସାରା ବିଶ୍ୱରେ ଉଦାହରଣ ସାଜିଛି। କିନ୍ତୁ କେବଳ ଜୀବନ ବଞ୍ଚାଇଦେବା ବିପର୍ଯ୍ୟୟ ପରିଚାଳନାର ଶେଷ ଲକ୍ଷ୍ୟ ହୋଇପାରିବ ନାହିଁ। ବାତ୍ୟା ଓ ବନ୍ୟା ପରେ ଯେଉଁ ଆର୍ଥିକ ଏବଂ ସାମାଜିକ କ୍ଷୟକ୍ଷତି ଘଟେ, ତାହା ବିପନ୍ନମାନଙ୍କ ଅଣ୍ଟା ଭାଙ୍ଗିଦିଏ। ଚାଷୀମାନଙ୍କର ଏକର ଏକର ସୁନା ଫସଲ ପାଣିରେ ବୁଡ଼ି ରହି ନଷ୍ଟ ହୋଇଯାଉଛି। ବନ୍ଧବାଡ଼ ଭାଙ୍ଗି ଗାଁ ଭିତରକୁ ବନ୍ୟା ଜଳ ପ୍ରବେଶ କରୁଛି। ତେଣୁ ପ୍ରଶ୍ନ ଉଠୁଛି, ଆମେ କାହିଁକି ଆଜି ପର୍ଯ୍ୟନ୍ତ ଏକ ସ୍ଥାୟୀ ସମାଧାନର ପନ୍ଥା ଖୋଜି ପାରିନାହୁଁ ?

**ଚଳିତ ବାତ୍ୟା ଓ ବନ୍ୟାର ଏକ ସମୀକ୍ଷା**

ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଆମକୁ ରଣନୀତି ବଦଳାଇବାକୁ ହେବ। ପ୍ରଥମତଃ, ଓଡ଼ିଶାର ପ୍ରମୁଖ ନଦୀଗୁଡ଼ିକର ବନ୍ଧ ଗୁଡ଼ିକର ନବୀକରଣ ଓ ସୁଦୃଢ଼ୀକରଣ ଅତ୍ୟନ୍ତ ଜରୁରୀ। ପ୍ରତିବର୍ଷ ବନ୍ୟା ସମୟରେ ବନ୍ଧ ଦୁର୍ବଳ ହେବା କିମ୍ବା ଘାଇ ସୃଷ୍ଟି ହେବା ଦ୍ୱାରା କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହେଉଛି। ନଦୀ ଶଯ୍ୟାରେ ପଳି ଜମିବା ଯୋଗୁଁ ନଦୀଗୁଡ଼ିକର ଜଳଧାରଣ କ୍ଷମତା କମିବାରେ ଲାଗିଛି। ସରକାର ନଦୀଗୁଡ଼ିକର ପୁନରୁଦ୍ଧାର ଓ ବନ୍ଧଗୁଡ଼ିକୁ କଂକ୍ରିଟ୍ କିମ୍ବା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମାଣ କରିବା ଆବଶ୍ୟକ। ଦ୍ୱିତୀୟତଃ, ଜଳବାୟୁ ପରିବର୍ତ୍ତନ କାରଣରୁ ବର୍ତ୍ତମାନ ପାଣିପାଗର ଗତିପଥ ଅନିଶ୍ଚିତ ହୋଇପଡ଼ିଛି। ଅଳ୍ପ ସମୟ ମଧ୍ୟରେ ଅତି ପ୍ରବଳ ବର୍ଷା ହେବା ଯୋଗୁଁ ସହରୀ ଓ ଗ୍ରାମୀଣ ଅଞ୍ଚଳରେ କୃତ୍ରିମ ବନ୍ୟା ଦେଖାଯାଉଛି। ଏଥିପାଇଁ ଡ୍ରେନେଜ୍ ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଆଣିବାକୁ ହେବ।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ବନ୍ୟା ପରବର୍ତ୍ତୀ ପରିସ୍ଥିତିର ମୁକାବିଲା। ବନ୍ୟା ପାଣି ଛାଡ଼ିବା ପରେ ସଂକ୍ରାମକ ରୋଗ ଏବଂ ମହାମାରୀର ଭୟ ବଢ଼ିଯାଏ। ଦୂଷିତ ଜଳ ଯୋଗୁଁ ଝାଡ଼ାବାନ୍ତି, କାମଳ ଓ ଚର୍ମରୋଗ ବ୍ୟାପିଥାଏ। ତେଣୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରଭାବିତ ଅଞ୍ଚଳରେ ମେଡିକାଲ୍ କ୍ୟାମ୍ପ ସହ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ସବୁଠାରୁ ବଡ଼ ପ୍ରାଥମିକତା ହେବା ଉଚିତ। ଏହା ସହିତ କୃଷି କ୍ଷେତ୍ରରେ ହୋଇଥିବା କ୍ଷୟକ୍ଷତିର ସଠିକ୍ ଆକଳନ କରି ଚାଷୀମାନଙ୍କୁ ତୁରନ୍ତ ସହାୟତା ରାଶି ଏବଂ ଆଗାମୀ ଫସଲ ପାଇଁ ବିହନ ଓ ସାର ଯୋଗାଇଦେବାକୁ ହେବ।

ପରିଶେଷରେ, ବାତ୍ୟା ଓ ବନ୍ୟା ଭଳି ପ୍ରାକୃତିକ ସଂକଟକୁ ଆମେ ସମ୍ପୂର୍ଣ୍ଣ ରୋକି ପାରିବା ନାହିଁ, କିନ୍ତୁ ଆମର ଦୃଢ଼ ଇଚ୍ଛାଶକ୍ତି ଏବଂ ଦୀର୍ଘକାଳୀନ ଯୋଜନା ମାଧ୍ୟମରେ ଏହାର ଭୟାବହତାକୁ ନିଶ୍ଚିତ ଭାବେ ହ୍ରାସ କରିପାରିବା। ସରକାର, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ସାଧାରଣ ଜନତାଙ୍କ ମିଳିତ ସହଯୋଗରେ ହିଁ ଏହି ସଂକଟରୁ ମୁକ୍ତି ମିଳିପାରିବ। ବିପର୍ଯ୍ୟୟ ପରିଚାଳନାକୁ କେବଳ ଏକ ଜରୁରୀକାଳୀନ କାର୍ଯ୍ୟ ନଭାବି, ଏହାକୁ ରାଜ୍ୟର ବିକାଶ ପ୍ରକ୍ରିୟାର ଏକ ସ୍ଥାୟୀ ଅଂଶ ଭାବେ ଗ୍ରହଣ କରିବାକୁ ହେବ, ଯେପରି ଓଡ଼ିଶାର ଜନସାଧାରଣଙ୍କୁ ପ୍ରତିବର୍ଷ ଏଭଳି ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ।

# ନିର୍ବାଚନ ଆୟୋଗର ନିରପେକ୍ଷତା ହିଁ ବଡ଼ ପ୍ରଶ୍ନ



ସିତାଂଶୁ ଶେଖର ମିଶ୍ର
ଶାନ୍ତି ନଗର,ସୋନପୁର
ଦୁରଭାଷ- ୮୧୪୪୮ ୭୦୭୨୯

ଗଣତନ୍ତ୍ରରେ ନିର୍ବାଚନ କେବଳ ଭୋଟ ଦେବାର ଏକ ପ୍ରକ୍ରିୟା ନୁହେଁ; ଏହା ଜନମତକୁ ଶାସନ ବ୍ୟବସ୍ଥାରେ ପ୍ରତିଫଳିତ କରିବାର ସର୍ବପ୍ରମୁଖ ସାମ୍ବିଧାନିକ ମାଧ୍ୟମ। ଏହି ପ୍ରକ୍ରିୟାର ନିରପେକ୍ଷତା ଓ ବିଶ୍ୱସନୀୟତାର ଦାୟିତ୍ୱ ଯେଉଁ ସଂସ୍ଥା ଉପରେ ନ୍ୟସ୍ତ, ତାହା ହେଉଛି ନିର୍ବାଚନ ଆୟୋଗ। ତେଣୁ ଏହି ସଂସ୍ଥାର ନେତୃତ୍ୱ ଚୟନ ପ୍ରକ୍ରିୟା କେତେ ନିରପେକ୍ଷ, ସ୍ୱଚ୍ଛ ଓ ସନ୍ତୁଳିତ—ତାହା ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ।

ଏହି ପ୍ରଶ୍ନ ଏବେ ସୁପ୍ରିମକୋର୍ଟର ବିଚାରାଧୀନ। ୨୦୨୩ର ନିର୍ବାଚନ କମିସନରମାନଙ୍କ ନିଯୁକ୍ତି ସମ୍ବନ୍ଧୀୟ ଆଇନକୁ ଚ୍ୟାଲେଞ୍ଜ କରି ଦାଏର ହୋଇଥିବା ମାମଲାର ଶୁଣାଣି ସମୟରେ ଦୁଇଜଣିଆ ଖଣ୍ଡପୀଠରେ ମତଭେଦ ପ୍ରକାଶ ପାଇଛି। ଏହାପରେ ମାମଲାକୁ ସମ୍ବିଧାନ ଖଣ୍ଡପୀଠ ଗଠନ ପାଇଁ ଭାରତର ମୁଖ୍ୟ ବିଚାରପତିଙ୍କ ନିକଟକୁ ପଠାଯାଇଛି। ତେଣୁ ୨୦୨୩ର ଆଇନର ସାମ୍ବିଧାନିକ ବୈଧତା ଉପରେ ଏପର୍ଯ୍ୟନ୍ତ ଶେଷ ନିଷ୍ପତ୍ତି ଆସିନାହିଁ।

ବିବାଦର ମୂଳକୁ ବୁଝିବା ପାଇଁ ୨୦୨୩ର ଘଟଣାକ୍ରମକୁ ଦେଖିବା ଆବଶ୍ୟକ। ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୩୨୪ ନିର୍ବାଚନ ଆୟୋଗକୁ ଦେଶର ନିର୍ବାଚନର ନିର୍ଦ୍ଦେଶନା, ନିୟନ୍ତ୍ରଣ ଓ ପର୍ଯ୍ୟବେକ୍ଷଣର ଦାୟିତ୍ୱ ଦେଇଛି। ଦୀର୍ଘ ସମୟ ଧରି ମୁଖ୍ୟ ନିର୍ବାଚନ କମିସନର ଓ ଅନ୍ୟ ନିର୍ବାଚନ କମିସନରଙ୍କ ନିଯୁକ୍ତି ପାଇଁ ସଂସଦର ଏକ ବିସ୍ତୃତ ଆଇନ ନଥିଲା।

୨୦୨୩ର 'ଅନୂପ ବରଣୱାଲ' ମାମଲାରେ ସୁପ୍ରିମକୋର୍ଟର ପାଞ୍ଚଜଣିଆ ସମ୍ବିଧାନ ଖଣ୍ଡପୀଠ କହିଥିଲେ ଯେ ସଂସଦ ଏ ସମ୍ପର୍କରେ ଆଇନ ନ କରିବା ପର୍ଯ୍ୟନ୍ତ ନିଯୁକ୍ତି ପାଇଁ ପ୍ରଧାନମନ୍ତ୍ରୀ, ଲୋକସଭାର ବିରୋଧୀ ଦଳର ନେତା ଓ ଭାରତର ମୁଖ୍ୟ ବିଚାରପତିଙ୍କୁ ନେଇ ଏକ ଚୟନ ସମିତି ରହିବ। ଏହି ବ୍ୟବସ୍ଥାର ପଛରେ ଥିଲା ନିର୍ବାଚନ ଆୟୋଗର ସ୍ୱାଧୀନତା ଓ ନିରପେକ୍ଷତାକୁ ସୁଦୃଢ଼ କରିବାର ଚିନ୍ତା। ପରେ ସଂସଦ ୨୦୨୩ରେ ନୂଆ ଆଇନ ପ୍ରଣୟନ କଲା। ଏହି ଆଇନରେ ଭାରତର ମୁଖ୍ୟ ବିଚାରପତିଙ୍କ ସ୍ଥାନରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ମନୋନୀତ ଜଣେ କେନ୍ଦ୍ର କ୍ୟାବିନେଟ ମନ୍ତ୍ରୀଙ୍କୁ ଚୟନ ସମିତିରେ ସାମିଲ କରାଗଲା। ଫଳରେ ତିନିଜଣିଆ ଚୟନ ସମିତିରେ ପ୍ରଧାନମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ମନୋନୀତ କେନ୍ଦ୍ର କ୍ୟାବିନେଟ ମନ୍ତ୍ରୀ—ଏହି ଦୁଇଜଣ ସରକାରୀ ପକ୍ଷର ପ୍ରତିନିଧି ହୋଇଥିବା ବେଳେ ତୃତୀୟ ସଦସ୍ୟ ହେଉଛନ୍ତି ଲୋକସଭାର ବିରୋଧୀ ଦଳର ନେତା। ଏହି ଗଠନକୁ ନେଇ ହିଁ ବର୍ତ୍ତମାନ ସାମ୍ବିଧାନିକ ପ୍ରଶ୍ନ ଉଠିଛି।

ଶୁଣାଣି ସମୟରେ ବିଚାରପତି ଦୀପଙ୍କର ଦତ୍ତ ଏକ ଉଦାହରଣ ଦେଇ ଚୟନ ପ୍ରକ୍ରିୟାର ନିରପେକ୍ଷତା ନେଇ ପ୍ରଶ୍ନ ଉଠାଇଥିଲେ। ତାଙ୍କ ମତରେ, ଯେପରି ଏକ ଖେଳରେ ଗୋଟିଏ ଦଳ ଅମ୍ପାୟାର ଚୟନରେ ପ୍ରମୁଖ ଭୂମିକା ନେଲେ ନିରପେକ୍ଷତା ନେଇ ସନ୍ଦେହ ସୃଷ୍ଟି ହୋଇପାରେ, ସେହିପରି ନିର୍ବାଚନ ଆୟୋଗର ନିଯୁକ୍ତି ବ୍ୟବସ୍ଥା ମଧ୍ୟ ଏପରି ହେବା ଦରକାର, ଯାହା ତାହାର ସ୍ୱାଧୀନତା ଉପରେ ସାଧାରଣ ଲୋକଙ୍କ ବିଶ୍ୱାସକୁ ଦୃଢ଼ କରିବ। ବିଚାରପତି ଦତ୍ତ ବିଶେଷ ଭାବେ ଉଲ୍ଲେଖ କରିଥିଲେ ଯେ ନିର୍ବାଚନ ଆୟୋଗ କେବଳ ସ୍ୱାଧୀନ ହେବା ନୁହେଁ, ଏହା ସ୍ୱାଧୀନ ବୋଲି ଦେଖାଯିବା ମଧ୍ୟ ଆବଶ୍ୟକ।

ଏହି ପ୍ରଶ୍ନକୁ କୌଣସି ଦଳୀୟ ରାଜନୀତିର ଚଷମାରେ ଦେଖିବା ଠାରୁ ଏକ ପ୍ରତିଷ୍ଠାନଗତ ପ୍ରଶ୍ନ ଭାବରେ ଦେଖିବା ଅଧିକ ଯୁକ୍ତିସଙ୍ଗତ। ନିର୍ବାଚନ ଆୟୋଗ ଯଦି ନିରପେକ୍ଷ ଭାବେ କାର୍ଯ୍ୟ କରେ, ତେବେ ଏହା ଗଣତନ୍ତ୍ରର ମୂଳ ଆବଶ୍ୟକତା। କିନ୍ତୁ ତାହା ସହିତ ଏହାର ନିଯୁକ୍ତି ପ୍ରକ୍ରିୟା ମଧ୍ୟ ଏପରି ହେବା ଆବଶ୍ୟକ, ଯାହାକୁ ନେଇ କୌଣସି ପକ୍ଷପାତର ସନ୍ଦେହ ସହଜରେ ଜନ୍ମ ନ ନିଏ।

ତେବେ ଏହାର ଅନ୍ୟ ଏକ ପାର୍ଶ୍ୱ ମଧ୍ୟ ରହିଛି। ସଂସଦ ଆଇନ ପ୍ରଣୟନ କରିବାର ସାମ୍ବିଧାନିକ ଅଧିକାର ରଖେ। ୨୦୨୩ର ଆଇନ ସେହି ବିଧାନମଣ୍ଡଳୀୟ ଅଧିକାରର ପ୍ରୟୋଗ। ତେଣୁ ଏହି ଆଇନ ସମ୍ବିଧାନର ମୂଳ ଗଠନ, ନିର୍ବାଚନ ଆୟୋଗର ସ୍ୱାଧୀନତା ଓ ସାମ୍ବିଧାନିକ ସନ୍ତୁଳନ ସହ କେତେ ସମନ୍ୱୟ ରଖୁଛି, ତାହା ନ୍ୟାୟିକ ପରୀକ୍ଷାର ବିଷୟ। ଏହାର ଶେଷ ଉତ୍ତର ଆଗାମୀ ସମ୍ବିଧାନ ଖଣ୍ଡପୀଠର ବିଚାର ପରେ ହିଁ ସ୍ପଷ୍ଟ ହେବ।

ଏହି ମାମଲାରେ ଦୁଇଜଣିଆ ଖଣ୍ଡପୀଠର ବିଚାରପତି ଦୀପଙ୍କର ଦତ୍ତ ଓ ବିଚାରପତି ସତୀଶଚନ୍ଦ୍ର ଶର୍ମାଙ୍କ ମଧ୍ୟରେ ମତଭେଦ ମଧ୍ୟ ସାମ୍ନାକୁ ଆସିଛି। ବିଚାରପତି ଶର୍ମାଙ୍କ ମତ ଥିଲା ଯେ ୨୦୨୩ର ଆଇନର ସାମ୍ବିଧାନିକ ବୈଧତା ଉପରେ ପୂର୍ବରୁ ସମ୍ବିଧାନ ଖଣ୍ଡପୀଠର ନିର୍ଦ୍ଦିଷ୍ଟ ରାୟ ନଥିବାରୁ ମାମଲାକୁ ବଡ଼ ଖଣ୍ଡପୀଠକୁ ପଠାଇବା ଆବଶ୍ୟକ। ଅନ୍ୟପକ୍ଷରେ ବିଚାରପତି ଦତ୍ତଙ୍କ ମତ ଥିଲା ଯେ ୨୦୨୩ର ରାୟରେ ମୂଳ ସାମ୍ବିଧାନିକ ସିଦ୍ଧାନ୍ତ ସ୍ପଷ୍ଟ ହୋଇସାରିଛି ଏବଂ ବର୍ତ୍ତମାନର ଖଣ୍ଡପୀଠ ଆଇନକୁ ପରୀକ୍ଷା କରିପାରିବ। ତଥାପି ମାମଲାରେ ଅନାବଶ୍ୟକ ବିଳମ୍ବ ନ ହେବା ପାଇଁ ଏହାକୁ ଭାରତର ମୁଖ୍ୟ ବିଚାରପତିଙ୍କ ନିକଟକୁ ପଠାଇବାରେ ଉଭୟ ବିଚାରପତି ସହମତ ହୋଇଛନ୍ତି।

ଏଠାରେ ଗଣତନ୍ତ୍ର ପାଇଁ ମୂଳ ପ୍ରଶ୍ନଟି ହେଉଛି—ନିର୍ବାଚନ ଆୟୋଗର ସ୍ୱାଧୀନତା କିପରି ଅଧିକ ସୁନିଶ୍ଚିତ ହେବ? ଏହାର ଉତ୍ତର କୌଣସି ଏକ ଦଳ, ସରକାର କିମ୍ବା ବିରୋଧୀ ପକ୍ଷର ସୁବିଧା ଆଧାରରେ ନୁହେଁ; ବରଂ ଏକ ସ୍ଥାୟୀ, ସ୍ୱଚ୍ଛ ଓ ପ୍ରତିଷ୍ଠାନଗତ ବ୍ୟବସ୍ଥାରେ ଖୋଜିବା ଦରକାର। କାରଣ ସରକାର ବଦଳିବ, ରାଜନୈତିକ ଦଳ ବଦଳିବ; କିନ୍ତୁ ନିର୍ବାଚନ ଆୟୋଗର ସଂସ୍ଥାଗତ ନିରପେକ୍ଷତା ବଦଳିବା ଉଚିତ୍ ନୁହେଁ। ଆଜି ଯେଉଁ ଦଳ ସରକାରରେ ଅଛି, ଆସନ୍ତାକାଲି ସେହି ଦଳ ବିରୋଧୀ ଆସନରେ ଥାଇପାରେ। ତେଣୁ ଚୟନ ବ୍ୟବସ୍ଥାର ମାନଦଣ୍ଡ ଦଳୀୟ ସ୍ୱାର୍ଥଠାରୁ ଉପରେ ରହିବା ହିଁ ଗଣତାନ୍ତ୍ରିକ ସଂସ୍ଥାର ଦୀର୍ଘକାଳୀନ ସ୍ୱାର୍ଥ।

ସୁପ୍ରିମକୋର୍ଟରେ ଚାଲିଥିବା ଏହି ବିଚାର ତେଣୁ କେବଳ ନିର୍ବାଚନ କମିସନରମାନଙ୍କ ଚୟନ ପ୍ରକ୍ରିୟାର ପ୍ରଶ୍ନ ନୁହେଁ। ଏହା ଗଣତନ୍ତ୍ରରେ ପ୍ରତିଷ୍ଠାନଗୁଡ଼ିକ ପ୍ରତି ଜନସାଧାରଣଙ୍କ ବିଶ୍ୱାସର ପ୍ରଶ୍ନ। ନିର୍ବାଚନର ଫଳାଫଳ ଗ୍ରହଣଯୋଗ୍ୟ ହେବା ପାଇଁ କେବଳ ଫଳାଫଳ ନୁହେଁ, ତାହା ପଛରେ ଥିବା ପ୍ରକ୍ରିୟା ମଧ୍ୟ ସ୍ୱଚ୍ଛ ଓ ବିଶ୍ୱାସଯୋଗ୍ୟ ହେବା ଆବଶ୍ୟକ। ନିର୍ବାଚନ ଆୟୋଗର ପ୍ରକୃତ ସ୍ୱାଧୀନତା ଯେତିକି ଆବଶ୍ୟକ, ସେହି ସ୍ୱାଧୀନତା ଉପରେ ଜନସାଧାରଣଙ୍କ ଦୃଢ଼ ବିଶ୍ୱାସ ରହିବା ମଧ୍ୟ ସେତିକି ଜରୁରୀ। ତେଣୁ ଆଗାମୀ ସମ୍ବିଧାନ ଖଣ୍ଡପୀଠର ବିଚାର ଯେଉଁ ଦିଗକୁ ଯାଉ, ଏହି ବିତର୍କ ଗୋଟିଏ ମୂଳ କଥାକୁ ସାମ୍ନାକୁ ଆଣିଛି—ନିର୍ବାଚନର ନିରପେକ୍ଷତା କେବଳ ନିଷ୍ପତ୍ତିରେ ନୁହେଁ, ନିଯୁକ୍ତି ପ୍ରକ୍ରିୟାର ବିଶ୍ୱସନୀୟତାରେ ମଧ୍ୟ ପ୍ରତିଫଳିତ ହେବା ଦରକାର।

# ଖାଦ୍ୟ ଅପମିଶ୍ରଣ ଏକ ଘୋର ଅପରାଧ



ଅଭିଷେକ ଯୋଶୀ
ମୁଖ୍ୟ, ପତିତପାବନ ଜଗନ୍ନାଥ
ସେବା ଫାଉଣ୍ଡେସନ ଓ
ଓଡ଼ିଶା ସୁରକ୍ଷା ସେନା

ଖାଦ୍ୟ ଅପମିଶ୍ରିତ ଏକ ଘୋର ଅପରାଧ ଏବଂ ଏହା ସାଧାରଣ ଜନସ୍ୱାସ୍ଥ୍ୟ ପ୍ରତି ସିଧାସଳଖ ଆଘାତ କରେ । ଓଡ଼ିଶାରେ ଗତ କିଛି ମାସ ମଧ୍ୟରେ ପନିର, ଛେନା, ମିଠା, ଦୁଧ ଓ ମାଂସ ଆଦିରେ ବ୍ୟାପକ ମିଳାୱଟ ଧରାପଡ଼ିଛି; ରାଜ୍ୟ ସ୍ତରରେ ଚଢ଼ଉ ହୋଇ ହଜାର ହଜାର କିଲୋଗ୍ରାମ ଅଖାଦ୍ୟ ଓ ମିଳାୱଟ ଖାଦ୍ୟ ନଷ୍ଟ କରାଯାଇଛି । ତଥାପି ଦଣ୍ଡବିଧାନ ଦୁର୍ବଳ, ମାମଲା ନିଷ୍ପତ୍ତି ହାର ଅତି କମ୍ (୭ ବର୍ଷରେ ମାତ୍ର ୯.୮% ମାମଲା ନିଷ୍ପତ୍ତି) ଏବଂ ଅଭିଯୁକ୍ତମାନେ ଅଧିକାଂଶ ସମୟରେ ମୁକ୍ତ ହୋଇଯାଉଛନ୍ତି ।

**ଓଡ଼ିଶାରେ ସାମ୍ପ୍ରତିକ ଖାଦ୍ୟ ମିଳାୱଟର ଚିତ୍ର :**

୨୦୨୬ ଅଗଷ୍ଟରେ ଭୁବନେଶ୍ୱର-କଟକ ଯମଜ ସହରରେ ପ୍ରାୟ ୭୧ କ୍ୱିଣ୍ଟାଲ୍ (୭,୧୦୦ କି.ଗ୍ରା.) ମିଳାୱଟ ପନିର ଓ ୬୬ କି.ଗ୍ରା. ବାସି ଖାଦ୍ୟ ଜବତ ହୋଇଥିଲା; ପନିରର ମୂଲ୍ୟ ପ୍ରାୟ ୧୭.୭୫ ଲକ୍ଷ ଟଙ୍କା ବୋଲି ରିପୋର୍ଟ ହୋଇଛି । - ରକ୍ଷାବନ୍ଧନ ପୂର୍ବରୁ ୩୦ଟି ଜିଲ୍ଲା ଓ ୬ଟି ପୌରସଂସ୍ଥାରେ ଏକାସାଙ୍ଗରେ ଚଢ଼ଉ ହୋଇ ୩,୬୦୫ କି.ଗ୍ରା. ମିଳାୱଟ/ଅମାନିଆ ମିଠା ଓ ଖାଦ୍ୟ ନଷ୍ଟ କରାଯାଇଥିଲା; ୪୭୫ଟି ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା ଏବଂ ୨.୮୪ ଲକ୍ଷ ଟଙ୍କା ଜୋରିମାନା ଆଦାୟ ହୋଇଥିଲା । - ସେପ୍ଟେମ୍ବର ୨୦୨୬ରେ ଜୟଦେବ ବିହାର ଓ କଟକରେ ଚଢ଼ଉରେ ବାସି ମାଂସ, ପିଜ୍ଜା/ବର୍ଗର ଏବଂ ମୋମୋ ନିର୍ମାଣ ଏକକରେ ମିଳାୱଟ ଉପାଦାନ ବ୍ୟବହାର ଅଭିଯୋଗ ମିଳିଥିଲା; କିଛି ଏକକ ସିଲ୍ କରାଯାଇଥିଲା । ଏହି ଘଟଣାଗୁଡ଼ିକ ଦର୍ଶାଏ ଯେ ଉତ୍ସବ ଋତୁରେ ମିଳାୱଟ ବୃଦ୍ଧି ପାଏ ଏବଂ ପନିର/ଛେନା, ମିଠା, ଦୁଧ ଓ ପ୍ରସ୍ତୁତ ଖାଦ୍ୟ ସର୍ବାଧିକ ଲକ୍ଷ୍ୟବସ୍ତୁ ହୁଅନ୍ତି । ଭାରତରେ ଖାଦ୍ୟ ସୁରକ୍ଷା ଓ ମାନକ ଅଧିନିୟମ, ୨୦୦୬ (FSS Act) ଅନୁଯାୟୀ FSSAI ନିୟନ୍ତ୍ରକ ସଂସ୍ଥା ଭାବେ କାର୍ଯ୍ୟ କରେ । କିନ୍ତୁ ବର୍ତ୍ତମାନର ଦଣ୍ଡବିଧାନ ଅନେକ ସ୍ଥଳରେ କେବଳ ଜୋରିମାନା ପର୍ଯ୍ୟନ୍ତ ସୀମିତ; ଉଦାହରଣ ସ୍ୱରୂପ, ମାନବ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ମିଶ୍ରଣ ରଖିବା/ବିକ୍ରି କରିବା ପାଇଁ ସର୍ବାଧିକ ୧୦ ଲକ୍ଷ ଟଙ୍କା ଜୋରିମାନା ବ୍ୟବସ୍ଥା ଅଛି, କିନ୍ତୁ କଠୋର କାରାଦଣ୍ଡ ସ୍ୱୟଂଚାଳିତ ଭାବେ ଲାଗୁ ହୁଏ ନାହିଁ ।

**କାହିଁକି ଦଣ୍ଡବିଧାନକୁ ଅଧିକ କଠୋର କରିବା ଆବଶ୍ୟକ?**

ଅପମିଶ୍ରିତ ଖାଦ୍ୟରୁ ତ୍ୱରିତ ବିଷକ୍ରିୟା, ଦୀର୍ଘକାଳୀନ ରୋଗ (କିଡନି/ଲିଭର କ୍ଷତି, କର୍କଟ ଆଦି) ଏବଂ ମୃତ୍ୟୁ ପର୍ଯ୍ୟନ୍ତ ଘଟିପାରେ । ଓଡ଼ିଶାରେ ୨୦୧୯-୨୦ରୁ ୨୦୨୫-୨୬ ମଧ୍ୟରେ ୩୮୬ଟି ମାମଲା ରୁଜୁ ହୋଇଥିବା ବେଳେ ମାତ୍ର ୩୮ଟି (୯.୮%) ନିଷ୍ପତ୍ତି ହୋଇଛି; ଏହା ଅଭିଯୁକ୍ତଙ୍କୁ "ନିଷ୍ଫଳ ତଦନ୍ତ/ବିଳମ୍ବ"ର ଫାଇଦା ଦିଏ । ମିଳାୱଟରୁ ହେଉଥିବା ଅତ୍ୟଧିକ ଲାଭ ତୁଳନାରେ ବର୍ତ୍ତମାନର ଜୋରିମାନା କମ୍ ହୋଇଥାଏ; ତେଣୁ ଅପରାଧୀମାନେ ପୁନଃ ଏହି ପଥ ବାଛନ୍ତି । ଅନେକ ବିକଶିତ ଦେଶରେ ଖାଦ୍ୟ ଅପମିଶ୍ରିତ ଗୁରୁତର ଫୌଜଦାରୀ ଅପରାଧ ଭାବେ ଗଣ୍ୟ କରାଯାଏ; ଦୀର୍ଘକାଳୀନ କାରାଦଣ୍ଡ, ଭାରୀ ଜୋରିମାନା, ବ୍ୟବସାୟ ବନ୍ଦ ଓ ଆଜୀବନ ବ୍ୟାନ ଭଳି ଦଣ୍ଡ ଦିଆଯାଏ । ଅପରାଧକୁ 'ହତ୍ୟା/ପ୍ରାଣଘାତୀ ଆକ୍ରମଣ' ଶ୍ରେଣୀଭୁକ୍ତ କରିବା ଆବଶ୍ୟକ ଯେଉଁଠାରେ ମିଳାୱଟ ଯୋଗୁଁ ମୃତ୍ୟୁ ବା ଗୁରୁତର ଆଘାତ ହୁଏ, ସେଠାରେ Bharatiya Nyaya Sanhita ଅନୁଯାୟୀ ହତ୍ୟା/ପ୍ରାଣଘାତୀ ଆକ୍ରମଣ ମାମଲା ରୁଜୁ ହେବା ସ୍ୱୟଂଚାଳିତ ହେବା ଉଚିତ୍ । କ୍ଷତିକାରକ ଅପମିଶ୍ରଣ ପାଇଁ କେବଳ ଜୋରିମାନା ନୁହେଁ, ନ୍ୟୂନତମ ୭-୧୦ ବର୍ଷ କାରାଦଣ୍ଡ ବ୍ୟବସ୍ଥା ରହିବା ଦରକାର; ପୁନରାବୃତ୍ତି କ୍ଷେତ୍ରରେ ଆଜୀବନ କାରାଦଣ୍ଡ ପର୍ଯ୍ୟନ୍ତ ବ୍ୟବସ୍ଥା ହେବା ଉଚିତ୍ । ଅଭିଯୁକ୍ତଙ୍କ ସମ୍ପତ୍ତି ବାଜ୍ୟାପ୍ତି, ଲାଇସେନ୍ସ ବାତିଲ ଏବଂ ଆଜୀବନ ଖାଦ୍ୟ ବ୍ୟବସାୟରୁ ବଞ୍ଚିତ କରିବା ଭଳି ଦଣ୍ଡ ଯୋଡ଼ିବା ଦରକାର। ଦ୍ରୁତ ବିଚାର ଓ ସ୍ୱତନ୍ତ୍ର କୋର୍ଟ ଖାଦ୍ୟ ମିଳାୱଟ ମାମଲା ପାଇଁ ଫାଷ୍ଟ-ଟ୍ରାକ୍ କୋର୍ଟ ଗଠନ କରି ୬-୧୨ ମାସ ମଧ୍ୟରେ ବିଚାର ଶେଷ କରିବା ଲକ୍ଷ୍ୟ ରଖିବା । ଯେଉଁମାନେ ଅପମିଶ୍ରଣ ବିରୋଧରେ ସୂଚନା ଦେବେ, ସେମାନଙ୍କୁ ଆର୍ଥିକ ପୁରସ୍କାର ଓ ସୁରକ୍ଷା ଦେବା; ଏହା ତଦନ୍ତକୁ ତ୍ୱରାନ୍ୱିତ କରିବ ।

**ନାଗରିକ ଓ ପ୍ରଶାସନର ଭୂମିକା :**

FSSAI/ରାଜ୍ୟ ଖାଦ୍ୟ ସୁରକ୍ଷା ବିଭାଗ ନିୟମିତ ଚଢ଼ଉ, ଲ୍ୟାବ୍ ପରୀକ୍ଷା ଦ୍ରୁତ କରିବା, ଅଭିଯୋଗ ପୋର୍ଟାଲ୍ ସକ୍ରିୟ ରଖିବା ଏବଂ ଦଣ୍ଡାଦେଶ ସମ୍ବନ୍ଧୀୟ ତଥ୍ୟ ସାଧାରଣ କରିବା ଦରକାର। ଖାଦ୍ୟ ଅପମିଶ୍ରଣ ଗୁରୁତର ଅପରାଧ ଭାବେ ନେଇ ତ୍ୱରିତ ଗିରଫଦାରୀ ଓ ମାମଲା ରୁଜୁ କରିବା ଦରକାର। ଖାଦ୍ୟ ଅପମିଶ୍ରଣ କେବଳ "ନିୟମ ଉଲ୍ଲଂଘନ" ନୁହେଁ; ଏହା ଜନସ୍ୱାସ୍ଥ୍ୟ ଉପରେ ସୁଚିନ୍ତିତ ଆକ୍ରମଣ । ତେଣୁ ଓଡ଼ିଶା ଓ ଭାରତରେ ଆଇନକୁ ଏପରି କଠୋର କରାଯିବା ଉଚିତ୍ ଯେ ଅପମିଶ୍ରଣକାରୀ ଙ୍କୁ ଭାରୀ ଜୋରିମାନା, ଦୀର୍ଘ କାରାଦଣ୍ଡ, ସମ୍ପତ୍ତି ବାଜ୍ୟାପ୍ତି ଏବଂ ଆବଶ୍ୟକ ସ୍ଥଳେ ହତ୍ୟା ମାମଲା ପର୍ଯ୍ୟନ୍ତ ଦଣ୍ଡ ମିଳିବା ଦରକାର । ଏହାହିଁ ସୁରକ୍ଷିତ ଖାଦ୍ୟ ଓ ନ୍ୟାୟପୂର୍ଣ୍ଣ ସମାଜର ଭିତ୍ତିଭୂମି ହୋଇପାରିବ ।

# ବ୍ରିକ୍ସ ବ୍ରିଜ୍ ଗଠନ ଏବଂ ଡଲାରମୁକ୍ତ କରିବାର ଅବାସ୍ତବ ସ୍ୱପ୍ନ



ସତ୍ୟ ନାରାୟଣ ମିଶ୍ର
ପ୍ରଫେସର ଏମିରିଟସ୍ ଏବଂ
ନିୟମିତ ସ୍ତମ୍ଭକାର

ସେପ୍ଟେମ୍ବର ୧୨ ଓ ୧୩ ରେ ଭାରତ ଦ୍ୱାରା ଆୟୋଜିତ ବ୍ରିକ୍ସ ସମ୍ମିଳନୀର ଆନୁଷ୍ଠାନିକ ବିଷୟବସ୍ତୁ ହେଉଛି ବିଭିନ୍ନ ଭୌଗଳିକ ଅଞ୍ଚଳରେ ରାଜନୈତିକ ସଂଘର୍ଷକୁ ସାମ୍ନା କରିବା, ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି, ଫିନ୍-ଟେକ୍ ଏବଂ ଏଆଇକୁ ଆଗକୁ ନେବା, ବହୁପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ଏବଂ ଗ୍ରୀନ୍ ଫାଇନାନ୍ସ ଉପରେ ଧ୍ୟାନ ଦେବା ପାଇଁ ସାମାଜିକ, ଅର୍ଥନୈତିକ ଓ ସଂସ୍ଥାଗତ ଦକ୍ଷତା ବୃଦ୍ଧି କରି 'ସହନଶୀଳତା, ନବସୃଜନ, ସହଯୋଗ ଏବଂ ଆବିଷ୍କାର' ର ବିକାଶ କରିବା। ଏହାର ଅଘୋଷିତ ଆଜେଣ୍ଡା ହେଉଛି ପାଶ୍ଚାତ୍ୟ ନିୟନ୍ତ୍ରିତ ସ୍ୱିଫ୍ଟ ମେସେଜିଂ ସିଷ୍ଟମ୍ ଏବଂ ଆମେରିକୀୟ ଡଲାର ଆଧାରିତ କୋରେସପୋଣ୍ଡେଣ୍ଟ ବ୍ୟାଙ୍କିଂ ସିଷ୍ଟମକୁ ବାଦ୍ ଦେଇ ସୀମାପାର ପେମେଣ୍ଟ ସିଷ୍ଟମ୍ ଏବଂ ସେଣ୍ଟ୍ରାଲ୍ ବ୍ୟାଙ୍କ ଡିଜିଟାଲ୍ କରେନ୍ସିକୁ ପ୍ରୋତ୍ସାହିତ କରିବା। ଯେହେତୁ ବ୍ରିକ୍ସ ଦେଶଗୁଡ଼ିକର ବ୍ୟାଙ୍କଗୁଡ଼ିକର ପରସ୍ପର ସହ ଆକାଉଣ୍ଟ ନଥାଏ, ତେଣୁ ଦେଣନେଣ ନିଉୟର୍କ କିମ୍ବା ଲଣ୍ଡନରେ ମୁଖ୍ୟାଳୟ ଥିବା ବଡ଼ ଆନ୍ତର୍ଜାତୀୟ ବ୍ୟାଙ୍କ (ଯାହାକୁ କୋରେସପୋଣ୍ଡେଣ୍ଟ ବ୍ୟାଙ୍କ କୁହାଯାଏ) ମାଧ୍ୟମରେ ହୋଇଥାଏ। ସ୍ୱିଫ୍ଟ ହେଉଛି ଏକ ମେସେଜିଂ ନେଟୱାର୍କ ଯାହା ସଂସ୍ଥାଗୁଡ଼ିକୁ ପେମେଣ୍ଟ ନିର୍ଦ୍ଦେଶ ବିନିମୟ କରିବାରେ ସାହାଯ୍ୟ କରେ।

ବ୍ରିକ୍ସ ବ୍ରିଜ୍ ବିଭିନ୍ନ ଦେଶ ୨.୫% ରୁ ୮.୫% ପର୍ଯ୍ୟନ୍ତ ଖର୍ଚ୍ଚ ବହନ କରିବାକୁ ପଡ଼େ ଓ ବାରମ୍ବାର ଡଲାର ବ୍ୟବହାର କରିବା ଫଳରେ କୋରେସପୋଣ୍ଡେଣ୍ଟ ବ୍ୟାଙ୍କଗୁଡ଼ିକ ମାଧ୍ୟମରେ ଦେଣନେଣ କରିବା ତାହା ବଦଳରେ, ଚୀନ୍ ଏବଂ ଭାରତ ଭଳି ଦେଶଗୁଡ଼ିକ ଡିଜିଟାଲ୍ ପେମେଣ୍ଟ ସିଷ୍ଟମ୍ ଏବଂ ସିବିଡିସିକୁ ଯୋଡ଼ିବା ପାଇଁ ବ୍ୟବସ୍ଥା ଖୋଜୁଛନ୍ତି, ଯାହା ଦ୍ୱାରା ବାରମ୍ବାର ମୁଦ୍ରା ପରିବର୍ତ୍ତନକୁ ଏଡ଼ାଯାଇପାରିବ ଏବଂ ଖର୍ଚ୍ଚ କମ୍ ହୋଇପାରିବ; ଯାହାକୁ 'ବ୍ରିକ୍ସ ବ୍ରିଜ୍' କୁହାଯାଉଛି। ଏହା ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକ ମଧ୍ୟରେ ଜାତୀୟ ମୁଦ୍ରା ଏବଂ ଡିଜିଟାଲ୍ ସମ୍ପତ୍ତି ବ୍ୟବହାର କରି ସୀମାପାର ଦେଣନେଣକୁ ସହଜ କରିବା ପାଇଁ ଏକ ପ୍ରସ୍ତାବିତ ବହୁପାକ୍ଷିକ ଡିଜିଟାଲ୍ ପ୍ଲାଟଫର୍ମ। ଏହା ଆମେରିକୀୟ ଡଲାରକୁ ବାଦ୍ ଦେବ ଏବଂ ସୁରକ୍ଷିତ, ରିଅଲ-ଟାଇମ୍ ଓ କମ୍ ଖର୍ଚ୍ଚରେ କାର୍ଯ୍ୟକାରୀ କରିବା ପାଇଁ ଡିଷ୍ଟ୍ରିବ୍ୟୁଟେଡ୍ ଲେଜର ଟେକ୍ନୋଲୋଜି ଓ ସିବିଡିସିର ବ୍ୟବହାର କରିବ।

ତେବେ ଏହାକୁ ହାସଲ କରିବାର ଦୃଷ୍ଟିକୋଣ ଭିନ୍ନ। ଚୀନ୍ ଏବଂ ରୁଷିଆ ସିବିଡିସି ଢାଞ୍ଚାକୁ ଆକ୍ରମଣାତ୍ମକ ଡଲାରମୁକ୍ତୀକରଣ ଏବଂ ପ୍ରତିବନ୍ଧକରୁ ବଞ୍ଚିବାର ଏକ ମାଧ୍ୟମ ଭାବରେ ଦେଖନ୍ତି। ଅନ୍ୟପକ୍ଷରେ, ଭାରତ ଏହି ପଦକ୍ଷେପକୁ କେବଳ କାର୍ଯ୍ୟକ୍ଷମ ଦକ୍ଷତା ହାସଲ କରିବା ଏବଂ କାରବାର ଖର୍ଚ୍ଚ କମାଇବାର ଏକ ବ୍ୟବସ୍ଥା ଭାବରେ ଗ୍ରହଣ କରେ। ଭାରତ ବୃହତ୍ ବହୁପାକ୍ଷିକ ପୁଲରେ ପ୍ରବେଶ କରିବା ପୂର୍ବରୁ ସିଙ୍ଗାପୁର ସହିତ ଦ୍ୱିପାକ୍ଷିକ ସଂଯୋଗ ସ୍ଥାପନ କରିସାରିଛି। ଭାରତ ଘରଚଟଙ୍ଗ ର ଏକ ପ୍ରତିଷ୍ଠାତା ସଦସ୍ୟ ଏବଂ ଭାରତ ଓ ସିଙ୍ଗାପୁର ମଧ୍ୟରେ ଅର୍ଥ ପ୍ରେରଣ ଭାରତର ୟୁପିଆଇ ଏବଂ ସିଙ୍ଗାପୁରର ପେନାଓ ସିଷ୍ଟମ୍ ଦ୍ୱାରା ଯୋଡ଼ାଯାଇଛି। ମନେହୁଏ ଯେ ଆରବିଆଇ ବ୍ରିକ୍ସ ପାଇଁ ନେକ୍ସସ୍ ଭଳି ଏକ ସମାନ୍ତରାଳ ନେଟୱାର୍କ ସୁପାରିଶ କରୁଛି। ଏହା ଚୀନ୍ ଏବଂ ରୁଷିଆ ପାଇଁ ଆଗ୍ରହର ବିଷୟ ନ ହୋଇପାରେ।

ପ୍ରୋଜେକ୍ଟ ଏମ୍ ବ୍ରିଜ୍ ହେଉଛି ୨୦୨୧ ରୁ ବିସ୍ ଇନୋଭେସନ୍ ହବ୍, ବ୍ୟାଙ୍କ ଅଫ୍ ଥାଇଲ୍ୟାଣ୍ଡ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ୟୁଏଇ, ପିପୁଲ୍ସ ବ୍ୟାଙ୍କ ଅଫ୍ ଚାଇନା ଏବଂ ହଂକଂ ମୋନିଟାରୀ ଅଥରିଟି ମଧ୍ୟରେ ବ୍ୟାପକ ସହଯୋଗର ଫଳାଫଳ, ଯେଉଁଥିରେ ୨୦୨୪ ରେ ସାଉଦି ସେଣ୍ଟ୍ରାଲ୍ ବ୍ୟାଙ୍କ ଯୋଗ ଦେଇଥିଲା। ଏହା ଅଂଶଗ୍ରହଣକାରୀ ଦେଶଗୁଡ଼ିକୁ ଆମେରିକୀୟ ଡଲାର କିମ୍ବା ସ୍ୱିଫ୍ଟ ଭଳି ପାଶ୍ଚାତ୍ୟ ନେଟୱାର୍କ ବଦଳରେ ସ୍ଥାନୀୟ ମୁଦ୍ରା ବ୍ୟବହାର କରି ବାଣିଜ୍ୟ ସେଟଲମେଣ୍ଟ କରିବାକୁ ଅନୁମତି ଦେଇଛି। ଅନ୍ୟପକ୍ଷରେ, ବିସ୍ ଏବଂ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଟରନ୍ୟାସନାଲ୍ ଫାଇନାନ୍ସ ୨୦୨୬ ରେ 'ପ୍ରୋଜେକ୍ଟ ଆଗୋରା' ଆଣିଛନ୍ତି, ଯାହା ପ୍ରୋଜେକ୍ଟ ଏମ୍ ବ୍ରିଜ୍‌ର ଏକ ପାଶ୍ଚାତ୍ୟ-ସମର୍ଥିତ ବିକଳ୍ପ। ଏହି ପ୍ରୋଜେକ୍ଟ ୮ଟି ପ୍ରମୁଖ ସେଣ୍ଟ୍ରାଲ୍ ବ୍ୟାଙ୍କ ସହିତ ୪୦ ରୁ ଅଧିକ ବିଶ୍ୱସ୍ତରୀୟ ବାଣିଜ୍ୟିକ ଆର୍ଥିକ ସଂସ୍ଥାକୁ ଏକାଠି ଆଣିଥାଏ।

**ପ୍ଲାଟଫର୍ମର ଚୟନ**

ବିଭିନ୍ନ ବିକଳ୍ପ ମଧ୍ୟରୁ ଚୟନ କରିବା ବୈଷୟିକ ନିର୍ଦ୍ଦିଷ୍ଟତା ଅପେକ୍ଷା ବିଭାଜିତ ବିଶ୍ୱ ଆର୍ଥିକ ବ୍ୟବସ୍ଥାରେ ସନ୍ତୁଳନ ରକ୍ଷା କରିବା ଉପରେ ଅଧିକ ନିର୍ଭର କରେ। ଏହି ଚୟନ ସମ୍ପୂର୍ଣ୍ଣ ଭାବରେ ଗୋଟିଏ ଦେଶର ଭୂ-ରାଜନୈତିକ ସ୍ଥିତି, ମୁଦ୍ରା ରଣନୀତି (ଡଲାରମୁକ୍ତୀକରଣ ବନାମ ପୂର୍ବସ୍ଥିତି) ଏବଂ ସେମାନେ ଖୁଚୁରା ପେମେଣ୍ଟ କିମ୍ବା ସଂସ୍ଥାଗତ ସେଟଲମେଣ୍ଟକୁ ପ୍ରାଥମିକତା ଦେଉଛନ୍ତି କି ନାହିଁ ତାହା ଉପରେ ନିର୍ଭର କରେ। ଯଦି କୌଣସି ଦେଶ ପାଶ୍ଚାତ୍ୟ କଟକଣାର ସାମ୍ନା କରୁଛି, ତେବେ ଏମ୍ ବ୍ରିଜ୍ ସେମାନଙ୍କ ପାଇଁ ଶ୍ରେୟସକର । ଏହାର ଅର୍ଥ ହେଉଛି ଚୀନର ଆର୍ଥିକ କ୍ଷେତ୍ର ସହିତ ଗଭୀର ଭାବରେ ଯୋଡ଼ି ହେବା, କାରଣ ଏହି ପ୍ଲାଟଫର୍ମ ଚୀନ୍ ଭିତ୍ତିଭୂମି ଏବଂ ଡିଜିଟାଲ୍ ୟୁଆନ୍ ଉପରେ ବହୁତ ନିର୍ଭର କରେ। ପାଶ୍ଚାତ୍ୟ ଆର୍ଥିକ ବ୍ୟବସ୍ଥା ସହିତ ସୁରକ୍ଷିତ ଭାବରେ ଯୋଡ଼ି ହୋଇଥିବା ଦେଶଗୁଡ଼ିକ ପାଇଁ ପ୍ରୋଜେକ୍ଟ ଆଗୋରା ହେଉଛି ଭବିଷ୍ୟତ। ଏହା ବ୍ଲକଚେନ୍ ପ୍ରଯୁକ୍ତିବିଦ୍ୟାକୁ ସ୍ୱିଫ୍ଟ ଏବଂ ଜି-୭ ବ୍ୟାଙ୍କ ଭଳି ବିଶ୍ୱସନୀୟ ସଂସ୍ଥାଗୁଡ଼ିକ ସହିତ ଯୋଡ଼ିଥାଏ। ଯଦି ତତ୍କାଳ ଲକ୍ଷ୍ୟ ସୀମାପାର ପେମେଣ୍ଟ କରିବା ହୋଇଥାଏ, ତେବେ ପ୍ରୋଜେକ୍ଟ ନେକ୍ସସ୍ ସବୁଠାରୁ ଲାଭଦାୟକ।

ନ୍ୟୁ ଡେଭେଲପମେଣ୍ଟ ବ୍ୟାଙ୍କକୁ ସୁଦୃଢ଼ କରିବା

ବ୍ରିକ୍ସ ଦେଶଗୁଡ଼ିକରେ ଭିତ୍ତିଭୂମି ଏବଂ ସ୍ଥାୟୀ ବିକାଶ ପ୍ରକଳ୍ପ ପାଇଁ ସମ୍ବଳ ଏକାଠି କରିବାକୁ ୨୦୧୪ ରେ ନ୍ୟୁ ଡେଭେଲପମେଣ୍ଟ ବ୍ୟାଙ୍କ ଗଠନ କରାଯାଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅଙ୍ଗାରକାମ୍ଳ ମୁକ୍ତ ଶକ୍ତି, ପରିବହନ, ଜଳ ଓ ପରିମଳ ଏବଂ ଡିଜିଟାଲ୍ ନେଟୱାର୍କ ଭଳି ପ୍ରକଳ୍ପଗୁଡ଼ିକୁ ଅର୍ଥପ୍ରଦାନ କରିବା, ପରିବେଶ ଓ ସାମାଜିକ ଦୃଷ୍ଟିରୁ ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ବିଶ୍ୱବ୍ୟାଙ୍କ ଭଳି ପାଶ୍ଚାତ୍ୟ ନିୟନ୍ତ୍ରିତ ସଂସ୍ଥାଗୁଡ଼ିକୁ ଏକ ପରିପୂରକ ଆର୍ଥିକ ସଂସ୍ଥା ସୃଷ୍ଟି କରିବା ଓ ଡଲାର ଉପରେ ନିର୍ଭରଶୀଳତା କମାଇବା ପାଇଁ ସ୍ଥାନୀୟ ମୁଦ୍ରାରେ ଋଣ ପ୍ରଦାନ କରିବା। ୧୦୦ ବିଲିୟନ୍ ଡଲାରର ଅନୁମୋଦିତ ପୁଞ୍ଜି ଏବଂ ୫୦ ବିଲିୟନ୍ ଡଲାରର ସବସ୍କ୍ରାଇବ୍ଡ ପୁଞ୍ଜି ସହିତ, ଭାରତ ୯.୫ ବିଲିୟନ୍ ଡଲାରର ୩୨ଟି ପ୍ରକଳ୍ପର ହିତାଧିକାରୀ ହୋଇଛି, ଯେଉଁଥିରେ ଦିଲ୍ଲୀ-ଗାଜିଆବାଦ-ମିରଟ ଆର୍‌ଆର୍‌ଟିଏସ୍ ଏବଂ ଲକ୍ଷ୍ନୌ ମେଟ୍ରୋ ଭଳି ପ୍ରକଳ୍ପ ଅନ୍ତର୍ଭୁକ୍ତ। ଡଲାରମୁକ୍ତ କରିବା ଏବଂ ସ୍ଥାନୀୟ ମୁଦ୍ରାରେ ଆର୍ଥିକ ସହାୟତା ଆଡ଼କୁ ଗତି କରିବାର ରଣନୈତିକ ଲକ୍ଷ୍ୟ ସତ୍ତ୍ୱେ, ଏନ୍‌ଡିବିର ଅଧିକାଂଶ ଫଣ୍ଡିଂ ଏବଂ ବଣ୍ଡ ପ୍ରଦାନ ଡଲାର ଭଳି ହାର୍ଡ କରେନ୍ସି ଉପରେ ନିର୍ଭର କରିଛି। ସ୍ଥାନୀୟ ମୁଦ୍ରା ଋଣକୁ ତ୍ୱରାନ୍ୱିତ କରିବା (୩୦% ଲକ୍ଷ୍ୟ) ପାଇଁ ବିଶ୍ୱର ଜଟିଳ ଆର୍ଥିକ ଢାଞ୍ଚାକୁ ଅତିକ୍ରମ କରିବା ଆବଶ୍ୟକ। ନ୍ୟୁ ଡେଭ୍‌ଲପମେଣ୍ଟ ବ୍ୟାଙ୍କର ପୁଞ୍ଜି ସମ୍ବଳ ବିଶ୍ୱବ୍ୟାଙ୍କ କିମ୍ବା ଏସୀୟ ବିକାଶ ବ୍ୟାଙ୍କ ତୁଳନାରେ ଯଥେଷ୍ଟ କମ୍। ଏହା ବିଶ୍ୱ ଭିତ୍ତିଭୂମି ପାଇଁ ବାର୍ଷିକ ଆବଶ୍ୟକ ହେଉଥିବା ଟ୍ରିଲିୟନ୍ ଡଲାରର ଅଭାବକୁ ପୂରଣ କରିବାର କ୍ଷମତାକୁ ସୀମିତ କରେ। ଏନ୍‌ଡିବିରୁ ମିଳୁଥିବା ଋଣରେ ଆଇଏମ୍‌ଏଫ୍ ଦ୍ୱାରା ଲଗାଯାଉଥିବା ସଂସ୍କାର ସର୍ତ୍ତଗୁଡ଼ିକ ନଥାଏ। ତଥାପି, ପାଶ୍ଚାତ୍ୟ ବହୁପାକ୍ଷିକ ବିକାଶ ବ୍ୟାଙ୍କଗୁଡ଼ିକ ତୁଳନାରେ ଏହାର ଋଣ ପ୍ରଦାନରେ ମନ୍ଥରତା, ସ୍ୱଚ୍ଛତାର ଅଭାବ ଏବଂ ଶ୍ରମ ମାନଦଣ୍ଡକୁ ନେଇ ଚିନ୍ତା ରହିଛି।

**ଡଲାରମୁକ୍ତୀକରଣ ପାଇଁ ପ୍ରଚେଷ୍ଟା**

୧୯୯୯ ରେ ଯେତେବେଳେ ୟୁରୋ ପ୍ରଚଳନ କରାଯାଇଥିଲା, ଏହାର ଅନ୍ୟତମ ଉଦ୍ଦେଶ୍ୟ ଥିଲା ଡଲାରର ଆଧିପତ୍ୟକୁ ସଙ୍କୁଚିତ କରିବା। ତଥାପି, ୨୬ ବର୍ଷ ପରେ ମଧ୍ୟ ଏହା ଦ୍ୱିତୀୟ ସ୍ଥାନରେ ଅଛି, ଯେଉଁଠାରେ ବିଶ୍ୱ ବାଣିଜ୍ୟ ଏବଂ ସ୍ୱିଫ୍ଟ କାରବାରରେ ଡଲାର ୮୦% ରୁ ଅଧିକ ବ୍ୟବହୃତ ହେଉଛି। ଆମେରିକାର ଆର୍ଥିକ ବଜାର ଅନେକ ବଡ଼ ଏବଂ ଗଭୀର। ଆମେରିକା ଟ୍ରେଜେରି ମୋଟ ପାଖାପାଖି ୩୦ ଟ୍ରିଲିୟନ୍ ଡଲାର ବିଶିଷ୍ଟ ଯେଉଁଠାରେ କି ଜର୍ମାନ ବଣ୍ଡ ମୋଟ ମାତ୍ର ୨ ଟ୍ରିଲିୟନ୍ ୟୁରୋ ବିଶିଷ୍ଟ। ଚୀନ୍ ଏକ ପ୍ରମୁଖ ବିଶ୍ୱ ଉତ୍ପାଦନ ଏବଂ ରପ୍ତାନି କେନ୍ଦ୍ର ଭାବରେ ଉଭା ହେବା ସହିତ, ଏହା ଡଲାରମୁକ୍ତୀକରଣ ଅଭିଯାନର ଅଗ୍ରଭାଗରେ ରହିଛି।

ଚୀନ୍ ବିଶ୍ୱ ବାଣିଜ୍ୟରେ ଗୁରୁତ୍ୱପୂର୍ଣ୍ଣ ପ୍ରଗତି ହାସଲ କରିଥିଲେ ମଧ୍ୟ (ଆମେରିକାର ଚୀନ୍ ସହିତ ୨୦୨ ବିଲିୟନ୍ ଡଲାରର ବାଣିଜ୍ୟ ନିଅଣ୍ଟ ରହିଛି), ଆମେରିକା ଆର୍ଥିକ ବଜାର ଏବଂ ପାଶ୍ଚାତ୍ୟ ସଂସ୍ଥାଗୁଡ଼ିକର ଆଧିପତ୍ୟ ସହଜରେ ଶେଷ ହେବ ନାହିଁ। ନଭେମ୍ବର ୨୦୨୪ ରେ ରାଷ୍ଟ୍ରପତି ଟ୍ରମ୍ପ ବ୍ରିକ୍ସ ଦେଶଗୁଡ଼ିକ ଡଲାରରୁ ଦୂରେଇ ଗଲେ ସେମାନଙ୍କ ଉପରେ ୧୦୦% ଶୁଳ୍କ ଲଗାଇବାକୁ ଧମକ ଦେଇଥିଲେ। ଯଦିଓ ଏହି ଧମକ ସିଧାସଳଖ ପେମେଣ୍ଟ ସିଷ୍ଟମକୁ ଲକ୍ଷ୍ୟ କରି ନଥିଲା, ବ୍ରିକ୍ସ ଦେଶଗୁଡ଼ିକ ପାଇଁ ଜଟିଳ ଆର୍ଥିକ ବ୍ୟବସ୍ଥାକୁ ପରିଚାଳନା କରିବା ଏକ ଆହ୍ୱାନ। କାରବାର ଖର୍ଚ୍ଚ କମାଇବା, ବିଶ୍ୱ ଶାସନକୁ ପାଶ୍ଚାତ୍ୟ-ବିରୋଧୀ ନକରି ଅଣ-ପାଶ୍ଚାତ୍ୟ ଭାବେ ଗଢ଼ିତୋଳିବା ଏବଂ ଡଲାରମୁକ୍ତୀକରଣ ପଛରେ ନପଡ଼ି ସେତୁ ନିର୍ମାଣକାରୀ ଭାବରେ କାର୍ଯ୍ୟ କରିବା ସହ ରଣନୈତିକ ସ୍ୱାଧୀନତା ବଜାୟ ରଖିବା ପାଇଁ ଭାରତର ସତର୍କ ଦୃଷ୍ଟିକୋଣ ପ୍ରଶଂସନୀୟ।



ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ସୋସିଆଲ ମିଡିଆ ସତରେ ସାଙ୍ଗ ନା ସାଇଲେଣ୍ଟ କିଲର ?

ସକାଳୁ ଆଖି ଖୋଲିବା ମାତ୍ରେ ହାତ ପ୍ରଥମେ ମୋବାଇଲ୍ ଖୋଜୁଛି। ବେଡ୍‌ରୁ ନଉଠୁଣୁ ଇନ୍‌ଷ୍ଟାଗ୍ରାମ୍, ଫେସବୁକ୍ କିମ୍ବା ୟୁଟ୍ୟୁବ୍‌ର ସ୍କ୍ରୋଲିଂ ଆରମ୍ଭ ହୋଇଯାଉଛି। ମାତ୍ର ୧୫ ସେକେଣ୍ଡର ଚଟପଟି ରୀଲ୍ସ ଦେଖୁ ଦେଖୁ କେତେବେଳେ ଘଣ୍ଟାଏ ଦୁଇ ଘଣ୍ଟା ବିତିଯାଉଛି, ତାହା ଜଣାପଡୁନି। ଆଜିର ସମୟରେ ଏହା କୌଣସି ଜଣେ ବ୍ୟକ୍ତିର ସମସ୍ୟା ନୁହେଁ, ବରଂ ସମଗ୍ର ସମାଜକୁ ଗ୍ରାସ କରିଥିବା ଏକ ବଡ଼ ମାନସିକ ବ୍ୟାଧି। ବାହାରକୁ ସବୁକିଛି ସ୍ୱାଭାବିକ ଦେଖାଯାଉଥିଲେ ମଧ୍ୟ, ସୋସିଆଲ ମିଡିଆର ଅତ୍ୟଧିକ ବ୍ୟବହାର ଯୁବପିଢ଼ି ଓ କିଶୋରମାନଙ୍କ ମାନସିକ ସ୍ୱାସ୍ଥ୍ୟକୁ ଭିତରେ ଭିତରେ କୋରି ଖାଉଛି।



## ମସ୍ତିଷ୍କକୁ ପ୍ରଭାବିତ କରୁଛି 'ଡୋପାମାଇନ୍ ହାଇଜାକ୍'

ମନସ୍ତତ୍ତ୍ୱବିତ୍‌ଙ୍କ ଅନୁସାରେ, ଯେତେବେଳେ ଆମେ ସୋସିଆଲ ମିଡିଆରେ କୌଣସି ନୂଆ ପୋଷ୍ଟ ବା ରୀଲ୍ସ ଦେଖୁ କିମ୍ବା ଆମ ଫଟୋରେ କେହି 'ଲାଇକ୍' କରେ, ସେତେବେଳେ ମସ୍ତିଷ୍କରେ 'ଡୋପାମାଇନ୍' ନାମକ କେମିକାଲ୍ କ୍ଷରଣ ହୁଏ। ଏହା ଆମକୁ କ୍ଷଣିକ ଆନନ୍ଦ ଦେଇଥାଏ। ଏହି କ୍ଷଣିକ ସୁଖ ପାଇଁ ମଣିଷ ବାରମ୍ବାର ଫୋନ୍ ଚେକ୍ କରେ। ଧୀରେ ଧୀରେ ଏହା ମସ୍ତିଷ୍କକୁ ଏଭଳି ନିୟନ୍ତ୍ରଣ କରେ ଯେ ବ୍ୟକ୍ତି ଚାହିଁ ମଧ୍ୟ ଫୋନ୍ ଛାଡ଼ିପାରେନାହିଁ। ଏହାକୁ ବିଜ୍ଞାନ ଭାଷାରେ 'ଡିଜିଟାଲ୍ ଆଡିକ୍ସନ' କୁହାଯାଏ।

## ଜୀବନକୁ ଗ୍ରାସ କରୁଛି 'ଫୋମୋ' ଓ 'ତୁଳନାର ରୋଗ'

ସୋସିଆଲ ମିଡିଆ ହେଉଛି ଏକ ଚକାଚକ୍ ଦୁନିଆ, ଯେଉଁଠି ସମସ୍ତେ ନିଜର ସବୁଠାରୁ ଭଲ ଫଟୋ, ମହଙ୍ଗା ଗାଡ଼ି, ବୁଲାବୁଲି ଏବଂ ସଫଳତାର କାହାଣୀ ପୋଷ୍ଟ କରନ୍ତି। ଏହାକୁ ଦେଖି ସାଧାରଣ ଲୋକ ବା ଛାତ୍ରଛାତ୍ରୀମାନେ ନିଜ ଜୀବନକୁ ଅନ୍ୟମାନଙ୍କ ସହ ତୁଳନା କରିବାକୁ ଲାଗନ୍ତି। ଫଳରେ ମନରେ ଏକ ଅଜଣା ଭୟ ସୃଷ୍ଟି ହୁଏ, ଯାହାକୁ 'ଫୋମୋ' ବା 'ପଛରେ ରହିଯିବାର ଭୟ' କୁହାଯାଏ। ଏହି ହୀନମନ୍ୟତା ପରବର୍ତ୍ତୀ ସମୟରେ ଗଭୀର ଅବସାଦ ଏବଂ ଚିନ୍ତାର ରୂପ ନିଏ।

## ନୀଳ ଆଲୋକ ଛଡ଼ାଉଛି ରାତିର ନିଦ

ଗବେଷଣାରୁ ଜଣାପଡ଼ିଛି ଯେ ରାତିରେ ଶୋଇବା ପୂର୍ବରୁ ମୋବାଇଲ୍ ସ୍କ୍ରିନ୍‌ରୁ ବାହାରୁଥିବା 'ନୀଳ ଆଲୋକ' ଆମ ଶରୀରରେ ନିଦ୍ରା ସୃଷ୍ଟିକାରୀ ହରମୋନ୍ 'ମେଲାଟୋନିନ୍'କୁ ନଷ୍ଟ କରିଦିଏ। ଫଳରେ ରାତି ତମାମ ନିଦ ହୁଏନାହିଁ। ନିଦ୍ରାହୀନତା ଯୋଗୁଁ ପରଦିନ ସକାଳୁ ଶରୀର କ୍ଲାନ୍ତ ରହିବା ସହ ମନ ଚିଡ଼ଚିଡ଼ା ହୁଏ, ଯାହା ଧୀରେ ଧୀରେ ମାନସିକ ସ୍ଥିରତାକୁ ନଷ୍ଟ କରିଦିଏ।

## କ'ଣ କହୁଛି ଗବେଷଣା ରିପୋର୍ଟ ?

ଦୈନିକ ୩ ଘଣ୍ଟାରୁ ଅଧିକ ସମୟ ସୋସିଆଲ ମିଡିଆରେ ବିତାଉଥିବା କିଶୋରଙ୍କ ମଧ୍ୟରେ ମାନସିକ ସମସ୍ୟାର ଆଶଙ୍କା ୫୦% ବୃଦ୍ଧି ପାଏ। ପ୍ରତିଦିନ ମାତ୍ର ୧ ଘଣ୍ଟା ଅଧିକ ସ୍କ୍ରୋଲିଂ କଲେ ଅବସାଦର ମାତ୍ରା ୧୫% ବଢ଼ିଯାଇଥାଏ। ଅତିରିକ୍ତ ରୀଲ୍ସ ଦେଖିବା ଦ୍ୱାରା ମଣିଷର ଧୈର୍ଯ୍ୟ ଏବଂ କୌଣସି କାର୍ଯ୍ୟରେ ମନୋନିବେଶ କରିବାର କ୍ଷମତା ମାରାତ୍ମକ ଭାବେ କମିଯାଉଛି।

# ସମାଧାନର ବାଟ : ଆବଶ୍ୟକ 'ଡିଜିଟାଲ୍ ଡିଟକ୍ସ'

> "ଆଭାସୀ ଦୁନିଆର 'ଲାଇକ୍' ପଛରେ ଦୌଡୁ ଦୌଡୁ ବାସ୍ତବ ଜୀବନରୁ ହଜିଯାଉଛି ମନର ଶାନ୍ତି। କୋମଳମତି ଶିଶୁ ଓ ଯୁବପିଢ଼ିଙ୍କୁ ଗ୍ରାସ କରୁଛି ଡିଜିଟାଲ୍ ମାନସିକ ବ୍ୟାଧି। ଏଥିରୁ ମୁକ୍ତିର ବାଟ କ'ଣ ?"

ସୋସିଆଲ ମିଡିଆକୁ ଆମେ ସମ୍ପୂର୍ଣ୍ଣ ବର୍ଜନ କରିପାରିବା ନାହିଁ, କିନ୍ତୁ ଏହାର ସନ୍ତୁଳିତ ବ୍ୟବହାର କରି ମାନସିକ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖାଯାଇପାରିବ:

୧. **ସ୍କ୍ରିନ୍ ଟାଇମ୍ ସୀମିତ କରନ୍ତୁ :** ମୋବାଇଲରେ ଆପ୍ ଲିମିଟ୍ ସେଟ୍ କରନ୍ତୁ। ଦୈନିକ ସୋସିଆଲ ମିଡିଆ ବ୍ୟବହାର ୪୦ ରୁ ୪୫ ମିନିଟ୍ ମଧ୍ୟରେ ସୀମିତ ରଖନ୍ତୁ।

୨. **ବେଡ୍‌ରୁ ମୋବାଇଲ୍ ଦୂରେଇ ରଖନ୍ତୁ :** ଶୋଇବାର ଅତିକମରେ ୧ ଘଣ୍ଟା ପୂର୍ବରୁ ଏବଂ ସକାଳେ ଉଠିବାର ପ୍ରଥମ ୧ ଘଣ୍ଟା ପର୍ଯ୍ୟନ୍ତ ମୋବାଇଲ୍‌କୁ ସମ୍ପୂର୍ଣ୍ଣ ସ୍ପର୍ଶ କରନ୍ତୁ ନାହିଁ।

୩. **ନୋ-ଫୋନ୍ ଜୋନ୍ ତିଆରି କରନ୍ତୁ :** ଡାଇନିଂ ଟେବୁଲ୍, ପରିବାର ସହ ଆଲୋଚନା ସମୟ ଏବଂ ଶୋଇବା ଘରକୁ 'ନୋ-ଫୋନ୍ ଜୋନ୍' ଭାବେ ଘୋଷଣା କରନ୍ତୁ।

୪. **ବାସ୍ତବ ଦୁନିଆ ସହ ଯୋଡ଼ି ହୁଅନ୍ତୁ :** ଆଭାସୀ ବନ୍ଧୁଙ୍କ ଅପେକ୍ଷା ଘର ଲୋକ ଓ ପ୍ରକୃତ ସାଙ୍ଗମାନଙ୍କ ସହ ସମୟ ବିତାନ୍ତୁ। ବ୍ୟାୟାମ, ବହି ପଢ଼ିବା କିମ୍ବା କୌଣସି ରୁଚିପୂର୍ଣ୍ଣ କାର୍ଯ୍ୟରେ ମନ ଲଗାନ୍ତୁ।

ସୋସିଆଲ ମିଡିଆ ଏକ ଭଲ ଦାସ ହୋଇପାରେ, କିନ୍ତୁ ଏହା ଏକ ଅତ୍ୟନ୍ତ ଖରାପ ମାଲିକ। ଯଦି ଆମେ ଏହାକୁ ନିୟନ୍ତ୍ରଣ ନକରିବା, ତେବେ ଏହା ଆମ ଜୀବନ ଓ ମାନସିକ ସ୍ୱାସ୍ଥ୍ୟକୁ ନଷ୍ଟ କରିଦେବ। ସମୟ ଆସିଛି, ଆଭାସୀ ଦୁନିଆରୁ ବାହାରି ବାସ୍ତବ ଜୀବନର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା।

"ଯଦି ଆପଣଙ୍କୁ ଅକାରଣରେ ଚିନ୍ତା ଲାଗୁଛି, ସୋସିଆଲ ମିଡିଆ ପୋଷ୍ଟରେ କମ୍ ଲାଇକ୍ ମିଳିଲେ ମନ ଦୁଃଖ ହେଉଛି କିମ୍ବା ଫୋନ୍ ପାଖରେ ନଥିଲେ ବ୍ୟାକୁଳତା ପ୍ରକାଶ ପାଉଛି, ତେବେ ସତର୍କ ହୋଇଯାଆନ୍ତୁ। ଏହା ମାନସିକ ଅସୁସ୍ଥତାର ପ୍ରାଥମିକ ଲକ୍ଷଣ। ଦିନକ ମଧ୍ୟରେ କିଛି ସମୟ ଡିଜିଟାଲ୍ ଦୁନିଆରୁ ସମ୍ପୂର୍ଣ୍ଣ ଦୂରେଇ ରହିବା ଶରୀର ଓ ମନ ପାଇଁ ନିହାତି ଜରୁରୀ।"





ଆଜିର ବ୍ୟସ୍ତବହୁଳ ଜୀବନଶୈଳୀରେ ନିଜକୁ ସୁସ୍ଥ ରଖିବା ଏକ ବଡ଼ ଆହ୍ୱାନ ପାଲଟିଛି। ବଦଳୁଥିବା ପାଣିପାଗ ଏବଂ ଖାଦ୍ୟପେୟ ଯୋଗୁଁ ଅନେକ ଛୋଟବଡ଼ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଉଛି। କିନ୍ତୁ ସଚେତନତା ଏବଂ ସଠିକ୍ ପ୍ରତିକାର ଦ୍ୱାରା ଆମେ ରୋଗମୁକ୍ତ ହୋଇପାରିବା। ଘରୋଇ ଉପଚାରଠାରୁ ଆରମ୍ଭ କରି ଆଧୁନିକ ଚିକିତ୍ସା ପଦ୍ଧତି ପର୍ଯ୍ୟନ୍ତ ରହିଛି ଅନେକ ସହଜ ଉପାୟ। ଆମ ଶରୀରକୁ ଫିଟ୍ ରଖିବା ପାଇଁ ଦୈନନ୍ଦିନ ଯୋଗ ଏବଂ ବ୍ୟାୟାମର ଆବଶ୍ୟକତା ଅତି ଜରୁରୀ। ଆଜି ଆମେ ଆଲୋଚନା କରିବା କେତେକ ସାଧାରଣ ରୋଗ ଏବଂ ଏହାର ସରଳ ସମାଧାନ ବିଷୟରେ। ବିଶେଷଜ୍ଞ ଡାକ୍ତରମାନଙ୍କ ପରାମର୍ଶ ନେଇ ଆସିଛୁ ଆପଣଙ୍କ ପାଇଁ କିଛି ସ୍ୱତନ୍ତ୍ର ହେଲଥ୍ ଟିପ୍ସ। ତେବେ ଆସନ୍ତୁ ଜାଣିବା କେମିତି ରଖିବେ ନିଜ ଶରୀରକୁ ସୁସ୍ଥ ଏବଂ ମନକୁ ପ୍ରସନ୍ନ। ଦେଖନ୍ତୁ ଆମର ଏହି ଖାସ୍ ରିପୋର୍ଟ— "ନିରୋଗ ଦେହ, ସୁଖୀ ଜୀବନ"।

"ଆପଣଙ୍କ ସ୍ୱାସ୍ଥ୍ୟ ଆପଣଙ୍କ ହାତରେ"

# ସମସ୍ୟା ଜାଣନ୍ତୁ ଉପାୟ ଖୋଜନ୍ତୁ



◆ ସାଇଲେଣ୍ଟ କିଲର 'ଫ୍ୟାଟି ଲିଭର'

# ମଦ ନ ପିଇ ବି ଖରାପ ହେଉଛି କଲିଜା



ଦିନ ଥିଲା ଯେତେବେଳେ ଲିଭର ବା ଯକୃତ ସମସ୍ୟା କେବଳ ଅତ୍ୟଧିକ ମଦ୍ୟପାନ କରୁଥିବା ଲୋକଙ୍କ କ୍ଷେତ୍ରରେ ଦେଖାଯାଉଥିଲା। କିନ୍ତୁ ବର୍ତ୍ତମାନ ସମୟ ବଦଳିଛି। ଆଜିକାଲି ମଦ୍ୟପାନ କରୁନଥିବା ଲୋକ, ବିଶେଷ କରି ଯୁବପିଢ଼ି ଏବଂ ଛୋଟ ପିଲାମାନେ ମଧ୍ୟ ଲିଭର ଜନିତ ଗମ୍ଭୀର ରୋଗର ଶିକାର ହେଉଛନ୍ତି। ଚିକିତ୍ସା ବିଜ୍ଞାନ ଭାଷାରେ ଏହାକୁ 'ନନ୍-ଆଲକୋହଲିକ୍ ଫ୍ୟାଟି ଲିଭର ଡିଜିଜ୍' ବା ସାଧାରଣ ଭାଷାରେ 'ଫ୍ୟାଟି ଲିଭର' କୁହାଯାଏ। ଏହି ରୋଗର ସବୁଠାରୁ ଭୟଙ୍କର ଦିଗ ହେଉଛି, ଏହାର କୌଣସି ପ୍ରାଥମିକ ଲକ୍ଷଣ ଜଣାପଡ଼େ ନାହିଁ। ତେଣୁ ଏହାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏକ 'ସାଇଲେଣ୍ଟ କିଲର' ଆଖ୍ୟା ଦେଇଛନ୍ତି।

## କ'ଣ ଏହି ଫ୍ୟାଟି ଲିଭର ?

ଆମ ଶରୀରର ଦ୍ୱିତୀୟ ବୃହତ୍ତମ ଅଙ୍ଗ ହେଉଛି ଲିଭର, ଯାହା ହଜମ ପ୍ରକ୍ରିୟା ଠାରୁ ଆରମ୍ଭ କରି ଦୂଷିତ ପଦାର୍ଥ ବାହାର କରିବା ପର୍ଯ୍ୟନ୍ତ ପ୍ରାୟ ୫୦୦ରୁ ଅଧିକ କାମ କରେ। ସାଧାରଣତଃ ଲିଭରରେ ସାମାନ୍ୟ ଚର୍ବି ରହିବା ସ୍ୱାଭାବିକ। କିନ୍ତୁ ଯଦି ଲିଭରର ମୋଟ ଓଜନର ୫% ରୁ ୧୦% ରୁ ଅଧିକ ଚର୍ବି ଜମିଯାଏ, ତେବେ ତାହାକୁ 'ଫ୍ୟାଟି ଲିଭର' କୁହାଯାଏ। ଠିକ୍ ସମୟରେ ଏହାର ଚିକିତ୍ସା ନହେଲେ ଲିଭରରେ ପ୍ରଦାହ ସୃଷ୍ଟି ହୋଇ ପରବର୍ତ୍ତୀ ସମୟରେ 'ଲିଭର ସିରୋସିସ୍' ବା ଲିଭର କ୍ୟାନ୍ସର ଭଳି ସାଙ୍ଘାତିକ ସ୍ଥିତି ଉପୁଜିଥାଏ।

## କାହିଁକି ବଢ଼ୁଛି ଏହି ସମସ୍ୟା ?

ଫ୍ୟାଟି ଲିଭରର ମୁଖ୍ୟ କାରଣ ହେଉଛି ଆମର ଖରାପ ଖାଦ୍ୟପେୟ ଓ ଆଳସ୍ୟପୂର୍ଣ୍ଣ ଜୀବନଶୈଳୀ।

**ଜଙ୍କ ଫୁଡ୍ ଏବଂ କୋଲ୍ଡ ଡ୍ରିଙ୍କସ୍ :** ବର୍ତ୍ତମାନ ପିଲାମାନେ ଭାତ, ଡାଲି ଅପେକ୍ଷା ପିଜା, ବର୍ଗର, ଚାଓମିନ୍, ଚିପ୍ସ ଏବଂ ସଫ୍ଟ ଡ୍ରିଙ୍କସ୍ ଅଧିକ ପସନ୍ଦ କରୁଛନ୍ତି। ଏଥିରେ ଥିବା ଅତ୍ୟଧିକ ମାତ୍ରାର 'ଫ୍ରୁକ୍ଟୋଜ୍' ସିଧାସଳଖ ଲିଭରରେ ଚର୍ବି ଆକାରରେ ଜମା ହୁଏ।

**ଶାରୀରିକ ପରିଶ୍ରମର ଅଭାବ :** ଘଣ୍ଟା ଘଣ୍ଟା ଧରି କମ୍ପ୍ୟୁଟର ବା ମୋବାଇଲ୍ ଆଗରେ ବସି ରହିବା ଏବଂ କୌଣସି ବ୍ୟାୟାମ ନକରିବା ଦ୍ୱାରା ଶରୀରର ମେଟାବୋଲିଜିମ୍ କମିଯାଏ।

**ମେଦବହୁଳତା ଓ ମଧୁମେହ :** ଯେଉଁମାନଙ୍କର ଓଜନ ଅଧିକ କିମ୍ବା ଯେଉଁମାନେ ଟାଇପ୍-୨ ମଧୁମେହ ରୋଗୀ, ସେମାନଙ୍କ କ୍ଷେତ୍ରରେ ଫ୍ୟାଟି ଲିଭର ହେବାର ଆଶଙ୍କା ୭୦% ରୁ ୮୦% ଅଧିକ ରହିଥାଏ।

## କେଉଁ ଲକ୍ଷଣ ପ୍ରତି ସତର୍କ ରହିବେ ?

ଫ୍ୟାଟି ଲିଭରର ସାଧାରଣତଃ କୌଣସି ସ୍ପଷ୍ଟ ଲକ୍ଷଣ ନଥାଏ, ତଥାପି ଶରୀରରେ ଏହି ପରିବର୍ତ୍ତନ ଦେଖାଗଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ପେଟର ଡାହାଣ ପଟର ଉପର ଭାଗରେ ସାମାନ୍ୟ କଷ୍ଟ କିମ୍ବା ଭାରି ଅନୁଭବ ହେବା। ସବୁବେଳେ ଅତ୍ୟଧିକ କ୍ଲାନ୍ତ ଓ ଦୁର୍ବଳ ଲାଗିବା। ଅକାରଣରେ ଓଜନ ହ୍ରାସ ପାଇବା କିମ୍ବା ଭୋକ ନଲାଗିବା। ହଜମ ପ୍ରକ୍ରିୟାରେ ଗଡ଼ବଡ଼ ହେବା ଏବଂ ପେଟ ଫୁଲିବା।

ବିନା କୌଣସି ବଡ଼ ଲକ୍ଷଣରେ ଶରୀର ଭିତରେ ବଢ଼ୁଛି ମାରାତ୍ମକ ରୋଗ। ଜଙ୍କ ଫୁଡ୍, ଅତିରିକ୍ତ ମିଠା ଏବଂ ଖରାପ ଜୀବନଶୈଳୀ ଯୋଗୁଁ ଯୁବପିଢ଼ି ହେଉଛନ୍ତି ଶିକାର। ସତର୍କ ନହେଲେ ଲିଭର ସିରୋସିସ୍ ନିଶ୍ଚିତ।

# ପ୍ରତିକାର ହିଁ ଏକମାତ୍ର ସମାଧାନ

> ଆଶ୍ଚର୍ଯ୍ୟର କଥା ହେଉଛି, ପ୍ରାଥମିକ ସ୍ତରରେ ଫ୍ୟାଟି ଲିଭର ପାଇଁ କୌଣସି ନିର୍ଦ୍ଦିଷ୍ଟ ଔଷଧ ନାହିଁ। କେବଳ ନିଜ ଜୀବନଶୈଳୀରେ ପରିବର୍ତ୍ତନ ଆଣି ଏହାକୁ ସମ୍ପୂର୍ଣ୍ଣ ଭଲ କରାଯାଇପାରିବ

୧. **ଖାଦ୍ୟପେୟରେ ସୁଧାର :** ପ୍ୟାକେଟ୍ ଖାଦ୍ୟ, ଅଧିକ ତେଲ ମସଲା, ମିଠା ଏବଂ ମଇଦା ଜାତୀୟ ଖାଦ୍ୟ ସମ୍ପୂର୍ଣ୍ଣ ବନ୍ଦ କରନ୍ତୁ। ଖାଦ୍ୟରେ ସବୁଜ ପନିପରିବା, ଫଳ ଏବଂ ଫାଇବର ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ।

୨. **ଓଜନ ନିୟନ୍ତ୍ରଣ :** ଯଦି ଆପଣଙ୍କ ଓଜନ ଅଧିକ ଅଛି, ତେବେ ନିଜ ଶରୀରର ଓଜନର ମାତ୍ର ୭% ରୁ ୧୦% କମାଇବା ଦ୍ୱାରା ଲିଭରରୁ ଚର୍ବି ମାତ୍ରା ବହୁତ କମିଯାଇଥାଏ।

୩. **ନିୟମିତ ବ୍ୟାୟାମ :** ଦୈନିକ ଅତିକମରେ ୩୦ ରୁ ୪୫ ମିନିଟ୍ ଶୀଘ୍ର ଚାଲନ୍ତୁ, ଦୌଡ଼ନ୍ତୁ, ସାଇକେଲ ଚଲାନ୍ତୁ କିମ୍ବା ଯୋଗ କରନ୍ତୁ।

୪. **ମାଣ୍ଡିଆ କିମ୍ବା ସ୍ୱଦେଶୀ ଖାଦ୍ୟର ବ୍ୟବହାର :** ଓଡ଼ିଶା ସରକାରଙ୍କ ମିଲେଟ୍ ମିଶନ ଅଧୀନରେ ପ୍ରୋତ୍ସାହିତ ହେଉଥିବା ମାଣ୍ଡିଆ, ବାଜରା ଆଦି ଖାଦ୍ୟ ଲିଭରର ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପକାରୀ।

ଲିଭର ହେଉଛି ଆମ ଶରୀରର ସେଲଫ୍-ହିଲିଂ ଅର୍ଥାତ୍ ନିଜକୁ ନିଜେ ସୁଧାରି ପାରୁଥିବା ଅଙ୍ଗ। ଆମେ ଯଦି ଆଜିଠାରୁ ସତର୍କ ହେବା ଏବଂ ନିଜ ଖାଦ୍ୟପେୟକୁ ସନ୍ତୁଳିତ କରିବା, ତେବେ ଏହି ଭୟଙ୍କର ସାଇଲେଣ୍ଟ କିଲର କବଳରୁ ନିଜକୁ ଏବଂ ନିଜ ପରିବାରକୁ ରକ୍ଷା କରିପାରିବା। ସୁସ୍ଥ ଲିଭର ହିଁ ସୁସ୍ଥ ଜୀବନର ଚାବିକାଠି। ଡାକ୍ତରୀ ପରାମର୍ଶ "୩୫ ବର୍ଷରୁ ଅଧିକ ବୟସର ବ୍ୟକ୍ତି, ଯେଉଁମାନଙ୍କର ପେଟ ବାହାରକୁ ବାହାରିଛି କିମ୍ବା ମଧୁମେହ ଅଛି, ସେମାନେ ବର୍ଷକୁ ଅନ୍ତତଃ ଥରେ ନିଜର ଲିଭର ଫଙ୍କସନ୍ ଟେଷ୍ଟ ଏବଂ ପେଟର ଅଲଟ୍ରାସାଉଣ୍ଡ କରାଇ ନେବା ଉଚିତ୍। ପ୍ରାଥମିକ ଅବସ୍ଥାରେ ଏହା ଜଣାପଡ଼ିଲେ କେବଳ ଖାଦ୍ୟପେୟ ଓ ଚାଲିବା ଦ୍ୱାରା ଲିଭରକୁ ପୁନର୍ବାର ସମ୍ପୂର୍ଣ୍ଣ ସୁସ୍ଥ କରାଯାଇପାରିବ।"

ପ୍ରସ୍ତୁତି : ସତ୍ୟଜିତ୍ ମହାପାତ୍ର (ସାମ୍ବାଦିକ) / ଅଳଙ୍କରଣ : ମାନସ ରଞ୍ଜନ ମୁଦୁଲି



ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

## ବାତ୍ୟା 'ଅର୍ଣ୍ଣବ'ର ତାଣ୍ଡବ

# ଦକ୍ଷିଣ ଓ ଉପକୂଳ ଓଡ଼ିଶା ବେହାଲ, ୮ ହଜାରରୁ ଅଧିକ ସ୍ଥାନାନ୍ତରିତ

ଭୁବନେଶ୍ୱର, ୨୬/୦୯ (ଜେଏନ୍ଏସ୍) : ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଅବପାତ ଶେଷରେ ଭୟଙ୍କର ବାତ୍ୟା 'ଅର୍ଣ୍ଣବ'ର ରୂପ ନେଇଛି । ଏହା ଆନ୍ଧ୍ରପ୍ରଦେଶ ଉପକୂଳ ଦେଇ ସ୍ଥଳଭାଗ ଛୁଇଁବା ପରେ ଏହାର ବ୍ୟାପକ ପ୍ରଭାବ ଓଡ଼ିଶା ଉପରେ ପଡ଼ିଛି । ବିଶେଷ କରି ଦକ୍ଷିଣ ଏବଂ ଉପକୂଳ ଓଡ଼ିଶାରେ ବିଗତ ୩୬ ଘଣ୍ଟା ହେବ ଅବିଶ୍ରାନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିଛି । ପ୍ରଶାସନ ପକ୍ଷରୁ ବ୍ୟାପକ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୮,୦୦୦ରୁ ଅଧିକ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇ ଆଶ୍ରୟସ୍ଥଳୀରେ ରଖାଯାଇଛି ।



✦ ୬ ଜିଲ୍ଲାରେ ସ୍କୁଲ ଓ ଅଙ୍ଗନବାଡ଼ି ବନ୍ଦ
✦ ଜଳମଗ୍ନ ଚାଷଜମି ଓ ଯୋଗାଯୋଗ ବିଚ୍ଛିନ୍ନ
✦ ପ୍ରଶାସନିକ ପ୍ରସ୍ତୁତି ଓ ଉଦ୍ଧାର କାର୍ଯ୍ୟ

ବାତ୍ୟା ଜନିତ ପ୍ରବଳ ବର୍ଷା ଯୋଗୁଁ କୋରାପୁଟ ଜିଲ୍ଲାର ମାଳିଗୁଡା ଏବଂ ଛତ୍ରୀପୁଟ ଷ୍ଟେସନ ମଧ୍ୟରେ ଏକ ବଡ଼ ଧରଣର ଭୂସ୍ଖଳନ ଘଟିଛି । ରେଳ ଧାରଣା ଉପରେ ପାହାଡ଼ରୁ ବିଶାଳ ପଥର ଓ ମାଟି ଅତଡ଼ା ଖସିପଡ଼ିବା ଫଳରେ କୋରାପୁଟ-ରାୟଗଡ଼ା ରୁଟ୍‌ରେ ରେଳ ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ସୁରକ୍ଷା ଦୃଷ୍ଟିରୁ ପୂର୍ବତଟ ରେଳପଥ ପକ୍ଷରୁ ପ୍ରାୟ ୧୦ଟି ଟ୍ରେନ୍ ସେବାକୁ ବାତିଲ ବା ମାର୍ଗ ପରିବର୍ତ୍ତନ କରାଯାଇଛି । ଯୁଦ୍ଧକାଳୀନ ଭିତ୍ତିରେ ରେଳ ଧାରଣାରୁ ମାଟି ହଟାଇବା କାମ ଜାରି ରହିଛି ।

ପାଣିପାଗ ବିଭାଗର ରେଡ୍ ଓ ଅରେଞ୍ଜ ୱାର୍ଣ୍ଣିଂକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି । ବନ୍ୟା ଓ ଜଳବନ୍ଦୀ ସ୍ଥିତିକୁ ଏଡ଼ାଇବା ପାଇଁ ମାଲକାନଗିରି, କୋରାପୁଟ, ଗଜପତି, ଗଞ୍ଜାମ, ପୁରୀ ଏବଂ ଖୋର୍ଦ୍ଧା ଜିଲ୍ଲାରେ ସେପ୍ଟେମ୍ବର ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ସମସ୍ତ ସ୍କୁଲ ଏବଂ ଅଙ୍ଗନବାଡ଼ି କେନ୍ଦ୍ରକୁ ଛୁଟି ଘୋଷଣା କରାଯାଇଛି । ତଳିଆ ଅଞ୍ଚଳରେ ପାଣି ଜମି ରହିଥିବାରୁ ଜିଲ୍ଲାପାଳମାନଙ୍କୁ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ମାଲକାନଗିରି ଏବଂ ଗଞ୍ଜାମ ଜିଲ୍ଲାର ଅନେକ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଶତାଧିକ ଏକର ଚାଷଜମି ଜଳମଗ୍ନ ହୋଇଯାଇଥିବାରୁ ଧାନ ଚାଷ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି । କେତେକ ଗ୍ରାମୀଣ ଅଞ୍ଚଳରେ ରାସ୍ତା ଉପରେ ୩ ରୁ ୪ ଫୁଟର ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ବାହ୍ୟ ଜଗତରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ଓଡ଼ିଶା ସରକାରଙ୍କ ସ୍ପେଶାଲ ରିଲିଫ୍ କମିଶନର ସ୍ଥିତିର ସମୀକ୍ଷା କରିଛନ୍ତି । ପ୍ରଭାବିତ ଜିଲ୍ଲାଗୁଡ଼ିକରେ ଓଡ଼ଜଇର ଏବଂ ଘଉଜର ଟିମ୍‌କୁ ମୁତୟନ କରାଯାଇଛି । ଆଶ୍ରୟସ୍ଥଳୀରେ ରହିଥିବା ଲୋକମାନଙ୍କ ପାଇଁ ଶୁଖିଲା ଖାଦ୍ୟ, ରନ୍ଧା ଖାଦ୍ୟ ଏବଂ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନଯିବା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ପାଣିପାଗ ବିଭାଗ ଅନୁଯାୟୀ, ଆସନ୍ତାକାଲି ସୁଦ୍ଧା ବାତ୍ୟାର ପ୍ରଭାବ ଧୀରେ ଧୀରେ କମିବା ସହ ବର୍ଷାର ପରିମାଣ ହ୍ରାସ ପାଇବ ।

# ବାତ୍ୟା ପ୍ରଭାବ : ୬ ଜିଲ୍ଲାରେ ସ୍କୁଲ ଛୁଟି, ମାଲିଗୁଡ଼ାରେ ଭୂସ୍ଖଳନ ଯୋଗୁଁ ୧୦ ଟ୍ରେନ୍ ବାତିଲ

ଭୁବନେଶ୍ୱର,୨୬/୦୯ (ଜେଏନ୍ଏସ୍) : ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ରାଜ୍ୟରେ ଜାରି ରହିଥିବା ଅବିଶ୍ରାନ୍ତ ପ୍ରବଳ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି । ପ୍ରତିକୂଳ ପାଣିପାଗ ଏବଂ ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରଭାବିତ ଜିଲ୍ଲାଗୁଡ଼ିକରେ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ଛୁଟି ଘୋଷଣା କରିଥିବା ବେଳେ

**ଟ୍ରାକ୍ ଉପରେ ପାହାଡ଼ ଅତଡ଼ା, ୧୦ ଟ୍ରେନ୍ ବାତିଲ**



ପ୍ରବଳ ବର୍ଷା ଯୋଗୁଁ ଘଟିଥିବା ଭୂସ୍ଖଳନ କାରଣରୁ ରେଳ ସେବା ଗମ୍ଭୀର ଭାବେ ବାଧାପ୍ରାପ୍ତ ହୋଇଛି ।

ପାଣିପାଗ ବିଭାଗର ପ୍ରବଳ ବର୍ଷା ଚେତାବନୀ (ରେଡ୍ ଏବଂ ଅରେଞ୍ଜ ୱାର୍ଣ୍ଣିଂ) କୁ ଆଧାର କରି ଛାତ୍ରଛାତ୍ରୀମାନଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି । ମାଲକାନଗିରି, କୋରାପୁଟ, ଗଜପତି, ଗଞ୍ଜାମ, ପୁରୀ ଏବଂ ଖୋର୍ଦ୍ଧା ଭଳି ୬ଟି ପ୍ରମୁଖ ଜିଲ୍ଲାରେ ସେପ୍ଟେମ୍ବର ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ୍ ଏବଂ ଅଙ୍ଗନବାଡ଼ି କେନ୍ଦ୍ରକୁ ସମ୍ପୂର୍ଣ୍ଣ ବନ୍ଦ ରଖାଯାଇଛି । ତଳିଆ ଅଞ୍ଚଳ ଓ ସ୍କୁଲ ଘରଗୁଡ଼ିକରେ ପାଣି ଜମିବା ଆଶଙ୍କା ଥିବାରୁ ଜିଲ୍ଲାପାଳମାନଙ୍କୁ ସ୍ଥିତି ଉପରେ କଡ଼ା ନଜର ରଖିବାକୁ ଏବଂ ଆବଶ୍ୟକ ସ୍ଥଳେ ଛୁଟି ଅବଧି ବଢ଼ାଇବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଅପରପକ୍ଷରେ, ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ଯୋଗୁଁ କୋରାପୁଟ ଜିଲ୍ଲାର ମାଳିଗୁଡା ଏବଂ ଛତ୍ରୀପୁଟ ଷ୍ଟେସନ ମଧ୍ୟରେ ଏକ ବଡ଼ ଧରଣର ଭୂସ୍ଖଳନ ଘଟିଛି । ପାହାଡ଼ରୁ ବିଶାଳ ପଥର ଏବଂ କାଦୁଅ ମାଟି ଅତଡ଼ା ରେଳ ଧାରଣା ଉପରେ ଖସିପଡ଼ିଛି । ଫଳରେ କୋରାପୁଟ-ରାୟଗଡ଼ା ଏବଂ କୋରାପୁଟ-ବିଶାଖାପାଟଣା ରୁଟ୍‌ରେ ଟ୍ରେନ୍ ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି ।

ଯାତ୍ରୀଙ୍କ ସୁରକ୍ଷାକୁ ଆଖିରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇ ପ୍ରାୟ ୧୦ଟି ଟ୍ରେନ୍‌କୁ ବାତିଲ କରାଯାଇଛି ଏବଂ କେତେକ ଟ୍ରେନ୍‌ର ମାର୍ଗ ପରିବର୍ତ୍ତନ ସହ କିଛି ଟ୍ରେନ୍‌କୁ ଅଧା ରାସ୍ତାରୁ ଫେରାଇ ଦିଆଯାଇଛି । ରେଳବାଇର ଶତାଧିକ ଶ୍ରମିକ ଓ ବୈଷୟିକ ଦଳ ଯୁଦ୍ଧକାଳୀନ ଭିତ୍ତିରେ ଟ୍ରାକ୍‌ରୁ ମାଟି ଓ ପଥର ହଟାଇବା କାର୍ଯ୍ୟରେ ନିୟୋଜିତ ଅଛନ୍ତି । ମାତ୍ର କ୍ରମାଗତ ବର୍ଷା ଯୋଗୁଁ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି । ରେଳ ଧାରଣା ସମ୍ପୂର୍ଣ୍ଣ ସୁରକ୍ଷିତ ନହେବା ପର୍ଯ୍ୟନ୍ତ ଏହି ରୁଟ୍‌ରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହେବ ନାହିଁ ବୋଲି ରେଳ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

## ଓଡ଼ିଶା ବିଧାନସଭା ମୌସୁମୀ ଅଧିବେଶନ

# ଖଣି ଆଇନକୁ ନେଇ ସରକାର-ବିରୋଧୀ ମୁହାଁମୁହିଁ



ଭୁବନେଶ୍ୱର, ୨୬/୦୯ (ଜେଏନ୍ଏସ୍) : ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନର ଆଜି ଚତୁର୍ଥ ଦିବସରେ ଗୃହ ବେଶ୍ ସରଗରମ ରହିବା ସହ ପ୍ରବଳ ହଙ୍ଗାମା ହେବାର ସମ୍ଭାବନା ଦେଖାଦେଇଛି । କେନ୍ଦ୍ର ସରକାରଙ୍କ ଗଗଉଜ (ଖଣି ଓ ଖନନ) ସଂଶୋଧନ ଆଇନ, ୨୦୨୬ କୁ ନେଇ ବିରୋଧୀ ଦଳ ବିଜେଡି ଏବଂ କଂଗ୍ରେସ ରାଜ୍ୟର ବିଜେପି ସରକାରଙ୍କୁ ଘେରିବା ପାଇଁ ସମ୍ପୂର୍ଣ୍ଣ ରଣନୀତି ପ୍ରସ୍ତୁତ କରିଛନ୍ତି. ଉଲ୍ଲେଖଯୋଗ୍ୟ ଯେ, ଗତକାଲି ତୃତୀୟ ଦିନରେ ମଧ୍ୟ ଏହି ପ୍ରସଙ୍ଗରେ ବିରୋଧୀ ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ହୋହଲ୍ଲା କରିବା ଫଳରେ ଗୃହର କାର୍ଯ୍ୟଦକ୍ଷତା ମାତ୍ର ୧୭ ମିନିଟ୍ ରହିଥିଲା ଏବଂ ଉପବାଚସ୍ପତି ଗୃହକୁ ଆଜି ପର୍ଯ୍ୟନ୍ତ ସ୍ଥଗିତ ରଖିଥିଲେ ।

**ଆଜି ଚତୁର୍ଥ ଦିନରେ ବି ହଙ୍ଗାମା ଆଶଙ୍କା**

**ସେପ୍ଟେମ୍ବର ୨୯ରେ ବିଧାନସଭା ଘେରାଉ କରିବ 'ଇଣ୍ଡିଆ' ମେଣ୍ଟ**

ଆଜି ପ୍ରଶ୍ନକାଳରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଉପରେ ଆଲୋଚନା ପାଇଁ ସୂଚୀ ରହିଛି । ବିଶେଷ କରି ସ୍କୁଲ ଓ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଏବଂ ଶିଳ୍ପ ବିଭାଗ ଉପରେ ବିରୋଧୀଙ୍କ ପ୍ରଶ୍ନର ଉତ୍ତର ରଖିବେ ସମ୍ପୃକ୍ତ ବିଭାଗର ମନ୍ତ୍ରୀମାନେ । ବର୍ତ୍ତମାନ ରାଜ୍ୟରେ ଚାଲିଥିବା ବାତ୍ୟା ଓ ବନ୍ୟା ସ୍ଥିତିରେ ସ୍କୁଲ ଛୁଟି ଏବଂ ଚାଷଜମି କ୍ଷୟକ୍ଷତିକୁ ନେଇ ମଧ୍ୟ ବିରୋଧୀମାନେ ଗୃହରେ ସରକାରଙ୍କୁ ପ୍ରଶ୍ନବାଣରେ ଘେରିପାରନ୍ତି ।

ଅପରପକ୍ଷରେ, ବିଧାନସଭା ବାହାରେ ମଧ୍ୟ ରାଜନୈତିକ ଉଷ୍ମତା ଧୀରେ ଧୀରେ ବୃଦ୍ଧି ପାଉଛି । କେନ୍ଦ୍ରର ନୂଆ ମିନେରାଲ୍ ଆଇନ ଯୋଗୁଁ ଓଡ଼ିଶାର ଖଣିଜ ସମ୍ପଦର କ୍ଷତି ହେଉଥିବା ଦର୍ଶାଇ କଂଗ୍ରେସ ସମେତ ରାଜ୍ୟର ବିଭିନ୍ନ ଇଣ୍ଡିଆ ବ୍ଲକର ଦଳଗୁଡ଼ିକ ଆସନ୍ତା ସେପ୍ଟେମ୍ବର ୨୯ ତାରିଖରେ ଏକ ବଡ଼ ଧରଣର ବିଧାନସଭା ଘେରାଉ ଆନ୍ଦୋଳନ ପାଇଁ ଡାକରା ଦେଇଛନ୍ତି । ଏହାକୁ ନେଇ ରାଜଧାନୀ ଭୁବନେଶ୍ୱରରେ ସୁରକ୍ଷା ବ୍ୟବସ୍ଥା ଏବେଠାରୁ କଡ଼ାକଡ଼ି କରାଗଲାଣି ।

ସରକାରୀ ସ୍ତରରୁ ମିଳିଥିବା ସୂଚନା ଅନୁଯାୟୀ, ଗୃହ ବିଭାଗ ପକ୍ଷରୁ ରାଜ୍ୟର ମୋଟ ୪୫,୨୫୦ ଜଣ ବୁଥ୍ ସ୍ତରୀୟ ଅଧିକାରୀଙ୍କ ପାଇଁ ବାର୍ଷିକ ୧୮,୦୦ ଷ୍ଟକ୍ଟଙ୍ଗ/ଟଙ୍କାର ପ୍ରୋତ୍ସାହନ ରାଶି ଘୋଷଣା କରାଯାଇଛି, ଯାହା ପାଇଁ ସରକାର ୮୧ କୋଟି ୪୫ ଲକ୍ଷ ଟଙ୍କାର ବଜେଟ୍ ମଞ୍ଜୁର କରିଛନ୍ତି । ରାଜନୈତିକ ସମୀକ୍ଷକଙ୍କ ମତରେ, ଆଗାମୀ ନିର୍ବାଚନ ପୂର୍ବରୁ ତୃଣମୂଳ ସ୍ତରରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ କରିବା ପାଇଁ ସରକାର ଏହି ବଡ଼ ଚାଲ୍ ଖେଳିଛନ୍ତି ।

# ଦୁଇ ବରିଷ୍ଠ ଅଧିକାରୀ ନିଲମ୍ବିତ

ଭୁବନେଶ୍ୱର, ୨୬/୦୯ (ଜେଏନ୍ଏସ୍): ରାଜ୍ୟ ପ୍ରଶାସନରେ ସ୍ୱଚ୍ଛତା ଓ ଶୃଙ୍ଖଳା ରକ୍ଷା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ବଡ଼ କଦମ ଉଠାଇଛନ୍ତି । କାର୍ଯ୍ୟରେ ଅବହେଳା, ଅନିୟମିତତା ଏବଂ ଗିରଫଦାରୀକୁ ଭିତ୍ତି କରି ରାଜ୍ୟ ସରକାର ଦୁଇଜଣ ବରିଷ୍ଠ ଅଧିକାରୀଙ୍କୁ ଚାକିରିରୁ ନିଲମ୍ବନ (ସସପେଣ୍ଡ) କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ନିଲମ୍ବନ ପ୍ରସ୍ତାବକୁ ଆନୁଷ୍ଠାନିକ ଭାବେ ମଞ୍ଜୁରୀ ପ୍ରଦାନ କରାଯାଇଛି । ନିଲମ୍ବିତ ହୋଇଥିବା ଦୁଇ ଅଧିକାରୀ ହେଲେ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ଅରୁଣ କୁମାର ବିଶ୍ୱାଳ ଏବଂ କଟକ ସର୍କଲ ଜେଲ୍‌ର ସିନିୟର ସୁପରିଣ୍ଟେଣ୍ଡେଣ୍ଟ ସୁଜିତ କୁମାର ରାଉତ । ସୂଚନା ଅନୁଯାୟୀ, ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ଅରୁଣ କୁମାର ବିଶ୍ୱାଳ ପୂର୍ବରୁ ଏକ ମାମଲାରେ ଗିରଫ ହୋଇ ଜେଲ୍‌ରେ ଅଛନ୍ତି. ସେହିପରି କଟକ ଚୌଦ୍ୱାର ସର୍କଲ ଜେଲ୍‌ର ସିନିୟର ସୁପରିଣ୍ଟେଣ୍ଡେଣ୍ଟ ସୁଜିତ କୁମାର ରାଉତ ମଧ୍ୟ ଆଇନଗତ କାର୍ଯ୍ୟାନୁଷ୍ଠାନର ସାମ୍ନା କରି ଗିରଫ ହୋଇଛନ୍ତି. ସରକାରୀ ନିୟମ ଅନୁସାରେ, କୌଣସି ସରକାରୀ କର୍ମଚାରୀ ୪୮ ଘଣ୍ଟାରୁ ଅଧିକ ସମୟ ଗିରଫ ବା ହେପାଜତରେ ରହିଲେ ତାଙ୍କୁ ନିଲମ୍ବନ କରାଯାଏ । ଏହି ଆଧାରରେ ଉଭୟଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ନିଲମ୍ବନ ଆଦେଶ ଜାରି କରାଯାଇଛି । ଏହି ନିଲମ୍ବନ ଜରିଆରେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ ସଙ୍କେତ ଦେଇଛନ୍ତି ଯେ, ପ୍ରଶାସନିକ ସ୍ତରରେ କୌଣସି ପ୍ରକାରର ଦୁର୍ନୀତି କିମ୍ବା ଆଇନ ଉଲ୍ଲଂଘନକୁ ବରଦାସ୍ତ କରାଯିବ ନାହିଁ । ଭ୍ରଷ୍ଟାଚାର ବିରୋଧରେ ସରକାରଙ୍କର 'ଜିରୋ ଟଲରେନ୍ସ' ବା ଶୂନ୍ୟ ସହନଶୀଳତା ନୀତି ଜାରି ରହିବ ଏବଂ ଦୋଷୀ ପ୍ରମାଣିତ ହେଲେ ଆଗକୁ ଆହୁରି ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ଓଡ଼ିଶା ବିଧାନସଭାରେ ବିରୋଧୀଙ୍କ ହଙ୍ଗାମା

ଭୁବନେଶ୍ୱର, ୨୬/୦୯ (ଜେଏନ୍ଏସ୍) : ଓଡ଼ିଶା ବିଧାନସଭାର ଚଳିତ ଅଧିବେଶନର ଚତୁର୍ଥ ଦିନରେ ଗୃହରେ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି । ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ଦଳର ସଦସ୍ୟମାନଙ୍କ ପ୍ରବଳ ହଟ୍ଟଗୋଳ ଓ ନାରାବାଜି ଯୋଗୁଁ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି । ଆଜି ପ୍ରଶ୍ନକାଳ ଆରମ୍ଭ ହେବାର ମାତ୍ର ୪ ମିନିଟ୍ ମଧ୍ୟରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିବାକୁ ବାଧ୍ୟ ହୋଇଛନ୍ତି । ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଅଭିଯୋଗ ଆଣିଛନ୍ତି । ଏହି ଘଟଣା ପାଇଁ



**ପ୍ରଶ୍ନକାଳ ଆରମ୍ଭର ମାତ୍ର ୪ ମିନିଟରେ ମୁଲତବୀ ହେଲା ଗୃହ, ନିର୍ବାଚନ କମିଶନରଙ୍କ ଇସ୍ତଫା ଦାବି**

ସେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିବା ସହ ସମ୍ପୂର୍ଣ୍ଣ ପ୍ରକ୍ରିୟାର ପୁନଃ ସମୀକ୍ଷା ପାଇଁ ଅଡ଼ି ବସିଛନ୍ତି । ବିଧାନସଭା କାର୍ଯ୍ୟସୂଚୀ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳର କଂଗ୍ରେସ ଏବଂ ବିଜେଡି ସଦସ୍ୟମାନେ ପ୍ଲାକାର୍ଡ ଧରି ଗୃହର ମଧ୍ୟଭାଗକୁ (ୱେଲ୍) ଚାଲିଆସିଥିଲେ । ଏମ୍ଏମ୍‌ଡିଆର୍ ବିଲ୍ ସଂଶୋଧନ ଏବଂ ସ୍କୁଲ ପାଠ୍ୟପୁସ୍ତକରେ ଥିବା କିଛି ଗୁରୁତ୍ୱପୂର୍ଣ୍ଣ ତ୍ରୁଟିକୁ ନେଇ ସେମାନେ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ । ଅପରପକ୍ଷରେ, ଶାସକ ଦଳର ସଦସ୍ୟମାନେ ବିରୋଧୀଙ୍କ ଅଭିଯୋଗକୁ ଭିତ୍ତିହୀନ ବୋଲି କହିବା ସହ ଗୃହ କାର୍ଯ୍ୟ ଚଳାଇବା ପାଇଁ ସହଯୋଗ କରିବାକୁ ନିବେଦନ କରିଥିଲେ । ମାତ୍ର ପ୍ରବଳ ପାଟିତୁଣ୍ଡ ଯୋଗୁଁ ବାଚସ୍ପତି ଗୃହକୁ ସ୍ଥଗିତ ରଖିଛନ୍ତି ।

# ବିଏଲଓ ମାନଙ୍କ ପାଇଁ ବଡ଼ ଘୋଷଣା : ବାର୍ଷିକ ପାରିତୋଷିକ ଭତ୍ତା ୧୮,୦୦୦ ଟଙ୍କାକୁ ବୃଦ୍ଧି କଲେ ରାଜ୍ୟ ସରକାର

ଭୁବନେଶ୍ୱର, ୨୬/୦୯ (ଜେଏନ୍ଏସ୍): ରାଜ୍ୟର ବୁଥ୍ ସ୍ତରୀୟ ଅଧିକାରୀ ବା ବିଏଲଓ ମାନଙ୍କ ପାଇଁ ଏକ ଖୁସି ଖବର ଆସିଛି । ଭୋଟର ତାଲିକା ପ୍ରସ୍ତୁତି ଏବଂ ସଂଶୋଧନ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ ଥିବା ବିଏଲଓ ମାନଙ୍କ କାର୍ଯ୍ୟକୁ ସ୍ୱୀକୃତି ଦେଇ ରାଜ୍ୟ ସରକାର ସେମାନଙ୍କର ବାର୍ଷିକ ପାରିତୋଷିକ ଭତ୍ତା ବୃଦ୍ଧି କରିଛନ୍ତି । ସରକାରଙ୍କ ନୂତନ ନିଷ୍ପତ୍ତି ଅନୁଯାୟୀ, ବର୍ତ୍ତମାନ ବିଏଲଓ ମାନଙ୍କୁ ବାର୍ଷିକ ୧୮,୦୦୦ ଟଙ୍କାର ଆର୍ଥିକ ସହାୟତା ବା ଭତ୍ତା ପ୍ରଦାନ କରାଯିବ । ବର୍ତ୍ତମାନ ଚାଲିଥିବା ଏସ୍ଆଇଆର୍ ୨୦୨୬ ବା ଭୋଟର ତାଲିକା ବିଶେଷ ସଂଶୋଧନ ପ୍ରକ୍ରିୟାରେ ଯେଉଁ ବିଏଲଓମାନେ ଦିନରାତି ଏକ କରି କାମ କରୁଛନ୍ତି, ସେମାନଙ୍କୁ ଏହି ବର୍ଦ୍ଧିତ ଭତ୍ତାର ସିଧାସଳଖ ଲାଭ ମିଳିବ । ନୂତନ ଭୋଟରଙ୍କ ନାମ ଯୋଡ଼ିବା, ମୃତ ବା ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଦେବା ଏବଂ ତାଲିକାରେ ତ୍ରୁଟି ସଂଶୋଧନ ପାଇଁ ବିଏଲଓ ମାନେ ଘରକୁ ଘର ବୁଲି ଯେଉଁ କଠିନ ପରିଶ୍ରମ କରୁଛନ୍ତି, ତାହାକୁ ଏହି ନିଷ୍ପତ୍ତି ପ୍ରୋତ୍ସାହିତ କରିବ ବୋଲି ସରକାର ପ୍ରକାଶ କରିଛନ୍ତି ।

# ଗର୍ଜନ କରି ଘରେ ପଶିଗଲା ମହାବଳ ବାଘ

କରଞ୍ଜିଆ/ଠାକୁରମୁଣ୍ଡା, ୨୬/୦୯ : ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଠାକୁରମୁଣ୍ଡା ରେଞ୍ଜର ଖପରଖାଇ ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଶୁକ୍ରବାର ସକାଳେ ଏକ ମହାବଳ ବାଘ ହଠାତ ଜନବସତି ମଧ୍ୟକୁ ପଶି ଆସି ଜଣେ ଗ୍ରାମବାସୀଙ୍କ ଘର ଭିତରେ ଆଶ୍ରୟ ନେଇଛି । ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ତୀବ୍ର ଆତଙ୍କ ସହ ଚାପା ଉତ୍ତେଜନା ପ୍ରକାଶ ପାଇଛି । ସ୍ଥାନୀୟ ସୂଚନା ଅନୁଯାୟୀ, ଗତ କିଛି ଦିନ ହେବ ବାଘଟି ଗାଁ ଆଖପାଖରେ ବୁଲୁଥିବା ନେଇ ଚର୍ଚ୍ଚା ହେଉଥିଲା । ଆଜି ସକାଳେ ବାଘଟି ହଠାତ ବିକଟାଳ ଗର୍ଜନ କରି ଗାଁର ଏକ ଘର ଭିତରକୁ ପଶିଯାଇଥିଲା । ସେହି ସମୟରେ ଘରେ ଥିବା ପରିବାର ଲୋକେ ଭୟରେ ବାହାରକୁ ପଳାଇ ଆସିଥିଲେ । ଗ୍ରାମବାସୀମାନେ ଅତ୍ୟନ୍ତ ସାହସିକତା ପ୍ରଦର୍ଶନ କରି ତୁରନ୍ତ ବାଘଟିକୁ ବାହାର ପଟୁ କବାଟ କିଳି

**ବାହାରୁ କବାଟ ବନ୍ଦ କଲେ ଗ୍ରାମବାସୀ**

ଘର ଭିତରେ ବନ୍ଦ କରିଦେଇଥିଲେ ଏବଂ ଏନେଇ ବନ ବିଭାଗକୁ ସୂଚନା ଦେଇଥିଲେ । ଖବର ପାଇ ଠାକୁରମୁଣ୍ଡା ବନାଞ୍ଚଳର ବନ କର୍ମଚାରୀ ଓ ସ୍ପେଶାଲ୍ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ବାଘଟିକୁ କୌଣସି କ୍ଷତି ନପହଞ୍ଚାଇ କିଭଳି ସୁରକ୍ଷିତ ଭାବେ ଉଦ୍ଧାର କରାଯିବ, ସେନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ସୁରକ୍ଷା ଦୃଷ୍ଟିରୁ ଘର ଚାରିପଟେ ବନ ବିଭାଗ କଡ଼ା ନଜର ରଖିଛି ।

# ଓଡ଼ିଶାରେ ବର୍ଷାର ତାଣ୍ଡବ ଓ ବନ୍ୟା ଆଶଙ୍କା

## ବିପଦ ସଙ୍କେତ ଉପରେ ନଦୀ, ୧୦ ହଜାରରୁ ଅଧିକ ସ୍ଥାନାନ୍ତରିତ



ଭୁବନେଶ୍ୱର, ୨୬/୦୯ : ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ପ୍ରଭାବରେ ସାରା ଓଡ଼ିଶାରେ ବର୍ଷାର ତାଣ୍ଡବ ଜାରି ରହିଛି । ବିଶେଷ କରି ଦକ୍ଷିଣ ଏବଂ ପଶ୍ଚିମ ଓଡ଼ିଶାରେ ସ୍ଥିତି ସଂଗୀନ ହେବାରେ ଲାଗିଛି । ପ୍ରବଳ ବର୍ଷା ଯୋଗୁଁ ବିଭିନ୍ନ ନଦୀର ଜଳସ୍ତର ହୁ ହୁ ହୋଇ ବଢୁଥିବାରୁ ରାଜ୍ୟରେ ଏକ ବଡ଼ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି । ସ୍ଥିତିକୁ ଗମ୍ଭୀରତାର ସହ ନେଇ ରାଜ୍ୟ ସରକାର ପ୍ରଶାସନକୁ ହାଇ-ଆଲର୍ଟରେ ରଖିଛନ୍ତି । ତଳିଆ ଅଞ୍ଚଳ ଏବଂ ଭୂସ୍ଖଳନ ପ୍ରବଣ ଅଞ୍ଚଳରୁ ପ୍ରାୟ ୧୦,୦୦୦ରୁ ଅଧିକ ଲୋକଙ୍କୁ ସୁରକ୍ଷିତ ଭାବେ ବନ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି । ସେମାନଙ୍କ ପାଇଁ ଶୁଖିଲା ଓ ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯାଇଛି । ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ମାଲକାନଗିରି, କୋରାପୁଟ, ରାୟଗଡ଼ା, ଏବଂ ଗଜପତି ଭଳି ପ୍ରଭାବିତ ଜିଲ୍ଲାଗୁଡ଼ିକରେ ସମସ୍ତ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ଛୁଟି ଘୋଷଣା କରାଯାଇଛି । ଓଡ୍ରାଫ୍ ଓ ଏନଡିଆରଏଫ୍ ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ପାଇଁ ସ୍ପେଶାଲ୍ ଟିମ୍ ମୁତୟନ କରାଯାଇଛି । ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଋଷିକୁଲ୍ୟା, ବୈତରଣୀ ଏବଂ ବଂଶଧାରା ନଦୀର ଜଳସ୍ତର ବିପଦ ସଙ୍କେତ ଆଡ଼କୁ ଅଗ୍ରସର ହେଉଛି । କୋରାପୁଟ-ବୋରିଗୁମ୍ମା ଜାତୀୟ ରାଜପଥରେ ଭୂସ୍ଖଳନ ଯୋଗୁଁ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି । ଅନେକ ସ୍ଥାନରେ ପୋଲ ଉପରେ ପାଣି ଚାଲୁଥିବାରୁ ଗାଁ ଗୁଡ଼ିକ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସ୍ଥିତିର ସମୀକ୍ଷା ଏବଂ ତଦାରଖ ପାଇଁ ଦୁଇ ଜଣ ବରିଷ୍ଠ ମନ୍ତ୍ରୀଙ୍କୁ ଗ୍ରାଉଣ୍ଡ ଜିରୋକୁ ପଠାଯାଇଛି । ମନ୍ତ୍ରୀ ରବି ନାରାୟଣ ନାଏକଙ୍କୁ କୋରାପୁଟ ଜିଲ୍ଲା ଦାୟିତ୍ୱ ଏବଂ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ଗଜପତି ଜିଲ୍ଲା ଦାୟିତ୍ୱ ପ୍ରଦାନ କରାଯାଇଛି । ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ଏସଆରସି କ୍ରମାଗତ ଭାବେ ଜିଲ୍ଲାପାଳମାନଙ୍କ ସହ ଯୋଗାଯୋଗରେ ଅଛନ୍ତି ଏବଂ ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ କଣ୍ଟ୍ରୋଲ ରୁମ୍ ୨୪ ଘଣ୍ଟା କାର୍ଯ୍ୟ କରୁଛି ।

# ରାଜଧାନୀରେ ଗଣେଶ ଭସାଣି ବେଳେ ଗୁଳି ମାଡ଼

## ଫେସ୍‌ବୁକ୍ ଲାଇଭ୍ ବିବାଦକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ରକ୍ତାକ୍ତ ସଂଘର୍ଷ, ୫ ଗୁରୁତର



ଭୁବନେଶ୍ୱର,୨୬/୦୯ (ଜେଏନ୍ଏସ୍) : ରାଜଧାନୀ ଭୁବନେଶ୍ୱରର ଘାଟିକିଆ ଅଞ୍ଚଳରେ ଏକ ଚାଞ୍ଚଲ୍ୟକର ଗୁଳିକାଣ୍ଡ ଓ ଗୋଷ୍ଠୀ ସଂଘର୍ଷ ଘଟିଛି। ଗଣେଶ ପୂଜା ଭସାଣି ଉତ୍ସବ ଚାଲିଥିବା ସମୟରେ ଫେସବୁକ୍ ଲାଇଭ୍‌ରେ ଜାତିଗତ ମନ୍ତବ୍ୟକୁ କେନ୍ଦ୍ର କରି ସୃଷ୍ଟ ବିବାଦ ଶେଷରେ ରକ୍ତାକ୍ତ ରୂପ ନେଇଛି. ଦୁଇ ଗୋଷ୍ଠୀ ମଧ୍ୟରେ ହୋଇଥିବା ଏହି ତୁମୁଳକାଣ୍ଡରେ ପ୍ରାୟ ୨ ରାଉଣ୍ଡ ଫାଙ୍କା ଗୁଳି ଚାଳନା ହୋଇଥିବା ବେଳେ ମାରଣାସ୍ତ୍ର ଆକ୍ରମଣରେ ୫ ଜଣ ଯୁବକ ଗୁରୁତର ଆହତ ହୋଇ ସ୍ଥାନୀୟ ଏକ ବେସରକାରୀ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ।

ସୂଚନା ଅନୁଯାୟୀ, ଗଣେଶ ମୂର୍ତ୍ତି ବିସର୍ଜନ ଶୋଭାଯାତ୍ରା ସମୟରେ କିଛି ଯୁବକ ଫେସବୁକ୍‌ରେ ଲାଇଭ୍ ଭିଡିଓ କରୁଥିଲେ. ଏହି ଲାଇଭ୍ ସେସନରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ବିରୋଧରେ ଆପତ୍ତିଜନକ ଓ ବିବାଦୀୟ ମନ୍ତବ୍ୟ ଦିଆଯାଇଥିବା ଅଭିଯୋଗ ହୋଇଥିଲା. ଏଥିରେ ଉତ୍ତ୍ୟକ୍ତ ହୋଇ ଅପରପକ୍ଷର ବହୁ ସଂଖ୍ୟକ ଯୁବକ ମେଢ଼ ନିକଟରେ ପହଞ୍ଚି ପ୍ରବଳ ଯୁକ୍ତିତର୍କ କରିଥିଲେ. କଥା ବଢ଼ିବାରୁ ବାହାରୁ ଆସିଥିବା କିଛି ଦୁର୍ବୃତ୍ତ ହଠାତ୍ ମାରଣାସ୍ତ୍ରରେ ଆକ୍ରମଣ କରିବା ସହ ଭୟର ବାତାବରଣ ସୃଷ୍ଟି କରିବା ପାଇଁ ୨ ରାଉଣ୍ଡ ବ୍ଲାଙ୍କ ଫାୟାରିଂ କରି ସେଠାରୁ ଫେରାର ହୋଇଯାଇଥିଲେ ।

ଏହି ଘଟଣା ଭରତପୁର ଥାନା ଅଞ୍ଚଳରେ ଘଟିଥିବା ବେଳେ କମିଶନରେଟ୍ ପୋଲିସ ଏହାକୁ ଅତି ଗମ୍ଭୀରତାର ସହ ନେଇଛି.

ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜନା ପ୍ରଶମିତ କରିବା ସହ ସେଠାରେ ଲାଗିଥିବା ସିସିଟିଭି ଫୁଟେଜ୍ ଜବତ କରିଛି. ଫେସବୁକ୍ ଲାଇଭ୍ ଭିଡିଓ ଏବଂ ସିସିଟିଭି ଆଧାରରେ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଉଛି ଏବଂ ସେମାନଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି ବୋଲି ପୋଲିସ ସୂଚନା ଦେଇଛି. ରାଜଧାନୀ ଉପକଣ୍ଠରେ ଏଭଳି ସର୍ବସାଧାରଣ ସ୍ଥାନରେ ଗୁଳିମାଡ଼ ଘଟଣା ସ୍ଥାନୀୟ ବାସିନ୍ଦାଙ୍କ ସୁରକ୍ଷାକୁ ନେଇ ପୁଣି ଥରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଘାଟିକିଆ ଗୁଳିକାଣ୍ଡ ଘଟଣାରେ ପୋଲିସ ପକ୍ଷରୁ ଚଢ଼ାଉ ଜୋରଦାର କରାଯିବା ପରେ, ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ରଶ୍ମିରଞ୍ଜନ ପୋଲିସ ଗିରଫଦାରୀ ଏଡ଼ାଇବା ପାଇଁ ଭୁବନେଶ୍ୱର କୋର୍ଟରେ ଆତ୍ମସମର୍ପଣ କରିଛି । ପୋଲିସ ତାକୁ ଅଧିକ ପଚରାଉଚରା କରିବା ପାଇଁ ଏବଂ ଗୁଳିକାଣ୍ଡରେ ବ୍ୟବହୃତ ବନ୍ଧୁକ କେଉଁଠାରୁ ଆସିଲା ତାହାର ସନ୍ଧାନ ନେବା ପାଇଁ ଖୁବ୍ ଶୀଘ୍ର ରିମାଣ୍ଡରେ ଆଣିବ ବୋଲି ସୂଚନା ମିଳିଛି । ଗଣେଶ ପୂଜା ମେଢ଼ ନିକଟରେ ହୋଇଥିବା ମାରଣାସ୍ତ୍ର ଆକ୍ରମଣରେ ପ୍ରଭାବିତ ହୋଇଥିବା ୫ ଜଣ ଯୁବକ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି. ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ମୁଣ୍ଡରେ ଏବଂ ପିଠିରେ ଗଭୀର ଆଘାତ ଲାଗିଥିବା ବେଳେ ବର୍ତ୍ତମାନ ସମସ୍ତଙ୍କ ସ୍ଥିତି ସ୍ଥିର ଥିବା ଡାକ୍ତରଖାନା ସୂତ୍ରରୁ ପ୍ରକାଶ. ଏହି ଯୁବକମାନେ ଘାଟିକିଆ ଓ କୋଳଥିଆ ଅଞ୍ଚଳର ସ୍ଥାନୀୟ ବାସିନ୍ଦା ବୋଲି ଜଣାପଡ଼ିଛି ।

ଭରତପୁର ଥାନା ପୋଲିସ ସିସିଟିଭି ଫୁଟେଜ୍ ଏବଂ ଘଟଣା ସମୟର ଭାଇରାଲ୍ ଭିଡିଓ ଆଧାରରେ ଅନ୍ୟ ସଂପୃକ୍ତ ଯୁବକମାନଙ୍କୁ ଚିହ୍ନଟ କରିଛି. ମୁଖ୍ୟ ଅଭିଯୁକ୍ତ ବ୍ୟତୀତ ସଂଘର୍ଷରେ ସାମିଲ ଥିବା ଅନ୍ୟ ୩ ଜଣ ସହଯୋଗୀଙ୍କୁ ପୋଲିସ ଗତକାଲି ରାତିରେ ଅଟକ ରଖି ପଚରାଉଚରା କରୁଛି. ରାଜଧାନୀରେ ଆଇନ ଶୃଙ୍ଖଳା ସ୍ଥିତି ବଜାୟ ରଖିବା ପାଇଁ ଉକ୍ତ ଅଞ୍ଚଳରେ ପୋଲିସ ପ୍ୟାଟ୍ରୋଲିଂ ବୃଦ୍ଧି କରାଯାଇଛି ।

ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ବିପଦ ସଙ୍କେତ ଉପରେ ଜଳକା ଓ ବୈତରଣୀ

## ଜାଜପୁରରେ ନଦୀବନ୍ଧ ଘାଇ, ଜଳମଗ୍ନ ଅନେକ ଗ୍ରାମ

ଭୁବନେଶ୍ୱର, ୨୬/୦୯ (ଜେଏନ୍ଏସ୍): ଲଗାତାର ପ୍ରବଳ ବର୍ଷା ଯୋଗୁଁ ରାଜ୍ୟର ବନ୍ୟା ସ୍ଥିତି ସଂଗୀନ ହେବାରେ ଲାଗିଛି। ବିଶେଷ କରି ଉତ୍ତର ଓଡ଼ିଶାରେ ପ୍ରମୁଖ ନଦୀଗୁଡ଼ିକର ଜଳସ୍ତର ହୁ ହୁ ହୋଇ ବଢୁଥିବା ବେଳେ ଜଳକା ଏବଂ ବୈତରଣୀ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଏହାର ପ୍ରଭାବରେ ଜାଜପୁର ଏବଂ ବାଲେଶ୍ୱର ଜିଲ୍ଲାର ଅନେକ ତଳିଆ ଅଞ୍ଚଳରେ ବନ୍ୟା ଜଳ ପ୍ରବେଶ କରିଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଜାଜପୁର ଜିଲ୍ଲାରେ ବୈତରଣୀର ଶାଖା ନଦୀ 'କାଣୀ'ର ନଦୀବନ୍ଧରେ ଏକ ବଡ଼ ଘାଇ ସୃଷ୍ଟି ହୋଇଛି। ଏହା ଦ୍ୱାରା ନଦୀର ବନ୍ୟା ଜଳ ଦ୍ରୁତ ଗତିରେ ଜନବସତି ଆଡ଼କୁ ମାଡ଼ି ଚାଲିଛି। ଘାଇ ଯୋଗୁଁ ସ୍ଥାନୀୟ ଦୁଇଟି ପ୍ରମୁଖ ପଞ୍ଚାୟତର ପ୍ରାୟ ୧୫ରୁ ଅଧିକ ଗ୍ରାମ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇପଡ଼ିଛି। ଲୋକଙ୍କ ଘର ଭିତରେ ୩ରୁ ୪ ଫୁଟର ବନ୍ୟା ଜଳ ଚାଲୁଥିବାରୁ ସେମାନେ ଆସବାବପତ୍ର ଓ ଗୋରୁଗାଇଙ୍କୁ ଧରି ଉପର ଜାଗା ଏବଂ ସ୍କୁଲ ଘରକୁ ଆଶ୍ରୟ ନେଉଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ତେନ୍ତୁଳିଖୁଣ୍ଟି ଅଞ୍ଚଳରେ ସର୍ବାଧିକ ୩୯୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି, ଯାହା ସ୍ଥିତିକୁ ଆହୁରି ଜଟିଳ କରିଦେଇଛି। ବାଲେଶ୍ୱରର ମଥାନୀଠାରେ ଜଳକା ନଦୀ ବିପଦ ସଙ୍କେତ ପାର୍ କରି ବହୁଛି। ଫଳରେ ସ୍ଥାନୀୟ ବସ୍ତା ଓ ସଦର ବ୍ଲକର ଅନେକ ଚାଷଜମି ପାଣିରେ ବୁଡ଼ି ରହିଛି, ଯାହା ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଯାଜପୁର ଓ ବାଲେଶ୍ୱର ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ୍ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି। ଓଡ୍ରାଫ୍ ଏବଂ ଅଗ୍ନିଶମ ବାହିନୀ ବୋଟ୍ ସାହାଯ୍ୟରେ ପାଣି ଘେରରେ ଥିବା ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରୁଛନ୍ତି। ନଦୀବନ୍ଧର ଘାଇକୁ ସଂଶୋଧନ କରିବା ପାଇଁ ଜଳସମ୍ପଦ ବିଭାଗର ଯନ୍ତ୍ରୀ ଓ ଶ୍ରମିକମାନେ ଯୁଦ୍ଧକାଳୀନ ଭିତ୍ତିରେ ବାଲିବସ୍ତା ପକାଇ କାମ ଆରମ୍ଭ କରିଛନ୍ତି।



### ବିଜେପି ଯୁବ ସମାବେଶରୁ ସମୀରଙ୍କ ବିଗୁଲ୍

# '୨୦୨୯ରେ ନିମାପଡ଼ାରୁ ଲଢ଼ିବି', ବଢ଼ିଲା ପ୍ରଭାତୀଙ୍କ ଚିନ୍ତା !

## ସମୀର ଦାସଙ୍କ ଖୋଲା ଚ୍ୟାଲେଞ୍ଜ: 'ନିମାପଡ଼ା ମୋର, ମୁଁ ହିଁ ଲଢ଼ିବି'





- ✦ ବିଜେଡିର ନଜର, ଦ୍ୱନ୍ଦ୍ୱରେ ତୃଣମୂଳ କର୍ମୀ
- ✦ ରୁପ୍ ବସିନାହାନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ନିମାପଡ଼ା,୨୬/୦୯ (ଜେଏନ୍ଏସ୍) : ୨୦୨୪ ମହାଲଢ଼େଇ ସରିଛି ସତ, ହେଲେ ନିମାପଡ଼ା ରାଜନୀତିରୁ ଉଷ୍ମତା କମିବାର ନାଁ ନେଉନାହିଁ। ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ବିଜେପିର ଦୁଇ ଶୀର୍ଷ ନେତାଙ୍କ ମଧ୍ୟରେ ଚାଲିଥିବା ଛକାପଞ୍ଝା ଏବେ ସଂଘର୍ଷର ରୂପ ନେଇଛି। ନିକଟରେ ଆୟୋଜିତ ଏକ ବିଜେପି ଯୁବ ସମାବେଶରେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ (ସମୀର ଭାଇନା) ଖୋଲାଖୋଲି ଭାବେ ୨୦୨୯ ବିଧାନସଭା ନିର୍ବାଚନ ଲଢ଼ିବା ପାଇଁ ଘୋଷଣା କରିବା ପରେ ସ୍ଥାନୀୟ ରାଜନୀତିରେ ଏକ ବଡ଼ ଭୂକମ୍ପ ସୃଷ୍ଟି ହୋଇଛି। ବର୍ତ୍ତମାନର ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଗଡ଼ରେ ସମୀର ଭାଇନାଙ୍କ ଏହି ହୁଙ୍କାର ଦଳୀୟ କନ୍ଦଳକୁ ସମ୍ପୂର୍ଣ୍ଣ ପଦାରେ ପକାଇ ଦେଇଛି। ୨୦୨୪ ନିର୍ବାଚନ ପୂର୍ବରୁ ବିଜେଡି ଛାଡ଼ି ପଦ୍ମ ଶିବିରରେ ସାମିଲ ହୋଇଥିବା ସମୀର ଦାଶ, ନିଜର ପୁରୁଣା ସଂଗଠନକୁ ଏକାଠି କରି ପ୍ରଭାତୀ ପରିଡ଼ାଙ୍କୁ ଘେରିବା ଆରମ୍ଭ କରିଛନ୍ତି। ସମୀର ଦାଶ କହିଛନ୍ତି ଯେ ସେ ଆଗାମୀ ନିର୍ବାଚନରେ ନିମାପଡ଼ାରୁ ପ୍ରାର୍ଥୀ ହେବେ। ଏହି ବାର୍ତ୍ତା କେବଳ ସମର୍ଥକଙ୍କୁ ଉତ୍ସାହିତ କରିବା ପାଇଁ ନୁହେଁ, ବରଂ ବିଜେପି ହାଇକମାଣ୍ଡଙ୍କ ପାଇଁ ମଧ୍ୟ ଏକ ପ୍ରକାର ଚେତାବନୀ ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି।

ସମୀର ଭାଇନାଙ୍କ ଏହି ଆକ୍ରମଣାତ୍ମକ ଅଞ୍ଚଳରେ ଚାଲିଥିବା ପ୍ରଶାସନିକ କାର୍ଯ୍ୟ ଏବଂ "ଜନ ଶୁଣାଣି ଶିବିର" ଜରିଆରେ ଲୋକଙ୍କ ସମସ୍ୟା ସମାଧାନ ନ ହେବାକୁ ନେଇ ସମୀର ସିଧାସଳଖ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱ ଉପରେ ପ୍ରଶ୍ନ ଉଠାଇଛନ୍ତି।

ଆଭିମୁଖ୍ୟ ସତ୍ତ୍ୱେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିଜର ସରକାରୀ ଶକ୍ତି ଏବଂ ମନ୍ତ୍ରୀ ପଦର ଦବଦବା ବ୍ୟବହାର କରି ନିମାପଡ଼ା ଉପରେ ନିଜର ନିୟନ୍ତ୍ରଣ ରଖିଛନ୍ତି। ଉଭୟ ନେତାଙ୍କ ସମର୍ଥକମାନେ ନିମାପଡ଼ା ବ୍ଲକ ଏବଂ ଏନଏସି ଅଞ୍ଚଳରେ ନିଜ ନିଜର ପ୍ରଭାବ ବିସ୍ତାର କରିବା ପାଇଁ ଗଳିକନ୍ଦିରେ ଶକ୍ତି ପ୍ରଦର୍ଶନ କରୁଛନ୍ତି। ବିଜେପିର ଏହି ଆଭ୍ୟନ୍ତରୀଣ କନ୍ଦଳ ଏବେ ବିଜୁ ଜନତା ଦଳ ପାଇଁ ସଞ୍ଜୀବନୀ ସଦୃଶ ହୋଇଛି। ଆଗକୁ ଆସୁଥିବା ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେପିର ଏହି ଦୁଇ ଫାଳ ରାଜନୀତିର ସମ୍ପୂର୍ଣ୍ଣ ଫାଇଦା ନେବାକୁ ବିଜେଡି ରଣନୀତି ପ୍ରସ୍ତୁତ କରୁଛି। ତଳ ସ୍ତରର ସାଧାରଣ ବିଜେପି କର୍ମୀମାନେ ଏବେ ବଡ଼ ସଙ୍କଟରେ ଅଛନ୍ତି। ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ଯିବେ ନା ସ୍ଥାନୀୟ ସଂଗଠନର ପୁରୁଣା ନେତା ସମୀର ଭାଇନାଙ୍କ ହାତ ଧରିବେ, ତାକୁ ନେଇ ନିମାପଡ଼ାରେ ଚର୍ଚ୍ଚା ଜୋର ଧରିଛି। ସମୀର ଭାଇନାଙ୍କ ଏହି ୨୦୨୯ ବିଗୁଲ ନିମାପଡ଼ା ବିଜେପିରେ ଫାଟକୁ ଅଧିକ ଚଉଡ଼ା କରିଛି।

ନିମାପଡ଼ା ଅଞ୍ଚଳରେ କଂଗ୍ରେସ ଏକ ତୃତୀୟ ବିକଳ୍ପ ଭାବେ ନିଜକୁ ଉପସ୍ଥାପନ କରୁଥିଲେ ମଧ୍ୟ, ଦଳର ସଂଗଠନ ଏବେ ବି ଦୁର୍ବଳ ସ୍ଥିତିରେ ରହିଛି। ବିଜେପି-ବିଜେଡିର ମୁଖ୍ୟ ଲଢ଼େଇ ଭିତରେ କଂଗ୍ରେସ ନେତାମାନେ ଜନସମ୍ପର୍କ ବଢ଼ାଇବାକୁ ଚେଷ୍ଟା କରୁଛନ୍ତି। ଆଗାମୀ ଦିନରେ ଏହି ଶୀତଳ ଯୁଦ୍ଧ କେଉଁ ମୋଡ଼ ନେଉଛି ଏବଂ ବିଜେପି ରାଜ୍ୟ ନେତୃତ୍ୱ ଏହାକୁ କିଭଳି ନିୟନ୍ତ୍ରଣ କରୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିବ।

# ଓରାଙ୍ଗଉଟାନଙ୍କ ସ୍ୱାସ୍ଥ୍ୟରେ ଉଲ୍ଲେଖନୀୟ ସୁଧାର, ବଢ଼ିଲା ହେମୋଗ୍ଲୋବିନ ସ୍ତର



ଭୁବନେଶ୍ୱର, ୨୬/୦୯ (ଜେଏନ୍ଏସ୍): ରାଜଧାନୀ ଭୁବନେଶ୍ୱର ସ୍ଥିତ ପ୍ରସିଦ୍ଧ ନନ୍ଦନକାନନ ପ୍ରାଣୀ ଉଦ୍ୟାନରୁ ଏକ ଆଶ୍ୱାସନା ଏବଂ ଖୁସି ଜନକ ଖବର ସାମ୍ନାକୁ ଆସିଛି। ଗତ କିଛି ଦିନ ହେବ ଅସୁସ୍ଥ ଥିବା ପ୍ରାଣୀ ଉଦ୍ୟାନର ମୁଖ୍ୟ ଆକର୍ଷଣ ଓରାଙ୍ଗ ଉଟାନଙ୍କ (ଡଦ୍ବବଭଶଙ୍କଗ୍ତବଭଗ୍ତ) ସ୍ୱାସ୍ଥ୍ୟାବସ୍ଥାରେ ଏବେ ବଡ଼ ଧରଣର ସୁଧାର ପରିଲକ୍ଷିତ ହୋଇଛି। ପ୍ରାଣୀ ଚିକିତ୍ସକଙ୍କ ନିରନ୍ତର ପ୍ରଚେଷ୍ଟା ଯୋଗୁଁ ସେମାନଙ୍କ ଶରୀରରେ କମି ଯାଇଥିବା ହେମୋଗ୍ଲୋବିନ୍ ସ୍ତର ଏବେ ସ୍ୱାଭାବିକ ଭାବେ ବୃଦ୍ଧି ପାଇଛି। ପୂର୍ବରୁ ଏହି ଆଫ୍ରିକୀୟ ପ୍ରଜାତିର ବାନର ଶରୀରରେ ରକ୍ତହୀନତା ବା ଆନେମିଆ ଭଳି ଲକ୍ଷଣ ଦେଖାଦେଇଥିଲା, ଯାହା ବନ ବିଭାଗ ଓ ବିଶେଷଜ୍ଞଙ୍କ ଚିନ୍ତା ବଢ଼ାଇ ଦେଇଥିଲା। ଓରାଙ୍ଗ ଉଟାନଙ୍କ ଶରୀରରେ ହେମୋଗ୍ଲୋବିନ୍ ବଢ଼ାଇବା ପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରାଣୀ ଚିକିତ୍ସା ବିଜ୍ଞାନୀ ଏବଂ ନନ୍ଦନକାନନର ସ୍ୱତନ୍ତ୍ର ମେଡିକାଲ ଟିମ୍ ସେମାନଙ୍କୁ ଆଇରନ୍-ଯୁକ୍ତ ପୁଷ୍ଟିକର ଖାଦ୍ୟ, ସ୍ୱତନ୍ତ୍ର ଫଳ ଜୁସ୍ ଏବଂ ମଲ୍ଟିଭିଟାମିନ୍ ଦେବା ଆରମ୍ଭ କରିଥିଲେ, ଯାହା ଏବେ ସକାରାତ୍ମକ ପ୍ରଭାବ ଦେଖାଇଛି। ସ୍ୱାସ୍ଥ୍ୟରେ ସୁଧାର ଆସିବା ପରେ ଓରାଙ୍ଗ ଉଟାନମାନେ ପୁଣିଥରେ ନିଜ ଏନକ୍ଲୋଜର ମଧ୍ୟରେ ସକ୍ରିୟ ଏବଂ ଚଞ୍ଚଳ ହୋଇଉଠିଛନ୍ତି। ସେମାନେ ଗଛରେ ଚଢ଼ିବା ସହ ପୂର୍ବଭଳି ସ୍ୱାଭାବିକ ଭାବେ ଖାଦ୍ୟ ଗ୍ରହଣ କରୁଛନ୍ତି। ପର୍ଯ୍ୟଟକମାନେ ମଧ୍ୟ ସେମାନଙ୍କର ଏହି କ୍ରୀଡ଼ା କୌତୁକ ଦେଖି ବେଶ୍ ଆନନ୍ଦିତ ହେଉଛନ୍ତି। ଏହି ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ସେମାନଙ୍କ ଉପରେ ଏବେ ବି ସିସିଟିଭି ଏବଂ କୀପରଙ୍କ ଜରିଆରେ ୨୪ ଘଣ୍ଟା ନଜର ରଖାଯାଇଛି।

# ପୁରୀରେ 'ଅତିଥି ଦେବୋ ଭବ' ସଂସ୍କୃତିକୁ ଜଳାଞ୍ଜଳି

## ଖାଦ୍ୟରେ ତ୍ରୁଟିକୁ ନେଇ ପର୍ଯ୍ୟଟକ ଦମ୍ପତିଙ୍କୁ ମାଡ଼, ୭ ମାସର ଗର୍ଭବତୀ ମହିଳା ଆହତ



ପୁରୀ, ୨୬/୦୯ (ଜେଏନ୍ଏସ୍): ପବିତ୍ର ଶ୍ରୀକ୍ଷେତ୍ର ପୁରୀରେ ଜଣେ ଅଣଓଡ଼ିଆ ପର୍ଯ୍ୟଟକ ଦମ୍ପତିଙ୍କୁ ରେସ୍ତୋରାଁ କର୍ମଚାରୀମାନେ ଅତି ବର୍ବର ଭାବେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ପୁରୀ ସୀ-ବିଚ୍ ଥାନା ଅନ୍ତର୍ଗତ ଏକ ହୋଟେଲରେ ଖାଦ୍ୟରୁ ତ୍ରୁଟି ବାହାରିବା ପ୍ରସଙ୍ଗକୁ ନେଇ କଥା କାଟାକାଟି ହେବାରୁ ଏହି ହିଂସାକାଣ୍ଡ ଘଟିଛି। ହୋଟେଲ କର୍ମଚାରୀଙ୍କ ମାଡ଼ରେ କର୍ଣ୍ଣାଟକ ମଇସୁରରୁ ଆସିଥିବା ୭ ମାସର ଜଣେ ଗର୍ଭବତୀ ମହିଳା ପର୍ଯ୍ୟଟକ ଗୁରୁତର ଆହତ ହୋଇଛନ୍ତି। ସେୟାର ହୋଇଥିବା ଭିଡିଓରେ ସମ୍ପୃକ୍ତ ମହିଳା ଜଣକ କାନ୍ଦି କାନ୍ଦି "ଜୀବନରେ କେବେ ଓଡ଼ିଶା କି ପୁରୀ ଆସିବିନି" ବୋଲି କହୁଥିବା ଦେଖାଯାଇଛି। ସୂଚନା ଅନୁଯାୟୀ, କର୍ଣ୍ଣାଟକର ମଇସୁର ଅଞ୍ଚଳରୁ ୧୩ ଜଣିଆ ପର୍ଯ୍ୟଟକ ଦଳ ପୁରୀ ବୁଲିବାକୁ ଆସିଥିଲେ। ବୁଧବାର ବିଳମ୍ବିତ ରାତିରେ ଭରତ ଚନ୍ଦ୍ର ଏବଂ ତାଙ୍କ ପତ୍ନୀ ସୁସ୍ମିତା (୨୩) ସ୍ୱର୍ଗଦ୍ୱାର ନିକଟସ୍ଥ 'ଦି ଟେଷ୍ଟ ଅଫ୍ ବେଙ୍ଗଲ' ନାମକ ଏକ ରେଷ୍ଟୁରାଣ୍ଟକୁ ରାତ୍ରି ଭୋଜନ ପାଇଁ ଯାଇଥିଲେ। ଖାଦ୍ୟ ପରଷାଯିବା ପରେ ସେଥିରୁ ଏକ ତ୍ରୁଟି ବାହାରିଥିଲା। ଏହାକୁ ନେଇ ଦମ୍ପତି ଜଣକ ରେସ୍ତୋରାଁ ମ୍ୟାନେଜର ଓ କର୍ମଚାରୀଙ୍କୁ ଅଭିଯୋଗ କରିବା ସହ ଖାଦ୍ୟ ବଦଳାଇବାକୁ କହିଥିଲେ। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ଚରମ ସୀମାରେ ପହଞ୍ଚିଥିଲା। ଅଭିଯୋଗ ଅନୁଯାୟୀ, ହୋଟେଲ କର୍ମଚାରୀମାନେ ହଠାତ୍ ରେସ୍ତୋରାଁର ସଟର ପକାଇ ଦମ୍ପତିଙ୍କୁ ଭିତରେ ବନ୍ଦ କରିଦେଇଥିଲେ ଏବଂ ସେମାନଙ୍କୁ ନିର୍ଦ୍ଦୟ ମାଡ଼ ମାରିଥିଲେ। ଟଣାଓଟରା ସମୟରେ ୭ ମାସର ଗର୍ଭବତୀ ମହିଳା ସୁସ୍ମିତାଙ୍କୁ କର୍ମଚାରୀମାନେ ଜୋରରେ ଠେଲି ଦେଇଥିଲେ, ଯାହାଫଳରେ ସେ ଏକ ଡାଇନିଂ ଟେବୁଲ ଉପରେ ପଡ଼ିଯାଇଥିଲେ ଏବଂ ତାଙ୍କ ପେଟରେ ଗଭୀର ଆଘାତ ଲାଗିଥିଲା। ଭିତରୁ ପାଟିତୁଣ୍ଡ ଶୁଣି ସ୍ଥାନୀୟ ଲୋକେ ତୁରନ୍ତ ସୀ-ବିଚ୍ ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସଟର ଖୋଲି ପର୍ଯ୍ୟଟକ ଦମ୍ପତିଙ୍କୁ ଉଦ୍ଧାର କରିଥିଲା ଏବଂ ଗୁରୁତର ଅବସ୍ଥାରେ ମହିଳାଙ୍କୁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଏହି ଘଟଣାରେ ପର୍ଯ୍ୟଟକଙ୍କ ପକ୍ଷରୁ ମାମଲା ରୁଜୁ କରାଯାଇଥିବା ବେଳେ ହୋଟେଲ କର୍ମଚାରୀ ମଧ୍ୟ ଏକ ଓଲଟା ଅଭିଯୋଗ କରିଛନ୍ତି। ଭାଷାଗତ ସମସ୍ୟା ଉଭୟଙ୍କ ମଧ୍ୟରେ ଏହିପରି ଉତ୍ତେଜନା ସୃଷ୍ଟି ହୋଇଥିବା ନେଇ ପୁରୀ ଏସପି ସୂଚନା ଦେଇଛନ୍ତି। ଘଟଣାର ଅଧିକ ତଦନ୍ତ ଜାରି ରହିଛି।

# ରାଶିଫଳ

**ମେଷ :** ଚଞ୍ଚ କାର୍ଯ୍ୟକ୍ଷେତ୍ରରେ ନୂଆ ସୁଯୋଗ ମିଳିପାରେ। ଆର୍ଥିକ ସ୍ଥିତିରେ ଉନ୍ନତି ଦେଖାଦେବ। ପରିବାରରେ ଖୁସିର ପରିବେଶ ରହିବ। ସ୍ୱାସ୍ଥ୍ୟ ପ୍ରତି ଟିକେ ଅଧିକ ଧ୍ୟାନ ଦିଅନ୍ତୁ।

**ବୃଷ :** ଅଟକିଥିବା କାମ ପୁଣି ଗତି ପାଇବ। ବ୍ୟବସାୟରେ ଲାଭର ସୁଯୋଗ ରହିଛି। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ଅନାବଶ୍ୟକ ଖର୍ଚ୍ଚରୁ ଦୂରେଇ ରୁହନ୍ତୁ।

**ମିଥୁନ :** ନୂଆ ଯୋଜନା କାର୍ଯ୍ୟକାରୀ କରିବାର ସମୟ। ଚାକିରିରେ ପ୍ରଶଂସା ମିଳିପାରେ। ବନ୍ଧୁଙ୍କ ସହଯୋଗରେ ଲାଭ ହେବ। ମାନସିକ ଚାପ କମାଇବାକୁ ବିଶ୍ରାମ ନିଅନ୍ତୁ।

**କର୍କଟ :** କାର୍ଯ୍ୟକ୍ଷେତ୍ରରେ ଦାୟିତ୍ୱ ବଢ଼ିପାରେ। ଆର୍ଥିକ ଦିଗରୁ ସପ୍ତାହଟି ସାଧାରଣ ରହିବ। ପରିବାରରେ ମତଭେଦ ହେଲେ ଶାନ୍ତ ରୁହନ୍ତୁ। ସ୍ୱାସ୍ଥ୍ୟରେ ଉନ୍ନତି ହେବ।

**ସିଂହ :** ନିଜ ପ୍ରତିଭା ପ୍ରଦର୍ଶନର ସୁଯୋଗ ମିଳିବ। ବ୍ୟବସାୟରେ ନୂଆ ଚୁକ୍ତି ହୋଇପାରେ। ପ୍ରିୟଜନଙ୍କ ସହ ସମ୍ପର୍କ ମଧୁର ହେବ। ଯାତ୍ରା ସମୟରେ ସତର୍କ ରୁହନ୍ତୁ।

**କନ୍ୟା :** ପରିଶ୍ରମର ଭଲ ଫଳ ପାଇବେ। ଚାକିରିରେ ନୂଆ ଦାୟିତ୍ୱ ମିଳିପାରେ। ଆର୍ଥିକ ଲାଭର ଯୋଗ ରହିଛି। ଖାଦ୍ୟପାନୀୟ ପ୍ରତି ସଚେତନ ରୁହନ୍ତୁ।

**ତୁଳା :** ନୂଆ ଲୋକଙ୍କ ସହ ପରିଚୟ ଲାଭଦାୟକ ହେବ। କାର୍ଯ୍ୟକ୍ଷେତ୍ରରେ ସଫଳତା ମିଳିବ। ଘରେ ଶାନ୍ତି ଓ ଖୁସି ରହିବ। ବଡ଼ ନିବେଶ ପୂର୍ବରୁ ଭଲଭାବେ ଭାବନ୍ତୁ।

**ବିଛା :** ଅଟକିଥିବା ଆର୍ଥିକ କାମ ସମାଧାନ ହୋଇପାରେ। କର୍ମକ୍ଷେତ୍ରରେ ନୂଆ ସୁଯୋଗ ଆସିବ। ପ୍ରିୟଜନଙ୍କ ସହ ସମୟ ବିତାନ୍ତୁ। ରାଗ ଓ ତରବରିଆ ନିଷ୍ପତ୍ତିରୁ ଦୂରେଇ ରୁହନ୍ତୁ।

**ଧନୁ :** ଭାଗ୍ୟ ଆପଣଙ୍କ ସାଥ୍ ଦେଇପାରେ। ଶିକ୍ଷା ଓ ଚାକିରିରେ ଭଲ ଖବର ମିଳିବ। ବ୍ୟବସାୟୀଙ୍କ ପାଇଁ ସମୟ ଅନୁକୂଳ ରହିବ। ଯାତ୍ରାରେ ନୂଆ ଅନୁଭୂତି ମିଳିପାରେ।

**ମକର :** କଠିନ ପରିଶ୍ରମର ସୁଫଳ ପାଇବେ। ନୂଆ ଆୟର ଉତ୍ସ ମିଳିପାରେ। ପରିବାରରେ ଆପଣଙ୍କ ମତକୁ ଗୁରୁତ୍ୱ ମିଳିବ। ସ୍ୱାସ୍ଥ୍ୟ ପାଇଁ ନିୟମିତ ରୁଟିନ୍ ରଖନ୍ତୁ।

**କୁମ୍ଭ :** ନୂଆ କାର୍ଯ୍ୟ ଆରମ୍ଭ ପାଇଁ ଭଲ ସମୟ। ଆର୍ଥିକ ସ୍ଥିତି ଧୀରେଧୀରେ ମଜବୁତ ହେବ। ବନ୍ଧୁଙ୍କଠାରୁ ଭଲ ଖବର ପାଇପାରନ୍ତି। ଅଧିକ ଚିନ୍ତା କରିବାରୁ ଦୂରେଇ ରୁହନ୍ତୁ।

**ମୀନ :** ମନର ଇଚ୍ଛା ପୂରଣ ହେବାର ସୁଯୋଗ ରହିଛି। କାର୍ଯ୍ୟକ୍ଷେତ୍ରରେ ନିଜ ଦକ୍ଷତା ଦେଖାଇବେ। ପରିବାରରେ ଖୁସିର ମାହୋଲ ରହିବ। ନିଷ୍ପତ୍ତି ନେବାବେଳେ ଧୈର୍ଯ୍ୟ ଧରନ୍ତୁ।

# ୨୫ ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ, ୩ ଗିରଫ



ବାଲେଶ୍ୱର, ୨୨।୯ (ଲଳିତ ମହାନ୍ତି): ବ୍ରାଉନସୁଗାର କାରବାର ଅଭିଯୋଗରେ ସହଦେବଖୁଣ୍ଟା ପୁଲିସ ମଙ୍ଗଳବାର ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କଟକ ଜିଲ୍ଲା କିଶନନଗର ଥାନା ଅଧୀନ ଜାସପଡ଼ା ଅଞ୍ଚଳ ଅର୍ଚିଲ ଗ୍ରାମର ସଞ୍ଜୟ ସ୍ୱାଇଁ (୩୨), ଜଗତସିଂହପୁର ଜିଲ୍ଲା ବିରିଡ଼ି ଥାନା ଅଧୀନ କାଳନ୍ତିରା ଗ୍ରାମର ବିଜୟ ପଟ୍ଟନାୟକ (୫୫) ଏବଂ ସେହି ଗ୍ରାମର ଜେନାମଣି ଚନ୍ଦ୍ରମାଧବ କେଶରୀ ବଳବନ୍ତରାୟ (୩୭) ପୁଲିସ ସେମାନଙ୍କ ନିକଟରୁ ୨୫୬ ଗ୍ରାମ ବ୍ରାଉନସୁଗାର ସହ ଏକ ମାରୁତି ସୁଜୁକି ସ୍ୱିଫ୍ଟ ଡିଜାଇର କାର୍ (ଓଡ଼ି-୩୩-ଏଆର୍-୧୬୩୭) ଜବତ କରିଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ସହଦେବଖୁଣ୍ଟା ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପରେଶ କୁମାର ରାଉତ ସୂଚନା ଦେଇଛନ୍ତି। ଶ୍ରୀ ରାଉତଙ୍କ ସୂଚନା ଅନୁଯାୟୀ, ସହଦେବଖୁଣ୍ଟା ଥାନା ଅଧିକାରୀ ଆଲୋକ କୁମାର ବେହେରାଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ସକାଳେ ଏକ ପୁଲିସ ଟିମ୍ ଅରଡ଼ବଜାର, କସିମିଳା ଓ ମାଲଗୋଦାମ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଶୋଭାରାମପୁର ଓଭରବ୍ରିଜ୍ ନିକଟ ରେଳଲାଇନ ନିକଟରେ ଏକ କାର୍‌ରେ ୩ ଯୁବକ ବ୍ରାଉନ ସୁଗାର ସହ ଛିଡା ହୋଇଥିବା ନେଇ ପୁଲିସକୁ ବିଶେଷ ସୂତ୍ରରୁ ସୂଚନା ମିଳିଥିଲା ସୂଚନା ପାଇ ପାଟ୍ରୋଲିଂ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ଶେଷରେ ପୁଲିସ ସେମାନଙ୍କୁ କାବୁ କରିଥିଲା। ପରେ କାର୍‌ଟିକୁ ଯାଞ୍ଚ କରିବାରୁ ସେଥିରୁ ୨୫୬ ଗ୍ରାମ ବ୍ରାଉନସୁଗାର ମିଳିଥିଲା। ପୁଲିସ ସେମାନଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ଏନେଇ ସହଦେବଖୁଣ୍ଟା ଥାନାରେ କେସ୍ ନଂ. ୪୦୭/୨୬ରେ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ବିରିଡ଼ି ଥାନାରେ ୩ଟି ବିଭିନ୍ନ ମାମଲା ଥିବା ଶ୍ରୀ ରାଉତ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସହଦେବଖୁଣ୍ଟା ଥାନା ଅଧିକାରୀ ଆଲୋକ କୁମାର ବେହେରା ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଶ୍ରୀଜଗନ୍ନାଥ ଜମି ବନ୍ଦୋବସ୍ତ...

ନିଷ୍ପତ୍ତି ଉପରେ ସନ୍ଦେହ ପ୍ରକଟ କରି କହିଛନ୍ତି ଯେ, ମହାପ୍ରଭୁଙ୍କ ଜମି ହେଉଛି କୋଟି କୋଟି ଓଡ଼ିଆଙ୍କ ଆବେଗ। କୌଣସି ବିଧିବଦ୍ଧ ଆଲୋଚନା ନକରି କେବଳ ଅନଲାଇନ୍ ପୋର୍ଟାଲ୍ ଜରିଆରେ ଜମିର ମାଲିକାନା ବାଣ୍ଟିବା ନିଷ୍ପତ୍ତି ପଛରେ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କୁ ଫାଇଦା ପହଞ୍ଚାଇବାର ଚକ୍ରାନ୍ତ ଥାଇପାରେ। ସରକାର ପ୍ରଥମେ ସମସ୍ତ ଜମିର ସର୍ଭେ ରିପୋର୍ଟ ସାର୍ବଜନୀନ କରନ୍ତୁ, ତା'ପରେ ପୋର୍ଟାଲ୍ କଥା ଚିନ୍ତା କରନ୍ତୁ।

ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନଗୋ ସିଧାସଳଖ ଆଇନ ମନ୍ତ୍ରୀଙ୍କୁ ଟାର୍ଗେଟ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ପରିବାର ପୂର୍ବରୁ ମହାପ୍ରଭୁଙ୍କ ଜମି ହଡ଼ପ କରିବାରେ ସାମିଲ ଅଛନ୍ତି ଏବଂ ବର୍ତ୍ତମାନ ସେହିଭଳି ବେଆଇନ କାର୍ଯ୍ୟକୁ ବୈଧତା ଦେବା ପାଇଁ ନୂଆ ନୂଆ ନୀତି ପ୍ରଣୟନ କରାଯାଉଛି। କଂଗ୍ରେସ ଏହାକୁ ସାରା ରାଜ୍ୟରେ ଏକ ବଡ଼ ଜନ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି।

ବିରୋଧୀଙ୍କ ଏହି ସମସ୍ତ ସାଂଘାତିକ ଅଭିଯୋଗ ଉପରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମ ସାମ୍ନାରେ କଡ଼ା ଜବାବ ରଖିଛନ୍ତି। ସେ କହିଛନ୍ତି: "ବିରୋଧୀ ଦଳ ଭିତ୍ତିହୀନ ରାଜନୀତି କରୁଛନ୍ତି। ଯଦି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଗୋଟିଏ ଇଞ୍ଚ ଜମି ମଧ୍ୟ ମୋ ନାଁରେ କିମ୍ବା ମୋ ପରିବାର ନାଁରେ ଥିବାର ପ୍ରମାଣ କେହି ଦେଇଦେବେ, ତେବେ ମୁଁ ସେହି ମହୂର୍ତ୍ତରେ ରାଜନୀତିରୁ ସନ୍ନ୍ୟାସ ନେବି। ପୂର୍ବ ସରକାର ସମୟରେ ଜଗନ୍ନାଥ ଜମିକୁ ନେଇ ଯେଉଁ ଅରାଜକତା ଚାଲିଥିଲା ଏବଂ ଦଲାଲମାନେ ସକ୍ରିୟ ଥିଲେ, ଏହି ଇ-ପୋର୍ଟାଲ୍ ତାହାକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବ। ସରକାର ପ୍ରତିଟି ପ୍ରକ୍ରିୟାରେ ସ୍ୱଚ୍ଛତା ରଖିବାକୁ ବଦ୍ଧପରିକର।" ରାଜନୈତିକ ସମୀକ୍ଷକଙ୍କ ମତରେ, ଆଗକୁ ଏହି ପ୍ରସଙ୍ଗ ବିଧାନସଭା ଗୃହ ମଧ୍ୟରେ ଏବଂ ଗୃହ ବାହାରେ ଅଧିକ ଉଗ୍ର ରୂପ ଧାରଣ କରିପାରେ, କାରଣ ଶ୍ରୀଜଗନ୍ନାଥଙ୍କ ସମ୍ପତ୍ତି ସହ ଓଡ଼ିଶାର ଜନସାଧାରଣଙ୍କ ଭାବନା ଜଡ଼ିତ।

## ବଢୁଛି ବନ୍ୟା ବିପଦ...

ଚଳାଚଳ ବାଧାପ୍ରାପ୍ତ ହୋଇଛି । ସେହିପରି ରାୟଗଡ଼ାରେ ରେଳ ଧାରଣା ଉପରକୁ ମାଟି ଖସିବା ଯୋଗୁଁ ଟ୍ରେନ ସେବା ମଧ୍ୟ ପ୍ରଭାବିତ ହୋଇଛି । ପରିସ୍ଥିତିର ଗମ୍ଭୀରତାକୁ ଦେଖି ପ୍ରଶାସନ ପକ୍ଷରୁ କଟକ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଏବଂ ଭଦ୍ରକ ଜିଲ୍ଲାର କେତେକ ବ୍ଲକ୍‌ରେ ଶନିବାର ଦିନ ସ୍କୁଲଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି । ଥଭାରତୀୟ ପାଣିପାଗ ବିଭାଗ ଅନୁସାରେ, ଏହି ଗଭୀର ଅବପାତ ବର୍ତ୍ତମାନ ଦୁର୍ବଳ ହୋଇ ଛତିଶଗଡ଼ ମୁହାଁ ହୋଇଛି । ତେବେ ଏହାର ପ୍ରଭାବରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର ଏବଂ ନବରଙ୍ଗପୁର ଭଳି ଜିଲ୍ଲାରେ ଆଜି ମଧ୍ୟ ମଧ୍ୟମରୁ ପ୍ରବଳ ବର୍ଷା ଜାରି ରହିପାରେ । ଆସନ୍ତାକାଲି (ରବିବାର) ଠାରୁ ପାଗରେ ସୁଧାର ଆସିବ ବୋଲି ଆଶା କରାଯାଉଛି । ରାଜ୍ୟ ସରକାରଙ୍କ ସ୍ପେଶାଲ ରିଲିଫ୍ କମିଶନର ସମସ୍ତ ଜିଲ୍ଲାପାଳଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଓଡ୍ରାଫ୍ ଓ ଏନଡିଆରଏଫ ଟିମ୍‌କୁ ସଜାଗ ରଖାଯାଇଛି ।

## ସିସିଟିଭି ଫୁଟେଜ୍‌ରୁ...

କିଲୋମିଟର ରାସ୍ତା ମଧ୍ୟରେ ହିଁ ଓରାଙ୍ଗୁଟାନଗୁଡ଼ିକୁ ସେଠାରେ ଛଡ଼ାଯାଇଥିବା ଅନୁମାନ କରାଯାଉଛି।

ଏହି ମାମଲାରେ ପଶ୍ଚିମବଙ୍ଗର ଦୀଘା ଅଞ୍ଚଳରୁ ଜଣେ ହୋଟେଲ ମାଲିକଙ୍କ ସମେତ ୩ ଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକ ରଖାଯାଇ ଝଞ୍ଜର୍ ପକ୍ଷରୁ ଜେରା କରାଯାଉଛି। ସେମାନଙ୍କ ଘର ଓ ଆସେପାସ ଅଞ୍ଚଳରେ ଚଢ଼ାଉ କରାଯାଇ ଚୋରା ଚାଲାଣର ମୁଖ୍ୟ ସୂତ୍ରଧରଙ୍କୁ ଧରିବା ପାଇଁ ଜାଲ ବିଛାଯାଇଛି। ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ କହିଛନ୍ତି ଯେ, ଘଟଣାର ବୈଜ୍ଞାନିକ ପଦ୍ଧତିରେ ଏବଂ ସବୁ ଦିଗରୁ ତଦନ୍ତ ଚାଲିଛି ଏବଂ ଆଗାମୀ କିଛି ଦିନ ମଧ୍ୟରେ ଏହି ଚୋରା ଚାଲାଣ ରହସ୍ୟ ଉପରୁ ସମ୍ପୂର୍ଣ୍ଣ ପରଦା ହଟିବ। ଜଙ୍ଗଲ ବିଭାଗ ଦ୍ୱାରା ଉଦ୍ଧାର କରାଯାଇଥିବା ୫ଟି ଯାକ ଓରାଙ୍ଗୁଟାନ ଛୁଆଙ୍କୁ (୩ଟି ଅଣ୍ଡିରା ଓ ୨ଟି ମାଈ) ବର୍ତ୍ତମାନ ଭୁବନେଶ୍ୱରସ୍ଥିତ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ସ୍ୱତନ୍ତ୍ର କ୍ୱାରେଣ୍ଟାଇନରେ ରଖାଯାଇଛି। ଡାକ୍ତରୀ ଦଳ ସେମାନଙ୍କର ୨୪ ଘଣ୍ଟିଆ ଯତ୍ନ ନେଉଛନ୍ତି ଏବଂ ସେମାନେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଓରାଙ୍ଗୁଟାନ କେବଳ ଇଣ୍ଡୋନେସିଆ ଏବଂ ମାଲେସିଆ ଜଙ୍ଗଲରେ ଦେଖାଯାଉଥିବାରୁ, ଏମାନଙ୍କୁ ଭାରତରୁ ପୁଣି ନିଜ ଦେଶକୁ ଫେରାଇବା ପ୍ରକ୍ରିୟା ପାଇଁ ମଧ୍ୟ ଆଲୋଚନା ଆରମ୍ଭ ହୋଇଛି।

## ଦକ୍ଷିଣ ଓଡ଼ିଶାର ବନ୍ୟା...

ସରକାରଙ୍କ ଉଦାସୀନତା ବିରୋଧରେ ପ୍ରତିବାଦ କରିବା ସହ ଏକ ସ୍ୱତନ୍ତ୍ର ଆଲୋଚନା ପାଇଁ ଦାବି କରିଛନ୍ତି। ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ପ୍ରଶାସନ ସ୍ଥିତି ଉପରେ ନଜର ରଖିଛି ଏବଂ ସମସ୍ତ ପ୍ରକାରର ରିଲିଫ୍ କାର୍ଯ୍ୟ ଜାରି ରହିଛି। ମାତ୍ର ବିରୋଧୀ ସଦସ୍ୟମାନେ ସନ୍ତୋଷଜନକ ଉତ୍ତର ନପାଇବାରୁ ଗୃହରେ ହଙ୍ଗାମା ଜାରି ରଖିଥିଲେ, ଯାହା ଫଳରେ ଆଜିର ଅଧିକାଂଶ କାର୍ଯ୍ୟସୂଚୀ ବାଧାପ୍ରାପ୍ତ ହୋଇଛି।

# ସମବାୟ ସଦସ୍ୟତା ମହାଅଭିଯାନ 'ସମ୍ବନ୍ଧ'ର ଜିଲ୍ଲାସ୍ତରୀୟ ଶୁଭାରମ୍ଭ



ବାଲେଶ୍ୱର, ୨୬/୦୯ (ଜେଏନ୍ଏସ୍) : ସମବାୟ ବିଭାଗ ପକ୍ଷରୁ ଆୟୋଜିତ ସମବାୟ ସଦସ୍ୟତା ମହାଅଭିଯାନ 'ସମ୍ବନ୍ଧ'ର ଜିଲ୍ଲାସ୍ତରୀୟ ଶୁଭାରମ୍ଭ ଆଜି ପୂର୍ବାହ୍ନ ୧୧ଟା ସମୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଅଡିଟୋରିୟମ୍ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ରାଜ୍ୟସ୍ତରୀୟ ଭାବେ ଏହି ସମବାୟ ସଦସ୍ୟତା ମହାଅଭିଯାନ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ୍ ମାଧ୍ୟମରେ ରାଜ୍ୟର ସମସ୍ତ ଜିଲ୍ଲା ସହ ସଂଯୁକ୍ତ ହୋଇ ଅଭିଯାନର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହାସହ ମାନ୍ୟବର ସଭାପତି, ଜିଲ୍ଲା ପରିଷଦ, ବାଲେଶ୍ୱର ଶ୍ରୀଯୁକ୍ତ ନାରାୟଣ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ତପନ କୁମାର ଖୁଣ୍ଟିଆ, ସମବାୟ ଡେପୁଟି ରେଜିଷ୍ଟ୍ରାର, ବାଲେଶ୍ୱର ଡିଭିଜନ ଶ୍ରୀମତୀ ସରୋଜିନି ନାଏକ ଏବଂ ସମବାୟ ବିଭାଗର ବିଭିନ୍ନ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ସମବାୟ ଆନ୍ଦୋଳନକୁ ଅଧିକ ବ୍ୟାପକ ଓ ସୁଦୃଢ଼ କରିବା ସହ ଅଧିକ ସଂଖ୍ୟକ ଲୋକଙ୍କୁ ସମବାୟ ସଂସ୍ଥାଗୁଡ଼ିକ ସହ ଯୋଡ଼ିବା। ଏହା ମାଧ୍ୟମରେ ସମବାୟ ସଂସ୍ଥାର ସଦସ୍ୟତା ବୃଦ୍ଧି, ସଦସ୍ୟମାନଙ୍କ ଅଧିକ ସକ୍ରିୟ ଅଂଶଗ୍ରହଣ ଏବଂ ସମବାୟ ମାଧ୍ୟମରେ ଲୋକଙ୍କ ଆର୍ଥିକ ଓ ସାମାଜିକ ସଶକ୍ତିକରଣକୁ ଗତିଶୀଳ କରିବା ଉପରେ ଗୁରୁତ୍ୱ ଦିଆଯିବ। କାର୍ଯ୍ୟକ୍ରମରେ ସମବାୟ ବିଭାଗର ଅଧିକାରୀମାନେ ଅଭିଯାନର ବିଭିନ୍ନ ଦିଗ, ସଦସ୍ୟତା ପ୍ରକ୍ରିୟା ଏବଂ ଲୋକମାନଙ୍କୁ ଏହା ସହ ଯୋଡ଼ିବା ପାଇଁ ନିଆଯିବାକୁ ଥିବା ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅଭିଯାନକୁ ସଫଳ କରିବା ପାଇଁ ସମବାୟ ସଂସ୍ଥା, ଅଧିକାରୀ, କର୍ମଚାରୀ ଓ ସାଧାରଣ ଲୋକଙ୍କ ସକ୍ରିୟ ସହଯୋଗ ଆହ୍ୱାନ କରାଯାଇଛି।

ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

## ଏ ସପ୍ତାହର
### ପ୍ରମୁଖ ଖବର

✦ **ହୀରାକୁଦ ଗେଟ୍ ଓପନ :** ଛତିଶଗଡ଼ରେ ପ୍ରବଳ ବର୍ଷା ଯୋଗୁଁ ମହାନଦୀର ଜଳସ୍ତର ବୃଦ୍ଧି ପାଇଛି, ଯାହାଫଳରେ ହୀରାକୁଦ ଜଳଭଣ୍ଡାରରୁ ପର୍ଯ୍ୟାୟକ୍ରମେ ଗେଟ୍ ଖୋଲାଯାଇ ଜଳ ନିଷ୍କାସନ କରାଯାଉଛି ।

✦ **ତଳିଆ ଅଞ୍ଚଳକୁ ସତର୍କତା :** ବନ୍ୟା ଜଳ ବୃଦ୍ଧି ହେବା କାରଣରୁ ନଦୀକୂଳିଆ ଏବଂ ତଳିଆ ଅଞ୍ଚଳର ଲୋକମାନଙ୍କୁ ସୁରକ୍ଷିତ ସ୍ଥାନରେ ରହିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି ।

✦ **ପୁରୀ ସମୁଦ୍ର ଅଶାନ୍ତ :** ବର୍ଷା ଓ ପବନ ଯୋଗୁଁ ପୁରୀ ସମୁଦ୍ର କୂଳରେ ଉଚ୍ଚ ଜୁଆର ଆସୁଛି, ଯାହାକୁ ଦେଖି ପର୍ଯ୍ୟଟକମାନଙ୍କୁ ସମୁଦ୍ର ମଧ୍ୟକୁ ନଯିବା ପାଇଁ ବାରଣ କରାଯାଇଛି ।

✦ **ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ :** ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ପରିଚାଳନା କମିଟିର ବୈଠକ ଅନୁଷ୍ଠିତ ହୋଇଛି, ଯେଉଁଥିରେ ରତ୍ନଭଣ୍ଡାର ଗଣତି ଓ ସ୍ନାନଯାତ୍ରା ସମେତ ୭ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯାଇଛି ।

✦ **ପାରାଦୀପ ବନ୍ଦରକୁ 'ମେଗା ପୋର୍ଟ' ମାନ୍ୟତା :** ପୂର୍ବ ଭାରତର ଅଗ୍ରଣୀ ବନ୍ଦର ଭାବେ ପାରାଦୀପ ବନ୍ଦରକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ 'ମେଗା ପୋର୍ଟ' ର ଗୁରୁତ୍ୱପୂର୍ଣ୍ଣ ମାନ୍ୟତା ମିଳିଛି ।

✦ **ହାତୀ ଆକ୍ରମଣରେ ମୃତ୍ୟୁ :** କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ବେତିଆପଡ଼ା ଅଞ୍ଚଳରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କର ଦୁଃଖଦ ମୃତ୍ୟୁ ଘଟିଛି ।

✦ **ସୁଭଦ୍ରା ଯୋଜନା ଆବେଦନ :** ରାଜ୍ୟରେ 'ସୁଭଦ୍ରା ଯୋଜନା'ର ଅନଲାଇନ୍ ଆବେଦନ ପ୍ରକ୍ରିୟା ଏବଂ ପ୍ରଥମ କିସ୍ତି ଟଙ୍କା ପ୍ରଦାନକୁ ନେଇ ମହିଳାମାନଙ୍କ ମଧ୍ୟରେ ବ୍ୟାପକ ଉତ୍ସାହ ଦେଖିବାକୁ ମିଳୁଛି ।

✦ **ଭୁବନେଶ୍ୱରରେ ପେଟ୍ରୋଲ ଦର :** ଆଜି ରାଜଧାନୀ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୧୧୦.୨୬ ଟଙ୍କା ଏବଂ ଡିଜେଲ ୧୦୧.୯୨ ଟଙ୍କାରେ ବିକ୍ରି ହେଉଛି ।

✦ **କଟକରେ ତେଲ ଦର :** କଟକ ସହରରେ ଆଜି ପେଟ୍ରୋଲ ଦର ୧୦୯.୦ ଟଙ୍କା ଏବଂ ଡିଜେଲ ଦର ୧୦୧.୦୭ ଟଙ୍କା ରହିଛି ।

✦ **ମାଲକାନଗିରିରେ ସର୍ବାଧିକ ଦର :** ରାଜ୍ୟର ମାଲକାନଗିରି ଏବଂ ନବରଙ୍ଗପୁର ଜିଲ୍ଲାରେ ପେଟ୍ରୋଲ ଦର ସବୁଠାରୁ ଅଧିକ (୧୧୦.୪୪ ଟଙ୍କାରୁ ଅଧିକ) ରେକର୍ଡ କରାଯାଇଛି ।

✦ **ଝାଡ଼ଖଣ୍ଡ ସଡ଼କ ଦୁର୍ଘଟଣା:** ଜାମସେଦପୁରରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଝାଡ଼ଖଣ୍ଡର ଜଣେ ମନ୍ତ୍ରୀଙ୍କ କନ୍ୟାଙ୍କ ସମେତ ୪ ଜଣଙ୍କର ମୃତ୍ୟୁ ଘଟିଛି ।

### ଓଡ଼ିଆ ସିନେମାର ଐତିହାସିକ ସଫଳତା
## 'ଲହରୀ'କୁ ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବେ ଜାତୀୟ ପୁରସ୍କାର

ଭୁବନେଶ୍ୱର, ୨୬/୦୯ (ଜେଏନ୍ଏସ୍): ଓଡ଼ିଆ ଚଳଚ୍ଚିତ୍ର ଜଗତ (ଓଲିଉଡ୍) ପାଇଁ ଏକ ବଡ଼ ଗୌରବର ସମୟ ଆସିଛି ଥ୧.୧.୨ଧ । ପ୍ରତିଷ୍ଠିତ ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସମାରୋହରେ ଓଡ଼ିଆ ଚଳଚ୍ଚିତ୍ର 'ଲହରୀ'କୁ ଶ୍ରେଷ୍ଠ ଓଡ଼ିଆ ଆଞ୍ଚଳିକ ଚଳଚ୍ଚିତ୍ର ଭାବେ ସମ୍ମାନିତ କରାଯାଇଛି । ଗୁଜୁରାଟର ଏକତା ନଗରଠାରେ ଆୟୋଜିତ ଏହି ଭବ୍ୟ ସମାରୋହରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଫିଲ୍ମର ପ୍ରଯୋଜିକା ତଥା ଲୋକପ୍ରିୟ



ଅଭିନେତ୍ରୀ ଝିଲିକ୍ ଭଟ୍ଟାଚାର୍ଯ୍ୟ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଛନ୍ତି । ଜାତୀୟ ପୁରସ୍କାର ବିଜେତା ନିର୍ଦ୍ଦେଶକ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ଏହି ଚଳଚ୍ଚିତ୍ରର କାହାଣୀ ଓ ନିର୍ଦ୍ଦେଶନା ଦେଇଥିବା ବେଳେ 'ଝିଲିକ୍ ମୋସନ ପିକ୍ଚର୍ସ' ବାନରରେ ଝିଲିକ୍ ଭଟ୍ଟାଚାର୍ଯ୍ୟ ଏହାର ପ୍ରଯୋଜନା କରିଛନ୍ତି । ଏହି ସିନେମାରେ ଚୌଧୁରୀ ଜୟପ୍ରକାଶ ଦାସ, ଚୌଧୁରୀ ବିକାଶ ଦାସ, ଦୀପନ୍ୱିତ ଦାଶମହାପାତ୍ର ଏବଂ ସ୍ୱସ୍ତିକ ଚୌଧୁରୀ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି । ଏହା ସହିତ ସୁପରଷ୍ଟାର୍ ବାବୁଶାନ୍ ମହାନ୍ତି ମଧ୍ୟ ଏଥିରେ ଏକ ବିଶେଷ ଭୂମିକାରେ ନଜର ଆସିଛନ୍ତି । ଓଡ଼ିଶାର ଏକ ଗ୍ରାମୀଣ ପରିବେଶ ଏବଂ ଜଣେ ବୃଦ୍ଧ ମତ୍ସ୍ୟଜୀବୀର ଜୀବନ ଶୈଳୀକୁ ନେଇ ଏହି ଚଳଚ୍ଚିତ୍ରର କାହାଣୀ ଗତିଶୀଳ । ଏଥିରେ ପରମ୍ପରା, ପ୍ରଗତି ଏବଂ ମାନବୀୟ ସମ୍ପର୍କର ଏକ ସୁନ୍ଦର ସମନ୍ୱୟ ଦେଖିବାକୁ ମିଳିଛି । ବିଶ୍ୱର ପ୍ରାୟ ୧୫ଟି ଦେଶର କଳାକାର ଏହି ସିନେମାରେ ସାମିଲ ହୋଇଥିବାରୁ ଏହା ଆନ୍ତର୍ଜାତୀୟ ସ୍ତରରେ ମଧ୍ୟ ବେଶ୍ ପ୍ରଶଂସିତ ହୋଇଛି ।ଜାତୀୟ ସଫଳତା ପରେ ଓଡ଼ିଶା ଫେରିଥିବା 'ଲହରୀ' ଟିମ୍ ଗତକାଲି ଲୋକ ଭବନଠାରେ ମାନ୍ୟବର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟିଙ୍କୁ ସାକ୍ଷାତ କରିଥିଲେ । ରାଜ୍ୟପାଳ ସମ୍ପୂର୍ଣ୍ଣ ଟିମ୍‌କୁ ଅଭିନନ୍ଦନ ଜଣାଇବା ସହ କହିଛନ୍ତି ଯେ, ଏହି ଫିଲ୍ମ ଓଡ଼ିଶାର ସମୃଦ୍ଧ କାହାଣୀ ଓ ସଂସ୍କୃତିକୁ ଜାତୀୟ ମଞ୍ଚରେ ଉପସ୍ଥାପିତ କରି ଆମକୁ ଗୌରବାନ୍ୱିତ କରିଛି । ସେହିପରି ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟର ଅନେକ ବିଶିଷ୍ଟ ବ୍ୟକ୍ତି ମଧ୍ୟ ଫିଲ୍ମର ସଫଳତା ପାଇଁ ଶୁଭକାମନା ଜଣାଇଛନ୍ତି । ଏହି ପୁରସ୍କାର ଓଡ଼ିଆ ସିନେମାର ନୂଆ ପିଢ଼ି ଓ କଳାକାରମାନଙ୍କ ପାଇଁ ଏକ ବଡ଼ ପ୍ରେରଣା ସାଜିବ ନିଶ୍ଚିତ ।



| ADVERTISEMENT TARIFF | |
|---|---|
| FULL PAGE FRONT | Rs. 1,00,000.00 |
| FULL PAGE BACK | Rs. 80,000.00 |
| FULL PAGE COVER | Rs. 80,000.00 |
| FULL PAGE INNER | Rs. 80,000.00 |
| HALF PAGE FR/BK | Rs. 80,000.00 |
| QUARTER PAGE | Rs. 25,000.00 |
| EAR PANEL FRONT | Rs. 5,000.00 |
| EAR PANEL BACK | Rs. 5,000.00 |



## ଏସୀୟ କ୍ରୀଡ଼ା କବାଡ଼ିରେ ଭାରତୀୟ ମହିଳା ଦଳର ସ୍ୱର୍ଣ୍ଣିମ ଇତିହାସ



ନାଗୋୟା (ଜାପାନ),୨୬/୦୯ : ଆଇଚି-ନାଗୋୟା ଏସୀୟ କ୍ରୀଡ଼ା ୨୦୨୬ରୁ ଭାରତ ପାଇଁ ଆସିଛି ସବୁଠାରୁ ବଡ଼ ଖୁସି ଖବର । କବାଡ଼ି ମେଟ୍‌ରେ ପୁଣି ଥରେ ଦେଖିବାକୁ ମିଳିଛି ଭାରତୀୟ ମହିଳା ଦଳର ସାମ୍ରାଜ୍ୟ । ଏକ ଶ୍ୱାସରୁଦ୍ଧକାରୀ ଏବଂ ରୋମାଞ୍ଚକର ଫାଇନାଲ୍ ମ୍ୟାଚ୍‌ରେ ଭାରତୀୟ ମହିଳା କବାଡ଼ି ଦଳ ଏହାର ଚିରପ୍ରତିଦ୍ୱନ୍ଦ୍ୱୀ ଇରାନକୁ ୩୭-୩୦ ପଏଣ୍ଟ ବ୍ୟବଧାନରେ ପରାସ୍ତ କରି ଚଳିତ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିଛି । ଏହି ଗୌରବମୟ ବିଜୟ ସହ ଭାରତୀୟ ମହିଳା ଦଳ ଏସୀୟ କ୍ରୀଡ଼ାରେ ନିଜର ଚାମ୍ପିଅନ୍ ଆଖ୍ୟାକୁ ସଫଳତାର ସହ ବଜାୟ ରଖିଛି । ମ୍ୟାଚ୍ ଆରମ୍ଭରୁ ହିଁ ଭାରତୀୟ ଖେଳାଳିମାନେ ଅତ୍ୟନ୍ତ ଆକ୍ରମଣାତ୍ମକ ରଣନୀତି ଆପଣାଇଥିଲେ ।

### ଚିର ପ୍ରତିଦ୍ୱନ୍ଦ୍ୱୀ ଇରାନକୁ ଧୂଳି ଚଟାଇଲା ଭାରତ

ଦଳର ରେଡର୍ ଏବଂ ଡିଫେଣ୍ଡରମାନେ ଚମତ୍କାର ତାଳମେଳ ରଖି ପ୍ରତିପକ୍ଷ ଇରାନ ଦଳକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ । ଚମତ୍କାର ରାଇଡିଂ ବଳରେ ଭାରତୀୟ ଦଳ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ୨୨-୧୬ ପଏଣ୍ଟରେ ଏକ ମଜବୁତ ଅଗ୍ରଣୀ ହାସଲ କରିସାରିଥିଲା । ବିରତି ପରେ ଇରାନ ଦଳ ରଣନୀତି ବଦଳାଇ ମୈଦାନକୁ ଓହ୍ଲାଇଥିଲା । ଇରାନର ଖେଳାଳିମାନେ କ୍ରମାଗତ ଭାବେ ପଏଣ୍ଟ ହାସଲ କରି ଭାରତ ଉପରେ ପ୍ରବଳ ଚାପ ସୃଷ୍ଟି କରିଥିଲେ । ମ୍ୟାଚ୍ ଶେଷ ହେବାକୁ ଆଉ ମାତ୍ର କିଛି ମିନିଟ୍ ବାକି ଥିବାବେଳେ ଇରାନ ପଏଣ୍ଟ ବ୍ୟବଧାନକୁ ମାତ୍ର ୧ ପଏଣ୍ଟକୁ କମାଇ ଆଣିଥିଲା, ଯାହା ଫଳରେ ଗ୍ରାଉଣ୍ଡରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିଲା । ଏଭଳି ସଂକଟ ସମୟରେ ଭାରତୀୟ ଅଧିନାୟିକା ପୁଷ୍ପା ରାଣା ଧୈର୍ଯ୍ୟ ନହରାଇ ଦଳକୁ ଏକାଠି କରିଥିଲେ । ସଞ୍ଜୁ ଦେବୀ, ନିକିତା ଏବଂ ପୂଜାଙ୍କ ଶେଷ ମୁହୂର୍ତ୍ତର ଦୁଇଟି ସଫଳ ରାଇଡ୍ ଏବଂ ସୁପର ଟ୍ୟାକଲ୍ ଭାରତକୁ ପୁଣି ଆଗୁଆ କରିଦେଇଥିଲା । ଶେଷ ବୁଜର ବାଜିବା ବେଳକୁ ଭାରତ ୩୭-୩୪ରେ ମ୍ୟାଚ୍ ଜିତି ସ୍ୱର୍ଣ୍ଣ ପଦକ ନିଜ ନାମରେ କରିନେଇଥିଲା । ମହିଳା ଦଳର ଏହି ସ୍ୱର୍ଣ୍ଣିମ ସଫଳତା ପରେ ଏବେ ସମସ୍ତଙ୍କ ନଜର ଭାରତୀୟ ପୁରୁଷ କବାଡ଼ି ଦଳ ଉପରେ ରହିଛି । ସୁନୀଲ କୁମାରଙ୍କ ନେତୃତ୍ୱରେ ପୁରୁଷ ଦଳ ମଧ୍ୟ ଆଜି ଫାଇନାଲ୍ ମ୍ୟାଚ୍‌ରେ ଇରାନକୁ ଭେଟିବାକୁ ଯାଉଛି । ଯଦି ପୁରୁଷ ଦଳ ବିଜୟୀ ହୁଏ, ତେବେ କବାଡ଼ିରେ ଭାରତ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଜିତି ଆଉ ଏକ କୀର୍ତ୍ତିମାନ ସ୍ଥାପନ କରିବ ।

## ଗ୍ରୁପ୍-ଏ ମ୍ୟାଚ୍‌ରେ ନେପାଳ-ଆଫଗାନିସ୍ତାନ କଡ଼ା ଟକ୍କର




**ଏସୀୟ କ୍ରୀଡ଼ା କ୍ରିକେଟ୍**
- ✦ କ୍ୱାର୍ଟର ଫାଇନାଲ୍ ଟିକେଟ୍ ପାଇଁ ଗୁରୁତ୍ୱପୂର୍ଣ୍ଣ ଲଢ଼େଇ
- ✦ ଟସ୍ ଜିତି ବ୍ୟାଟିଂ କଲା ଆଫଗାନିସ୍ତାନ
- ✦ ଆଫଗାନିସ୍ତାନକୁ ପ୍ରାରମ୍ଭିକ ଝଟକା, ନେପାଳର ଦୃଢ଼ ବୋଲିଂ

ନିସ୍ସିନ (ଜାପାନ), ୨୬/୦୯ : ଜାପାନର ଆଇଚି-ନାଗୋୟାରେ ଚାଲିଥିବା ୨୦ତମ ଏସୀୟ କ୍ରୀଡ଼ାର ପୁରୁଷ ଟି-୨୦ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ଏକ ହାଇଭୋଲ୍ଟେଜ୍ ମ୍ୟାଚ୍ ଦେଖିବାକୁ ମିଳିଛି. ଆଇଚି ପ୍ରିଫେକ୍ଚୁରାଲ୍ କୋରୋଗି ସ୍ପୋର୍ଟ୍ସ ପାର୍କ ପଡ଼ିଆରେ ଖେଳାଯାଉଥିବା ଗ୍ରୁପ୍-ଏ ର ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଆଫଗାନିସ୍ତାନ ଏବଂ ନେପାଳ ମଧ୍ୟରେ ଜୋରଦାର ଲଢ଼େଇ ଜାରି ରହିଛି । ଆଜି ସକାଳେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଆଫଗାନିସ୍ତାନ ଦଳର ଅଧିନାୟକ ଦରୱିଶ୍ ରସୁଲି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛନ୍ତି. ଅପରପକ୍ଷରେ, ଦୀପେନ୍ଦ୍ର ସିଂ ଆଇରିଙ୍କ ନେତୃତ୍ୱରେ ନେପାଳ ଦଳ ପ୍ରଥମେ ବୋଲିଂ କରୁଛି ।

ପ୍ରଥମେ ବ୍ୟାଟିଂ କରିବାକୁ ଓହ୍ଲାଇଥିବା ଆଫଗାନିସ୍ତାନ ଦଳକୁ ପ୍ରାରମ୍ଭରୁ ହିଁ ନେପାଳ ବୋଲରମାନେ ବାନ୍ଧି ରଖିବାରେ ସଫଳ ହୋଇଛନ୍ତି । ନେପାଳର ତାରକା ସ୍ପିନର ଲଳିତ ରାଜବଂଶୀ ନିଜର ପ୍ରଥମ ଓଭରରେ ହିଁ ଆଫଗାନିସ୍ତାନର ଓପନିଂ ବ୍ୟାଟ୍ସମ୍ୟାନ୍‌ଙ୍କୁ ଆଉଟ୍ କରି ଭାରତୀୟ ସମୟ ସକାଳ ପ୍ରାୟ ୧୦ଟା ୩୫ ସୁଦ୍ଧା ପ୍ରଥମ ବଡ଼ ସଫଳତା ଦେଇଛନ୍ତି. ମ୍ୟାଚ୍‌ର ପ୍ରଥମ ୨ ଓଭର ଶେଷ ସୁଦ୍ଧା ଆଫଗାନିସ୍ତାନ ୧ ୱିକେଟ୍ ହରାଇ ୧୦ ରନ ସଂଗ୍ରହ କରି କ୍ରିଜ୍‌ରେ ସଂଘର୍ଷ କରୁଛି. ବର୍ତ୍ତମାନ ୱାସିମ୍ ଆକ୍ରମ ଏବଂ କରିମ ଜନତ ବ୍ୟାଟିଂ ଜାରି ରଖି ଦଳୀୟ ସ୍କୋରକୁ ଆଗକୁ ବଢ଼ାଇବାକୁ ଚେଷ୍ଟା କରୁଛନ୍ତି ।

ଏସୀୟ କ୍ରୀଡ଼ାର ନିୟମ ଅନୁଯାୟୀ, ଗ୍ରୁପ୍ ପର୍ଯ୍ୟାୟର ଶୀର୍ଷ ଦୁଇଟି ଦଳ କ୍ୱାର୍ଟର ଫାଇନାଲ୍‌କୁ ଯୋଗ୍ୟତା ଅର୍ଜନ କରିବେ, ଯେଉଁଠାରେ ସେମାନେ ଭାରତ, ପାକିସ୍ତାନ, ବାଂଲାଦେଶ ଏବଂ ଶ୍ରୀଲଙ୍କା ଭଳି ସିଡେଡ୍ ଦଳଗୁଡ଼ିକ ସହ ମୁହାଁମୁହିଁ ହେବେ. ଆଫଗାନିସ୍ତାନ ନିଜର ପ୍ରଥମ ମ୍ୟାଚ୍‌ରେ ଆୟୋଜକ ଜାପାନକୁ ୪୮ ରନରେ ପରାସ୍ତ କରି ସୁଦୃଢ଼ ସ୍ଥିତିରେ ରହିଛି. ଅନ୍ୟପଟେ ନେପାଳ ଚଳିତ ଏସୀୟ କ୍ରୀଡ଼ାରେ ଆଜି ତା'ର ପ୍ରଥମ ମ୍ୟାଚ୍ ଖେଳୁଥିବାରୁ, କ୍ୱାର୍ଟର ଫାଇନାଲ ଦୌଡ଼ରେ ରହିବା ପାଇଁ ନେପାଳ ପାଇଁ ଆଜିର ମ୍ୟାଚ୍ ଜିତିବା ଅତ୍ୟନ୍ତ ଜରୁରୀ । ଉଭୟ ଦଳରେ ଅନେକ ଆନ୍ତର୍ଜାତୀୟ ଅଭିଜ୍ଞତା ସମ୍ପନ୍ନ ଖେଳାଳି ଥିବାରୁ ଏହି ମ୍ୟାଚ୍‌ଟି ଶେଷ ଓଭର ପର୍ଯ୍ୟନ୍ତ ବେଶ୍ ରୋମାଞ୍ଚକର ହେବ ବୋଲି ଆଶା କରାଯାଉଛି ।

## ବ୍ରିଟ୍ସକେଙ୍କ ଦମଦାର ଶତକ
### ଅଷ୍ଟ୍ରେଲିଆକୁ ୬୭ ରନରେ ହରାଇଲା ଦକ୍ଷିଣ ଆଫ୍ରିକା


ପ୍ରଥମ ଦିନିକିଆ

ଡର୍ବାନ,୨୬/୦୯ : ଘରୋଇ ଦକ୍ଷିଣ ଆଫ୍ରିକା ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଏକ ଚମତ୍କାର ବିଜୟ ହାସଲ କରିଛି । ଡର୍ବାନର କିଙ୍ଗସମିଡ୍ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଅଷ୍ଟ୍ରେଲିଆକୁ ୬୭ ରନରେ ପରାସ୍ତ କରି ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୧-୦ ରେ ଅଗ୍ରଣୀ ଲାଭ କରିଛି । ଦଳର ଏହି ପ୍ରଭାବଶାଳୀ ବିଜୟର ମୁଖ୍ୟ ନାୟକ ସାଜିଛନ୍ତି ଷ୍ଟାର୍ ବ୍ୟାଟ୍ସମ୍ୟାନ୍ ମାଥ୍ୟୁ ବ୍ରିଟ୍ସକେ ଏବଂ ଅଭିଜ୍ଞ ସ୍ପିନର କେଶବ ମହାରାଜ ।

ମ୍ୟାଚ୍‌ରେ ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ଦଳ ପ୍ରାରମ୍ଭିକ ୱିକେଟ୍ ହରାଇ ସଙ୍କଟରେ ପଡ଼ିଥିବା ବେଳେ ମାଥ୍ୟୁ ବ୍ରିଟ୍ସକେ ଏକ ଦାୟିତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ । ସେ ମାତ୍ର ୧୧୨ ବଲରୁ ୭ଟି ଚୌକା ଓ ୪ଟି ଛକା ସହାୟତାରେ ୧୦୪ ରନର ଏକ ଚମତ୍କାର ଶତକୀୟ ଇନିଂସ ଖେଳି ଦଳକୁ ଏକ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ । ତାଙ୍କୁ ମଧ୍ୟକ୍ରମରେ ହେନ୍ରିକ୍ କ୍ଲାସେନ୍ (୪୮ ରନ) ସହଯୋଗ କରିଥିଲେ । ନିର୍ଦ୍ଧାରିତ ୫୦ ଓଭରରେ ଦକ୍ଷିଣ ଆଫ୍ରିକା ୮ ୱିକେଟ୍ ହରାଇ ୨୮୫ ରନର ଏକ ବୃହତ୍ ସ୍କୋର ଛିଡ଼ା କରିଥିଲା । ଅଷ୍ଟ୍ରେଲିଆ ପକ୍ଷରୁ ସ୍ପିନର କୁପର କୋନୋଲି ସର୍ବାଧିକ ୩ଟି ୱିକେଟ୍ ଅକ୍ତିଆର କରିଥିଲେ ।

୨୮୬ ରନର ବିଜୟଲକ୍ଷ୍ୟକୁ ପିଛା କରୁଥିବା ଅଷ୍ଟ୍ରେଲୀୟ ଦଳ ଆରମ୍ଭରୁ ହିଁ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇ ଚାପରେ ପଡ଼ିଯାଇଥିଲା । ଓପନର ଟ୍ରାଭିସ୍ ହେଡ୍ (୪୨ ରନ) ଏବଂ ମିଚେଲ୍ ମାର୍ଶ (୩୫ ରନ) ଦଳକୁ ଭଲ ଆରମ୍ଭ

### ମହାରାଜଙ୍କ ସ୍ପିନ୍ ଯାଦୁରେ ଧରାଶାୟୀ କଙ୍ଗାରୁ ଦଳ

ଦେଇଥିଲେ ମଧ୍ୟ ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲେ । ଦକ୍ଷିଣ ଆଫ୍ରିକାର ବାମହାତୀ ସ୍ପିନର କେଶବ ମହାରାଜ କଙ୍ଗାରୁ ବ୍ୟାଟ୍ସମ୍ୟାନ୍‌ମାନଙ୍କୁ ନିଜ ସ୍ପିନ୍ ଜାଲରେ ବାନ୍ଧି ରଖିଥିଲେ । ସେ ମାତ୍ର ୩୨ ରନ ଦେଇ ୪ଟି ଗୁରୁତ୍ୱପୂର୍ଣ୍ଣ ୱିକେଟ୍ ଚଟକାଇ ଅଷ୍ଟ୍ରେଲିଆର ମେରୁଦଣ୍ଡ ଭାଙ୍ଗି ଦେଇଥିଲେ । ସମ୍ପୂର୍ଣ୍ଣ ଅଷ୍ଟ୍ରେଲୀୟ ଦଳ ୪୪.୨ ଓଭରରେ ମାତ୍ର ୨୧୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ଶତକୀୟ ଇନିଂସ ପାଇଁ ମାଥ୍ୟୁ ବ୍ରିଟ୍ସକେଙ୍କୁ 'ପ୍ଲେୟାର ଅଫ୍ ଦି ମ୍ୟାଚ୍' ଘୋଷଣା କରାଯାଇଛି । ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ରବିବାର ପୋଚେଫଷ୍ଟ୍ରୁମ୍‌ଠାରେ ଖେଳାଯିବ ।

## ଜାପାନକୁ ୩-୧ରେ ହରାଇ ସେମି ଫାଇନାଲ୍‌ରେ ଭାରତୀୟ ମହିଳା ହକି ଦଳ



ନାଗୋୟା (ଜାପାନ),୨୬/୦୯ : ଏସିଆନ୍ ଗେମ୍ସ ୨୦୨୬ରେ ଭାରତୀୟ ମହିଳା ହକି ଦଳ ନିଜର ଦମଦାର ପ୍ରଦର୍ଶନ ଜାରି ରଖି ସେମିଫାଇନାଲ୍‌ରେ ପ୍ରବେଶ କରିଛି । ଆଜି ଅନୁଷ୍ଠିତ ଏକ ରୋମାଞ୍ଚକର କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଭାରତୀୟ ଦଳ ଘରୋଇ ଜାପାନକୁ ୩-୧ ଗୋଲ୍‌ରେ ପରାସ୍ତ କରି ପଦକ ଆଶା ଉଜ୍ଜୀବିତ ରଖିଛି । ମ୍ୟାଚ୍ ଆରମ୍ଭରୁ ହିଁ ଭାରତୀୟ ଖେଳାଳିମାନେ ଆକ୍ରମଣାତ୍ମକ ଶୈଳୀ ଆପଣାଇଥିଲେ । ଦଳ ପକ୍ଷରୁ ପ୍ରଥମ କ୍ୱାର୍ଟରରେ ହିଁ ଏକ ଚମତ୍କାର ମେଦାନୀ ଗୋଲ୍ ଦେଇ ଭାରତକୁ ୧-୦ରେ ଆଗୁଆ କରିଥିଲେ ଷ୍ଟ୍ରାଇକର ବନ୍ଦନା କାଟାରିଆ । ଦ୍ୱିତୀୟ କ୍ୱାର୍ଟରରେ ଭାରତୀୟ ଦଳକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଦଳର ଉପ-ଅଧିନାୟିକା ତଥା ଡ୍ରାଗ୍ ଫ୍ଲିକର ଦୀପ୍ ଗ୍ରେସ୍ ଏକ୍କା ଏକ ଚମତ୍କାର ଗୋଲ୍‌ରେ ପରିଣତ କରି ବ୍ୟବଧାନକୁ ୨-୦ କରିଥିଲେ । ତୃତୀୟ କ୍ୱାର୍ଟରରେ ଜାପାନ ଦଳ ଓଲଟା ଆକ୍ରମଣ କରି ଗୋଟିଏ ଗୋଲ୍ ପରିଶୋଧ କରିବାରେ ସଫଳ ହୋଇଥିଲା । ଏହା ସହିତ ସ୍କୋର ୨-୧ ହୋଇଥିଲା ଏବଂ ମ୍ୟାଚ୍‌ରେ ଉତ୍ତେଜନା ପ୍ରକାଶ ପାଇଥିଲା । ଶେଷ କ୍ୱାର୍ଟରରେ ଭାରତୀୟ ଡିଫେନ୍ସ ଜାପାନର ସମସ୍ତ ଆକ୍ରମଣକୁ ବିଫଳ କରି ଦେଇଥିଲା ।



### ଏସୀୟ କ୍ରୀଡ଼ା | ସ୍କ୍ୱାଶ୍‌ରେ ଭାରତର ପଦକ ଆଶା ଉଜ୍ଜୀବିତ
## କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କଲେ ଜୋସ୍ନା ଓ ଅନାହତ

ନାଗୋୟା (ଜାପାନ), ୨୬/୦୯ : ଜାପାନର ଆଇଚି-ନାଗୋୟାରେ ଚାଲିଥିବା ୨୦ତମ ଏସୀୟ କ୍ରୀଡ଼ାରେ ଭାରତୀୟ ସ୍କ୍ୱାଶ୍ ତାରକାମାନେ ଆଜି ଚମତ୍କାର ପ୍ରଦର୍ଶନ କରିଛନ୍ତି । ନିଜ ନିଜର ପ୍ରାରମ୍ଭିକ ମ୍ୟାଚ୍‌ରେ ପ୍ରତିପକ୍ଷଙ୍କୁ ସହଜରେ ପରାସ୍ତ କରି ଭାରତୀୟ ଖେଳାଳିମାନେ କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିବା ସହ ଦେଶ ପାଇଁ ଆଉ କିଛି ପଦକ ପକ୍କା କରିବା ଦିଗରେ ଦୃଢ଼ ପଦକ୍ଷେପ ନେଇଛନ୍ତି । ଆଜି ସକାଳେ ଅନୁଷ୍ଠିତ ମିକ୍ସଡ୍ ଡବଲ୍ସ ଇଭେଣ୍ଟରେ ଭାରତର ଅଭିଜ୍ଞ ମହିଳା ଖେଳାଳି ଜୋସ୍ନା ଚିନାପ୍ପା ଏବଂ ଭେଲାଭାନ ସେନ୍ଥିଲକୁମାରଙ୍କ ଯୋଡ଼ି କୋର୍ଟରେ ଝଡ଼ ସୃଷ୍ଟି କରିଥିଲେ । ଏକ ରୋମାଞ୍ଚକର ମ୍ୟାଚ୍‌ରେ ଏହି ଭାରତୀୟ ଯୋଡ଼ି ଦକ୍ଷିଣ କୋରିଆର ପ୍ରତିଦ୍ୱନ୍ଦ୍ୱୀଙ୍କୁ ୧୧-୮, ୧୧-୯ ରେ ସିଧାସଳଖ ଗେମ୍‌ରେ ପରାସ୍ତ କରି କ୍ୱାର୍ଟର ଫାଇନାଲ୍ ଟିକେଟ୍ ହାସଲ କରିଛନ୍ତି । ଜୋସ୍ନାଙ୍କ କୋର୍ଟ କଭରେଜ୍ ଏବଂ ଭେଲାଭାନଙ୍କ ଶକ୍ତିଶାଳୀ ଶଟ୍ ଆଜି କୋରିଆ ଦଳ ପାଖରେ କୌଣସି ଜବାବ ନଥିଲା ।

ଅପରପକ୍ଷରେ, ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ମଧ୍ୟ ଭାରତକୁ ଦ୍ୱିଗୁଣିତ ସଫଳତା ମିଳିଛି । ଭାରତର ଉଦୀୟମାନ ଖେଳାଳି ଅନାହତ ସିଂ ଏବଂ ପ୍ରତିଭାବାନ ତନଭୀ ଖାନ୍ନା ନିଜ ନିଜର ପ୍ରି-କ୍ୱାର୍ଟର ଫାଇନାଲ୍ ମ୍ୟାଚ୍ ଜିତି କ୍ୱାର୍ଟର ଫାଇନାଲ୍‌ରେ ପହଞ୍ଚିଛନ୍ତି । ମାତ୍ର ୧୮ ବର୍ଷୀୟା ଅନାହତ ସିଂ ଜାପାନର ସ୍ଥାନୀୟ ଖେଳାଳିଙ୍କୁ ମାତ୍ର ୨୦ ମିନିଟ୍ ମଧ୍ୟରେ ୧୧-୫, ୧୧-୩, ୧୧-୪ ରେ ଧୂଳି ଚଟାଇଥିବା ବେଳେ, ତନଭୀ ଖାନ୍ନା ହଂକଂର ପ୍ରତିଦ୍ୱନ୍ଦ୍ୱୀଙ୍କୁ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ୩-୧ ଗେମ୍‌ରେ ପରାସ୍ତ କରିଛନ୍ତି । ଆଜି ଅପରାହ୍ନରେ ଏହି ସମସ୍ତ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍ ଗୁଡ଼ିକ ଖେଳାଯିବ । ସ୍କ୍ୱାଶ୍ ନିୟମ ଅନୁଯାୟୀ ସେମି ଫାଇନାଲ୍‌ରେ ପହଞ୍ଚିଲେ ଅତିକମରେ ବ୍ରୋଞ୍ଜ ପଦକ ନିଶ୍ଚିତ ହେଉଥିବାରୁ, ଆଜିର ମ୍ୟାଚ୍ ଜିତି ଭାରତୀୟ ଖେଳାଳିମାନେ ଦେଶ ପାଇଁ ପଦକ ସୁରକ୍ଷିତ କରିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବେ ।

## 'ମୋଦିଙ୍କ ଅଫିମ ଖିଆ ଅନ୍ଧ ଭକ୍ତ'

### 'କଥା ସ୍ୱାଭିମାନର ବିଚାର ଆପଣଙ୍କର'


ସାରଦା ପ୍ରସନ୍ନ ସ୍ୱାଇଁ
ସାଧାରଣ ସମ୍ପାଦକ
ଜନ ଜାଗରଣ

ଆମ ସରକାର, ଡ଼ିଜିଟାଲ୍ ନେଣଦେଣ ଉପରେ ଏମ୍‌ଡିଆର୍ ଚାର୍ଜ ଲାଗୁ କରିବା ପରେ ସାରା ଦେଶରେ ଏକ ଅସ୍ୱାଭବିକ ପରିସ୍ଥିତି ସୃଷ୍ଟି ହୋଇଛି । ନାନା କଳପନା ଜଳ୍ପନା ମନରେ ଉଙ୍କି ମାରୁଛି । ଯାହାର ପ୍ରଭାବ ଛୋଟ ବେପାରୀଙ୍କଠାରୁ ଆରମ୍ଭ କରି ବଡ଼ ବଡ଼ ବେପାରୀଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ମଧ୍ୟ ପାଲଟିଛି । ଉଭୟ ଗ୍ରାହକ ଓ ବ୍ୟବସାୟୀଙ୍କ ପାଇଁ ଏହି ବ୍ୟବସ୍ଥା ଅତ୍ୟନ୍ତ ଅସହ୍ୟ ହୋଇ ପଡ଼ିଛି । ଏଥିପାଇଁ ଦେଶବାସୀ ବା ଦେଶର ସାଧାରଣ ନାଗରିକମାନେ କେତେ ଯେ ହଇରାଣ ଓ ଅସୁବିଧାର ସମ୍ମୁଖୀନ ହେବେ ତାହା କଳ୍ପନା କଲେ ମୁଣ୍ଡ ଘୁରାଇ ଦେଉଛି । ଏହା ଖୋଲାଖୋଲି ସରକାରଙ୍କ ଏକ ସୁସଂଗଠିତ ଲୁଟର ବ୍ୟବସ୍ଥା ।

ଆପଣ ମାନେ ଜାଣିଥିବେ, ଆଗ କାଳରେ ଘରେ ସବୁ ଶୁଆ ବା ଶାରୀ ରଖୁଥିଲେ ଏବଂ ସେମାନଙ୍କୁ ନିଜ ଆୟତ୍ତରେ ରଖିବା ପାଇଁ ତାଙ୍କୁ ଖାଦ୍ୟରେ ଅଫିମ ନାମକ ମାଦକ ଦ୍ରବ୍ୟ ଦଉଥିଲେ । ଯାହା ଫଳରେ ସେ ଶୁଆ ବା ଶାରୀଟି ଠିକ୍ ସମୟରେ ସେ ତାର ମାଲିକ ଘରକୁ ଫେରି ଆସୁଥିଲା । ଠିକ୍ ସେହି ଭଳି ଏଇ ସରକାର ପ୍ରଥମେ ସମସ୍ତଙ୍କୁ 'ଡ଼ିଜିଟାଲ୍ ହୁଅ ଦେଶର ବିକାଶରେ ସାମିଲ ହୁଅ'ର ନାରା ଦେଇ ଧୀରେ ଧୀରେ ଡ଼ିଜିଟାଲ୍ ନାମକ ଭୂତାଣୁକୁ ଇଞ୍ଜେକସନ ମାଧ୍ୟମରେ ଆମ ଶିରା ପ୍ରଶିରାରେ ପୁରେଇ ଦେଲା ପରେ ଏବେ ଏମ୍‌ଡ଼ିଆର୍ ଚାର୍ଜ ଲାଗୁ କରି ଦେଲେ ।

ଇଏ ହେଉଛି ଏକ ମାତ୍ର ଉଦାହରଣ କିନ୍ତୁ ଏଇଭଳି ଅନେକ ବ୍ୟବସ୍ଥା ଭିତରେ ସରକାର ଆମ ମାନଙ୍କୁ ଭୁଆଁ ବୁଲାଇ ଧୀରେ ଧୀରେ ପୂରେଇ ସାରିଲା ପରେ ଏକ ଶକ୍ତ ଆଘାତ ଦେଉଛନ୍ତି , ଆମେ ତାହା ଜାଣି ପାରୁନେ । ତେଣୁ ସମୟ ଥାଉ ଥାଉ ଏବେ ଆମେମାନେ ସଚେତନ ହୋଇଯିବା ଦରକାର । ଆମେ ଜାଣିବା ଓ ସମାଜକୁ ଜଣେଇବା ଦରକାର ଯେ, ଆମ ସରକାର ଆମର ନୁହେଁ କେବଳ କର୍ପୋରେଟ ହାଉସ୍‌ବାଲାଙ୍କ କଥାରେ ପରିଚାଳିତ । ଆମ ସରକାରଙ୍କ ମୂଳ ଲକ୍ଷ୍ୟ ହେଲା, ଦୁଇ ଗୁଜରାଟୀ ଭାରତକୁ ବିକିବେ ଏବଂ ଅନ୍ୟ ଦୁଇଜଣ ଗୁଜରାଟୀ ଭାରତକୁ କିଣିବେ ଓ ଶେଷରେ ସମସ୍ତେ ମିଳିମିଶି ଲୁଟିବେ ।

ମୁଁ ପୁଣି ଥରେ କହୁଛି କି ଆସ ମୋର ଯୁବ ସମାଜ, 'ଆମେ ଏକାଠି ହେବା ଆମ ଓଡ଼ିଶା ଆମେ ଗଢ଼ିବା' । ଜନ ଜାଗରଣ ଅଭିଯାନ ଏକ ବୈପ୍ଳବିକ ପରିବର୍ତ୍ତନର ଆହ୍ୱାନ । ଆମର ଲକ୍ଷ ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ ଲଢ଼ିବା ଓ ଜିତିବା ।

"ବିପ୍ଳବ ଆଣିବା – ବିକଳ୍ପ ବାଛିବା – ବିକାଶ କରିବା"

Published by Sarada Prasanna Swain, at Aitalanga, Athantar, Near Narayani Temple, Bbsr, Khordha, Odisha-752102 and Owned by Sri Bijay Kumar Patnaik at Plot No-492, K1, Kalinga Nagar, Ghatikia, Bhubaneswar,Khordha,Odisha 751003, and Printed by Lalat Kishore Bhanj , Mayur Printers, Plot No-D1/1, Section-A, Zone-D, Mancheswar Industrial Estate, Khordha, Odhisha-752102,
Ph- 0674-3573358, Email-janabartadigital@gmail.com

ସମ୍ପାଦକ: ଶୁଭେନ୍ଦୁ ରାୟ ମହାପାତ୍ର
Editor: Suvendu Ray Mohapatra